# ଶ୍ରାବଣ ମାସରେ ସାପ ଅଧିକ ଦେଖାଯାଉଥିବାର ପ୍ରକୃତ କାରଣ କ'ଣ ?








ସାପମାନେ ସାଧାରଣତଃ ଗାତ, କୋରଡ଼, ଘାସ ଏବଂ ନଡ଼ା ମଧ୍ୟରେ ଲୁଚି ରହନ୍ତି । ଶ୍ରାବଣ ମାସରେ ପ୍ରବଳ ବର୍ଷା ହେବାରୁ ଏହି ଗାତଗୁଡ଼ିକ ପାଣିରେ ପୂର୍ଣ୍ଣ ହୋଇଯାଏ। ଫଳରେ ସାପମାନେ ଆଶ୍ରୟ ଛାଡ଼ି ବାହାରକୁ ଆସିବାକୁ ବାଧ୍ୟ ହୁଅନ୍ତି। ସେଥିପାଇଁ ବର୍ଷା ଋତୁରେ ବା ଏହି ମାସରେ କ୍ଷେତ, ରାସ୍ତା ଏବଂ ଘର ଆଖପାଖରେ ସେମାନଙ୍କୁ ଅଧିକ ଦେଖିବାକୁ ମିଳେ। ସାପ ହେଉଛନ୍ତି ଥଣ୍ଡା ରକ୍ତ ବିଶିଷ୍ଟ ପ୍ରାଣୀ। ଗ୍ରୀଷ୍ମର ଅତ୍ୟଧିକ ଗରମରେ ସେମାନେ ଅଧିକାଂଶ ସମୟ ଲୁଚି ରହନ୍ତି। କିନ୍ତୁ ବର୍ଷା ଋତୁରେ ତାପମାତ୍ରା କମିବା ଏବଂ ଆର୍ଦ୍ରତା ବଢ଼ିବା ସାପଙ୍କ ସକ୍ରିୟତା ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରେ। ତେଣୁ ଏହି ସମୟରେ ସେମାନେ ଅଧିକ ବାହାରେ ବୁଲୁଥିବା ଦେଖାଯାଆନ୍ତି। ବର୍ଷା ଋତୁରେ ବେଙ୍ଗ, ମୂଷା ଏବଂ କୀଟପତଙ୍ଗ ଭଳି ଛୋଟ ପ୍ରାଣୀଙ୍କ ସଂଖ୍ୟା ବଢ଼ିଯାଏ। ଏଗୁଡ଼ିକ ସାପଙ୍କ ପ୍ରମୁଖ ଖାଦ୍ୟ ହୋଇଥିବାରୁ ଖାଦ୍ୟ ସନ୍ଧାନରେ ସାପମାନେ ବାହାରକୁ ଆସନ୍ତି। ଅନେକ ବିଶେଷଜ୍ଞଙ୍କ ମତରେ, ବର୍ଷା ଋତୁ କିଛି ସାପ ପ୍ରଜାତିର ପ୍ରଜନନ ସମୟ ମଧ୍ୟ ହୋଇଥାଏ। ସାଥୀ ଖୋଜିବା ପାଇଁ ସେମାନଙ୍କ ଚଳପ୍ରଚଳ ବଢ଼ିଯାଏ। ଶ୍ରାବଣ ମାସରେ ନାଗ ପଞ୍ଚମୀ ପାଳନ କରାଯାଏ। ଏହି ଦିନ ସର୍ପ ଦେବତାଙ୍କ ପୂଜା କରିବା ଏବଂ କ୍ଷୀର ଅର୍ପଣ କରିବାର ପରମ୍ପରା ରହିଛି। ବିଶ୍ୱାସ ଅଛି, ଏହା ଦ୍ୱାରା ସର୍ପକାମୁଡ଼ାର ଭୟ ଦୂର ହେବା ସହ ପରିବାରରେ ସୁଖ ଓ ସମୃଦ୍ଧି ଆସେ। ଏହି ଧାର୍ମିକ ବିଶ୍ୱାସ ସାପ ସହ ଶ୍ରାବଣର ସମ୍ପର୍କକୁ ଆହୁରି ଦୃଢ଼ କରିଛି। ବନ୍ୟପ୍ରାଣୀ ବିଶେଷଜ୍ଞଙ୍କ ମତରେ, ଶ୍ରାବଣରେ ସାପ ଅଧିକ ଦେଖାଯିବା ଏକ ସମ୍ପୂର୍ଣ୍ଣ ପ୍ରାକୃତିକ ଓ ଋତୁକାଳୀନ ଆଚରଣ। ଏହା ସିଧାସଳଖ ବର୍ଷା, ଆର୍ଦ୍ରତା ଏବଂ ଖାଦ୍ୟର ଉପଲବ୍ଧତା ସହ ଜଡ଼ିତ। ତେଣୁ ଏହି ସମୟରେ ଘର ଆଖପାଖ ସଫାସୁତୁରା ରଖନ୍ତୁ, ଗାତ ଓ ଫାଟ ବନ୍ଦ କରନ୍ତୁ। ଯଦି ସାପ ଦେଖନ୍ତି, ନିଜେ ଧରିବାକୁ ଚେଷ୍ଟା ନକରି ବନ ବିଭାଗ କିମ୍ବା ସାପ ଉଦ୍ଧାରକାରୀ ଦଳକୁ ସୂଚନା ଦିଅନ୍ତୁ।

## ମହାଦେବଙ୍କ ପ୍ରିୟ ଶ୍ରାବଣ ମାସ



ହିନ୍ଦୁ ପଞ୍ଜାଙ୍ଗ ଅନୁସାରେ ଶ୍ରାବଣ ହେଉଛି ବର୍ଷର ପଞ୍ଚମ ମାସ । ଏହି ସମ୍ପୂର୍ଣ୍ଣ ମାସଟି ଭଗବାନ ଶିବଙ୍କ ଭକ୍ତି ପାଇଁ ଅତ୍ୟନ୍ତ ପବିତ୍ର ଏବଂ ମହାଦେବଙ୍କ କୃପାଲାଭର ସବୁଠାରୁ ଶୁଭ ଅବସର ଭାବେ ବିବେଚନା କରାଯାଏ । ଦ୍ରିକ ପଞ୍ଜାଙ୍ଗ ଅନୁସାରେ, ବର୍ଷ ୨୦୨୬ରେ ଶ୍ରାବଣ ମାସ ଆସକାଲି ଅର୍ଥାତ୍ ଜୁଲାଇ ୩୦ରୁ ଆରମ୍ଭ ହେଉଥିବା ବେଳେ ଅଗଷ୍ଟ ୨୮ ତାରିଖ ଶ୍ରାବଣ ପୂର୍ଣ୍ଣିମା ଦିନ ଏହାର ଶେଷ ହେବ । ଶ୍ରାବଣ ମାସରେ ଶିବ ଭକ୍ତି ସହିତ ଖାଦ୍ୟପେୟ, ଆଚରଣ ଏବଂ ଜୀବନଶୈଳୀ ପ୍ରତି ମଧ୍ୟ ବିଶେଷ ଧ୍ୟାନ ଦେବାକୁ କୁହାଯାଇଥାଏ । ଏହି ମାସରେ କେତେକ ନିୟମ ପାଳନ କରିବା ଏବଂ କିଛି କଥାରୁ ଦୂରେଇ ରହିବା ପାଇଁ ପରାମର୍ଶ ଦିଆଯାଇଥାଏ ।

### ଶ୍ରାବଣ ମାସରେ ଏସବୁଠାରୁ ଦୂରେଇ ରୁହନ୍ତୁ

**ତାମସିକ ଖାଦ୍ୟର ବର୍ଜନ:** ଶ୍ରାବଣର ପବିତ୍ର ମାସରେ ପିଆଜ, ରସୁଣ, ଆମିଷ ଏବଂ ମଦ୍ୟପାନ ନ କରିବାକୁ ପରାମର୍ଶ ଦିଆଯାଇଛି । ଏହାଛଡ଼ା ଏହି ମାସରେ ବିଶେଷ ଭାବରେ ବାଇଗଣ ନ ଖାଇବାକୁ ମଧ୍ୟ କୁହାଯାଇଥାଏ ।

**କ୍ରୋଧ ଏବଂ ଝଗଡ଼ା:** ଶିବ ଭକ୍ତିର ଏହି ପବିତ୍ର ମାସରେ ଅଶାଳୀନ ଭାଷା ପ୍ରୟୋଗ, କ୍ରୋଧ ଏବଂ କଟୁ କଥା କହିବାଠାରୁ ଦୂରେଇ ରୁହନ୍ତୁ । ପରିବାରରେ ଝଗଡ଼ା, କଳହ ଏବଂ ଅଶାନ୍ତିଠାରୁ ଦୂରେଇ ରହି ଘରର ପରିବାରକୁ ଶାନ୍ତ ରଖନ୍ତୁ ଏବଂ ମଧୁର ବ୍ୟବହାର କରନ୍ତୁ ।

**ଏହିସବୁ ଫୁଲ ଚଢ଼ାନ୍ତୁ ନାହିଁ:** ପୂଜା ସମୟରେ ଭଗବାନ ଶିବଙ୍କୁ କେତକୀ ଏବଂ କେବଡ଼ା ଫୁଲ ଚଢ଼ାନ୍ତୁ ନାହିଁ । ଏହାବ୍ୟତୀତ ତାଙ୍କୁ ତୁଳସୀ, ସିନ୍ଦୂର, କୁମୁମ, ହଳଦୀ ଏବଂ ଶଙ୍ଖରେ ଜଳ ମଧ୍ୟ ଆଦୌ ଅର୍ପଣ କରନ୍ତୁ ନାହିଁ ।

**ପୂଜାରେ ଅସାବଧାନତା:** ଶ୍ରାବଣରେ ଶ୍ରଦ୍ଧା, ନିୟମ ଏବଂ ପବିତ୍ରତା ସହିତ ଭଗବାନ ଶିବଙ୍କ ପୂଜା ଅର୍ଚ୍ଚନା କରନ୍ତୁ । ଏହି ମାସରେ ଦେଖାଣିଆ କାମ ଅପେକ୍ଷା ଭାବ ଏବଂ ସମର୍ପଣର ମହତ୍ତ୍ୱ ଅଧିକ ରହିଛି ।

# ଗୌତମ ବୁଦ୍ଧ

**ଇତିହାସ ଅନୁସାରେ ବୁଦ୍ଧଙ୍କ ଜନ୍ମ ପୁରାତନ ଓଡ଼ିଶା ବା କଳିଙ୍ଗର ଭୁବନେଶ୍ୱର ନିକଟରେ ଥିବା କପିଳେଶ୍ୱର ଜନପଦରେ ହୋଇଥିଲା । ଅଶୋକଙ୍କ ଶିଳାଲେଖ, ଜଉଗଡ଼ର ଶିଳାଲେଖ ଓ ସେକାଳରେ ଓଡ଼ିଶାରେ ପ୍ରଚଳିତ ଭାଷା ପାଲି ଭାଷାର ବ୍ୟବହାର କରାଯାଇଥିବା ବୌଦ୍ଧ ଧର୍ମଗ୍ରନ୍ଥ ତ୍ରିପିଟକର ଭାଷାରୁ ଏକଥା ପ୍ରମାଣ ମିଳିଥାଏ । ତେବେ କିଛି ଗବେଷକଙ୍କ ମତରେ ବୁଦ୍ଧଙ୍କ ଜନ୍ମ ନେପାଳର କପିଳବାସ୍ତୁଠାରେ ହୋଇଥିଲା ।**





## ଜୀବନୀ:



ଗୌତମ ବୁଦ୍ଧ ବୌଦ୍ଧ ଧର୍ମର ପ୍ରତିଷ୍ଠା କରିଥିଲେ । ସେ ଖ୍ରୀ. ପୂ ୫୬୭ (ମତାନ୍ତର)ରେ ହିମାଳୟର ପାଦଦେଶରେ ଅବସ୍ଥିତ କପିଳବାସ୍ତୁ ନିକଟବର୍ତ୍ତୀ ଲୁମ୍ବିନୀ ଉପବନରେ ଜନ୍ମଗ୍ରହଣ କରିଥିଲେ । କପିଳବାସ୍ତୁ ଶାକ୍ୟବଂଶୀୟ କ୍ଷତ୍ରିୟମାନଙ୍କର ଏକ କ୍ଷୁଦ୍ର ରାଜ୍ୟ ଥିଲା । ଗୌତମଙ୍କର ପିତା ଶୁଦ୍ଧୋଦନ ଏହି ଶାକ୍ୟ ଗଣତନ୍ତ୍ରର ରାଜା ଥିଲେ । ତାଙ୍କର ମାତାଙ୍କ ନାମ ଥିଲା ମାୟାଦେବୀ । ଜନ୍ମ ଲାଭ କରିବାର ଏକ ସପ୍ତାହ ପରେ ତାଙ୍କର ମାତା ମାୟାଦେବୀଙ୍କର ମୃତ୍ୟୁ ହେବାରୁ ବିମାତା ଗୌତମୀଙ୍କଦ୍ୱାରା ସେ ପରିପାଳିତ ହୋଇଥିଲେ । ରାଜପୁତ୍ର ହେଲେ ମଧ୍ୟ ରାଜକୀୟ ଭୋଗବିଳାସ ପ୍ରତି ତାଙ୍କର ମନ ଆଦୌ ଆକୃଷ୍ଟ ନଥିଲା । ସେ ସଂସାରବିରାଗୀ ଥିଲେ । ପୁତ୍ରର ମନ ପରିବର୍ତ୍ତନ ନିମନ୍ତେ ଶୁଦ୍ଧୋଦନ ଗୌତମଙ୍କୁ ଗୋପାନାମ୍ନୀ ଏକ ସୁନ୍ଦରୀ ରାଜକନ୍ୟାଙ୍କ ସହିତ ବିବାହ କରାଇଥିଲେ । ବିବାହ ପରେ ଗୌତମଙ୍କର ଏକ ପୁତ୍ର ସନ୍ତାନ ଜାତ ହୋଇଥିଲା । ଏସବୁ ସତ୍ତ୍ୱେ ଗୌତମଙ୍କର ମନ ପରିବର୍ତ୍ତନ ହୋଇନଥିଲା ।

## କିମ୍ବଦନ୍ତୀ:

କପିଳବାସ୍ତୁ ନଗର ପରିଭ୍ରମଣ କଲାବେଳେ ଗୌତମ ଏକ ଜରାଗ୍ରସ୍ତ, ଏକ ରୁଗ୍ଣ ବ୍ୟକ୍ତି ଏବଂ ଏକ ଶବ ଦେଖିବାରୁ ମନରେ ଗଭୀର ଦୁଃଖ ଅନୁଭବ କଲେ । ମନୁଷ୍ୟର ଜନ୍ମ, ବାର୍ଦ୍ଧକ୍ୟ, ରୋଗ, ଦୁଃଖ, କ୍ଳେଶ, ମୃତ୍ୟୁ ଇତ୍ୟାଦି ବିଷୟ ଚିନ୍ତାକରି ସେ ଦୁଃଖରେ ଅଭିଭୂତ ହୋଇପଡ଼ିଲେ । ସେ ଏସବୁଥିରୁ ମୁକ୍ତିଲାଭ କରିବାର ଉପାୟ ଚିନ୍ତା କରିବାକୁ ଲାଗିଲେ । ଏହି ସମୟରେ ଦିନେ ସେ ଏକ ପ୍ରସନ୍ନବଦନ ଜନୈକ ସନ୍ନ୍ୟାସୀଙ୍କୁ ଦେଖିଲେ । ସନ୍ନ୍ୟାସ ବରଣ କଲେ ଦୁଃଖରୁ ତ୍ରାହି ମିଳିବ ବୋଲି ସେ ୨୯ ବର୍ଷ ବୟସରେ ଦିନେ ନିଶାର୍ଦ୍ଧରେ ସାଂସାରିକ ମାୟାବନ୍ଧନ ଛିନ୍ନକରି ସମସ୍ତଙ୍କ ଅଗୋଚରରେ ରାଜପ୍ରସଦ ତ୍ୟାଗ କରିଥିଲେ ।

## ବୌଦ୍ଧଧର୍ମର ପ୍ରସାର:



ଗୌତମ ବୁଦ୍ଧଙ୍କ ପରିନିର୍ମାଣର ଅଳ୍ପ କାଳ ମଧ୍ୟରେ ବୌଦ୍ଧ ଧର୍ମ ସମଗ୍ର ଭାରତବର୍ଷରେ ପ୍ରସାରଲାଭ କରିଥିଲା । ବିଶେଷତଃ ଖ୍ରୀ.ପୂ. ତୃତୀୟ ଶତାବ୍ଦୀରେ ମୌର୍ଯ୍ୟ ସମ୍ରାଟ ଅଶୋକଙ୍କ ପୃଷ୍ଠପୋଷକତାରେ ବୌଦ୍ଧ ଧର୍ମ କେବଳ ଭାରତରେ ନୁହେଁ, ଭାରତ ବାହାରେ ଯଥା, ପଶ୍ଚିମରେ ଗ୍ରୀସ ଦେଶଠାରୁ ପୂର୍ବରେ ବ୍ରହ୍ମଦେଶ (ବର୍ତ୍ତମାନର ମିଆଁମାର) ଏବଂ ଦକ୍ଷିଣରେ ସିଂହଳ (ବର୍ତ୍ତମାନର ଶ୍ରୀଲଙ୍କା) ପର୍ଯ୍ୟନ୍ତ ପ୍ରସାରିତ ହୋଇଥିଲା । ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀରେ କୁଶାଣ ବଂଶର ଶ୍ରେଷ୍ଠ ସମ୍ରାଟ କନିଷ୍କଙ୍କ ପ୍ରେରଣାରେ ବୌଦ୍ଧଧର୍ମ ଚୀନ, ତିବ୍ବତ, ଜାପାନ ପ୍ରଭୃତି ଦେଶରେ ପ୍ରଚାରିତ ହୋଇଥିଲା । ସପ୍ତମ ଓ ଅଷ୍ଟମ ଶତାବ୍ଦୀରେ କନୌଜର ରାଜା ହର୍ଷବର୍ଦ୍ଧନଙ୍କ ସାହାଯ୍ୟରେ ବୌଦ୍ଧଧର୍ମ ବିଶେଷ ଅଗ୍ରଗତି ଲାଭ କରିଥିଲା । ଏହିପରି ପୃଷ୍ଠପୋଷକତା ଲାଭକରି ବୌଦ୍ଧଧର୍ମ ପୃଥିବୀର ଏକ ମୂଖ୍ୟ ଧର୍ମରେ ପରିଣତ ହୋଇଥିଲା ।ପ୍ରାଚୀନ ରାଜା ମହାରାଜାମାନଙ୍କଦ୍ୱାରା ଅତି ସୁନ୍ଦର କାରୁକାର୍ଯ୍ୟପୂର୍ଣ୍ଣ ଅସଂଖ୍ୟ ବୌଦ୍ଧଗୁମ୍ଫା, ସ୍ତୂପ, ଚୈତ୍ୟ, ବୌଦ୍ଧବିହାର ଓ ବୌଦ୍ଧମୂର୍ତ୍ତି ଗୁଡ଼ିକ ଭାରତର ବିଭିନ୍ନ ସ୍ଥାନରେ ନିର୍ମିତ ହୋଇଥିଲା, ଯାହା ବୌଦ୍ଧ ଧର୍ମର ପ୍ରଚାର ଏବଂ ପ୍ରସାର ଦିଗରେ ଯଥେଷ୍ଟ ସାହାଯ୍ୟ କରିଥିଲା । ସମ୍ରାଟ ଅଶୋକଙ୍କର ଅନୁଶାସନ ବୌଦ୍ଧଧର୍ମ ପ୍ରସାରର ଏକ ପ୍ରଧାନ କାରଣ ।

# ମୃତ୍ୟୁ ସମୟ ଆଗତ ହେଲେ...

**ମୃତ୍ୟୁ ହେଉଛି ଧ୍ରୁବ ସତ୍ୟ। ଜନ୍ମ ମାତ୍ରକେ ମୃତ୍ୟୁ ସୁନିଶ୍ଚିତ। ଜଣେ ପୃଥିବୀ ପୃଷ୍ଠରେ ଜନ୍ମ ନେଇଛି ମାନେ ଦିନେ ନା ଦିନେ ତାର ମୃତ୍ୟୁ ଘଟିବ, ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ। ମୃତ୍ୟୁକୁ ନେଇ ପୁରାଣରେ ଅନେକ କଥା ବର୍ଣ୍ଣିତ ହୋଇଛି। ମୃତ୍ୟୁ ଆସନ୍ନ ହେଲେ ବ୍ୟକ୍ତିଠାରେ ବିଭିନ୍ନ ପରିବର୍ତ୍ତନ ଦେଖାଦିଏ। ଆସନ୍ତୁ ଜାଣିବା ମୃତ୍ୟୁ ବେଳେ ଘଟୁଥିବା ୧୦ଟି ସଙ୍କେତ ବିଷୟରେ ଯାହା ମୃତ୍ୟୁ ଆଡ଼କୁ ଟାଣି ହୋଇ ଯାଉଥିବା ବ୍ୟକ୍ତିକୁ ଜଣାପଡେ...**

**୧.** ଯେତେବେଳେ ଜଣେ ବ୍ୟକ୍ତିଙ୍କୁ ପାଣି, ତେଲ, ଦର୍ପଣ ଆଦିରେ ନିଜ ପ୍ରତିଛବି ଦେଖାଯିବା ବନ୍ଦ ହୋଇଯାଏ, ଶାସ୍ତ୍ର ଅନୁସାରେ ତାଙ୍କ ମୃତ୍ୟୁ ବେଳ ଆଗତ ହୋଇଗଲା ବୋଲି ବିଶ୍ୱାସ କରାଯାଏ।

**୨.** ମୃତ୍ୟୁ ନିକଟତର ହେଲେ ବ୍ୟକ୍ତିର ଦୃଷ୍ଟିଶକ୍ତି ହ୍ରାସ ପାଏ। ଫଳରେ ସେ ଆଖପାଖରେ ଥିବା ଲୋକଙ୍କୁ ଚିହ୍ନିପାରେ ନାହିଁ।

**୩.** ଶେଷ ସମୟରେ ଜୀବନର ସମସ୍ତ ଭଲ ମନ୍ଦ କର୍ମ ବ୍ୟକ୍ତିର ଆଖି ଆଗରେ ନାଚିଯାଏ। ସମସ୍ତ ଛୋଟ ବଡ଼ ଘଟଣା ଏହି ସମୟରେ ଦୃଶ୍ୟମାନ ହୋଇଥାଏ।

**୪.** ଯିଏ ଭଲ କାମ କରିଥାଏ ଶେଷ ସମୟରେ ତାଙ୍କ ସାମ୍ନାରେ ଏକ ଦିବ୍ୟ ପ୍ରକାଶ ନଜର ଆସିଥାଏ। ଫଳରେ ମୃତ୍ୟୁ ବେଳେ ସେ ଆଦୌ ଭୟଭୀତ ହୋଇନଥାନ୍ତି।

**୫.** ଗରୁଡ଼ ପୁରାଣରେ କୁହାଯାଇଛି ଯେ ଯେତେବେଳେ ପ୍ରାଣୀର ମୃତ୍ୟୁ ସମୟ ନିକଟତର ହୋଇଯାଏ, ସେତେବେଳେ ସ୍ୱୟଂ ଯମରାଜ ତାଙ୍କ ସମ୍ମୁଖରେ ପ୍ରକଟ ହୋଇଯାଆନ୍ତି।

**୬.** କୁକର୍ମ କରିଥିବା ବ୍ୟକ୍ତିର ମୃତ୍ୟୁ ପାଖେଇ ଆସିଲେ ତା' ସାମ୍ନାରେ ଯମରାଜଙ୍କ ଭୟଙ୍କର ଦୂତ ଆସି ଉଭା ହୁଏ, ଫଳରେ ସେ ଭୟରେ ରହିଥାଏ।

**୭.** ଶରୀର ତ୍ୟାଗ କରିବା ସମୟରେ ବ୍ୟକ୍ତିର ସ୍ୱର ବନ୍ଦ ହୋଇଯାଏ ଏବଂ ସେ କିଛି କହିବାକୁ ଚାହିଁଲେ ମଧ୍ୟ କହିପାରେ ନାହିଁ। ଗଳାକୁ କେହି ଚିପି ଧରିବା ଭଳି ତଣ୍ଟି ଘଡ଼ ଘଡ଼ ହୁଏ।

**୮.** ଯମଦୂତ ବ୍ୟକ୍ତିର ଅଭୌତିକ ଶରୀରକୁ ନିଜ ସହ ଯମରାଜଙ୍କ ଦରବାରକୁ ନେଇଯାଏ।



**୯.** ମୃତ୍ୟୁ ପରେ ପାପୀ ମନୁଷ୍ୟକୁ ପ୍ରାୟ ୨୪ ଘଣ୍ଟା ମଧ୍ୟରେ ଯମଦୂତମାନେ ବାୟୁମାର୍ଗରେ ଯମଲୋକ ନେଇଯାଇଥାନ୍ତି। ସେଠାରେ ବ୍ୟକ୍ତିର କର୍ମ ଲେଖାଯାଏ। ପରେ ଯମଦୂତ ପୁଣିଥରେ ବ୍ୟକ୍ତିର ଶରୀରକୁ ପୃଥିବୀକୁ ନେଇ ଆସନ୍ତି।

# ରହସ୍ୟମୟ ମନ୍ଦିର

*ପ୍ରତିଦିନ ମଧ୍ୟରାତ୍ରିରେ ଏହି ମନ୍ଦିର ଭିତରୁ ଅନେକ କଥାବାର୍ତ୍ତା ଶୁଣାଯାଇଥାଏ । ଏହାର ରହସ୍ୟ ଜାଣିବାକୁ ଅନେକ ବ୍ୟକ୍ତି ଓ ପୂଜକମାନେ ଚେଷ୍ଟା କରି ମଧ୍ୟ ଅସଫଳ ହୋଇଛନ୍ତି ।*



ଭାରତରେ ରହିଛି ଅନେକ ବୈଚିତ୍ର୍ୟମୟ ମନ୍ଦିର । ଏହିସବୁ ମନ୍ଦିର ପଶ୍ଚାତରେ ରହିଛି କିଛି ପୌରାଣିକ ତଥା ଐତିହାସିକ ଘଟଣାବଳୀ । ପ୍ରତି ମନ୍ଦିରର ରହିଛି ଭିନ୍ନଭିନ୍ନ ମାନ୍ୟତା ତଥା ଚମତ୍କାରିତା । ଯାହା ଲୋକଙ୍କ ବିଶ୍ୱାସ ଉପରେ ପର୍ଯ୍ୟବେସିତ ହୋଇ ରହିଛି । ଏମିତି କିଛି ମନ୍ଦିର ରହିଛି, ଯାହା ଅତ୍ୟନ୍ତ ରହସ୍ୟମୟ ଏବଂ ବିଚିତ୍ର । ଭାରତରେ ଏପରି ଏକ ମନ୍ଦିର ରହିଛି ଯେଉଁଠାରେ ମନ୍ଦିରରେ ଥିବା ମୂର୍ତ୍ତି ଗୁଡିକ ପରସ୍ପର ଭିତରେ କଥା ହୋଇଥାନ୍ତି । ସେହି ମନ୍ଦିରଟି ହେଉଛି ରାଜ ରାଜେଶ୍ୱରୀ ତ୍ରିପୁରା ସୁନ୍ଦରୀ ମନ୍ଦିର । ବିହାରରେ ରହିଛି ପ୍ରସିଦ୍ଧ ତ୍ରିପୁରା ସୁନ୍ଦରୀ ମନ୍ଦିର । ଏହି ମନ୍ଦିରଟି ୪୦୦ ବର୍ଷ ପୂର୍ବେ ସ୍ଥାପନା କରାଯାଇଥିଲା । ଏହି ମନ୍ଦିର ତନ୍ତ୍ରସାଧନା ପାଇଁ ପ୍ରସିଦ୍ଧ ହୋଇଛି । ବହୁ ବଡ଼ ବଡ଼ ତନ୍ତ୍ର ସାଧକ ମାନେ ଏହିଠାରେ ତ୍ରିପୁରା ସାଧନା କରି ସିଦ୍ଧିପ୍ରାପ୍ତ କରିଥାନ୍ତି । ଦେବୀ ତ୍ରିପୁରା ସୁନ୍ଦରୀ ବହୁତ ପ୍ରତ୍ୟକ୍ଷ । ଏହି ମନ୍ଦିରର ସବୁଠାରୁ ରହସ୍ୟମୟ କଥା ହେଉଛି ମନ୍ଦିରରେ ଥିବା ମୂର୍ତ୍ତି ଗୁଡିକ ପରସ୍ପର ଭିତରେ କଥା ହୋଇଥାନ୍ତି । କୁହାଯାଏ ଯେ, ମନ୍ଦିର ରାତ୍ର ପହୁଡ଼ ପରେ ଏହି ମନ୍ଦିରରେ କେହି ରୁହନ୍ତି ନାହିଁ ।



କେବଳ ମନ୍ଦିର ପରିସର ବାହାରେ ରାତ୍ର ଜଗୁଆଳି ତାଙ୍କ କର୍ତ୍ତବ୍ୟ ସମ୍ପାଦନ କରିଥାନ୍ତି । କିନ୍ତୁ ପ୍ରତିଦିନ ମଧ୍ୟରାତ୍ରିରେ ଏହି ମନ୍ଦିର ଭିତରୁ ଅନେକ କଥାବାର୍ତ୍ତା ଶୁଣାଯାଇଥାଏ । ଏହାର ରହସ୍ୟ ଜାଣିବାକୁ ଅନେକ ବ୍ୟକ୍ତି ଓ ପୂଜକମାନେ ଚେଷ୍ଟା କରି ମଧ୍ୟ ଅସଫଳ ହୋଇଛନ୍ତି । ବୈଜ୍ଞାନିକ ମାନେ ଏହି ମନ୍ଦିର ଉପରେ ଗବେଷଣା କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ସିଦ୍ଧାନ୍ତରେ ଉପନୀତ ହୋଇ ପାରିନାହାନ୍ତି । ହେଲେ ମନ୍ଦିର ଗାତ୍ରରେ ଥିବା ମୂର୍ତ୍ତିଗୁଡିକର ପ୍ରତିଦିନ କିଛି ବିଲକ୍ଷଣ ପରିଦୃଷ୍ଟ ହୋଇଥାଏ । ଅର୍ଥାତ ଏହିମାନେ ରାତ୍ରରେ ଜୀବନ୍ତ ରୂପ ନେଇ ପରସ୍ପର ବାର୍ତ୍ତାଳାପ କରିଥାନ୍ତି ବୋଲି ଲୋକ ବିଶ୍ୱାସ ରହିଛି । ତ୍ରିପୁରା ସୁନ୍ଦରୀ ମନ୍ଦିରରେ ରହିଛି ଏହିଭଳି ଆଶ୍ଚର୍ଯ୍ୟମୟ ଘଟଣା ।

## ଅର୍ଥରାଶି ଲୋକଙ୍କୁ ଦିଆ ନ ଯିବାରୁ ଫେରାଦ

ଚମ୍ପୁଆ,(ନିପ୍ର): ଚାଷୀମାନଙ୍କ ପାଣି ସମସ୍ୟାକୁ ଦୂର କରିବା ପାଇଁ ଓଡିଶା ସରକାର କାନପୁର ଠାରେ ଏକ ବୃହତ ଜଳସେଚନ ପ୍ରକଳ୍ପର ଭିତ୍ତିପ୍ରସ୍ତ ଦେଇଥିଲେ ଯାହା ବର୍ତ୍ତମାନ ଅନ୍ତିମ ପର୍ଯ୍ୟୟରେ ପହଞ୍ଚିଛି। ଉକ୍ତ ପ୍ରକଳ୍ପରେ ବିସ୍ଥାପିତ ହେଇଥିବା ଲୋକମାନଙ୍କ ଯେଉଁ ଛୁଆ ପିଲା ମାନେ ୧୮ବର୍ଷ ପ୍ରାପ୍ତ ହେଇଛନ୍ତି ତାଙ୍କ ଉଦ୍ଦେଶ୍ୟରେ ସରକାର ଟଙ୍କା ପଠାଇଛନ୍ତି। କିନ୍ତୁ ପରିତାପର ବିଷୟ




କିଛି ଦଲାଲ ଏବଂ ପ୍ରଭାବଶାଳୀ ବ୍ୟକ୍ତିବିଶେଷ ଉକ୍ତ ଟଙ୍କାକୁ ବାଣ୍ଟିବାକୁ ଦେଉନାହାନ୍ତି। ଏ ବିଷୟରେ କଣ୍ଡ୍ରା ଗ୍ରାମବାସୀବୃନ୍ଦ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ପଚାରିବାରୁ କୌଣସି ଉତ୍ତର ଦେଉନାହାନ୍ତି, ଶୀଘ୍ର ବଣ୍ଟା ହେବ ବୋଲି ଦିନ ଗଡ଼ାଇ ଚାଲିଛନ୍ତି ।ଏହି ବାବଦକୁ କଣ୍ଡ୍ରା ଗ୍ରାମବାସୀ ବୃନ୍ଦ ଉପଜିଲ୍ଲାପାଳଙ୍କ ଠାରେ ଫେରାଦ ହେଇ ତାଙ୍କ ଦାବିପତ୍ର ପ୍ରଦାନ କରଛନ୍ତି। ଏ ବିଷୟରେ ଉପଜିଲ୍ଲାପାଳଙ୍କୁ ପଚାରିବାରୁ ଏହାର ସମାଧାନ ଶୀଘ୍ର ହେବ ବୋଲି ପ୍ରକାଶ କହିଛନ୍ତି।

## ସୁର ରାଉତରାୟଙ୍କ ଜନ୍ମ ଦିବସ ପାଳନ

ଭୁବନେଶ୍ୱର: ସୁରେଶ କୁମାର ରାଉତରାୟ, ସେ ଜଣେ ରାଜନେତା, ସମାଜ ସେବକ, ସମାଜ ସଂସ୍କାରକ। ତାଙ୍କର ୮୩ତମ ଜନ୍ମ ଜୟନ୍ତୀରେ ସେବା ପ୍ରତିନିଧିର ମୁଖ୍ୟ ସଂଗଠକ ନୀଳମଣି ମିଶ୍ର ବିଭିନ୍ନ ଅଞ୍ଚଳରୁ ବୟସ୍କ ଗୁରୁଜନମାନଙ୍କୁ ସ୍ଥାନୀୟ ସୁନ୍ଦରପଦା ସ୍ଥିତ ଗୋଖୀବାବା ଆଶ୍ରମ, ସୁନ୍ଦରପଦାକୁ ଆମନ୍ତ୍ରଣ କରିଥିଲେ। ଏହି ଅବସରରେ ବହୁ ଗରିବ ଲୋକଙ୍କୁ ଛତା ବଣ୍ଟନ କରାଯାଇଥିଲା। ଶ୍ରୀ ରାଉତରାୟ ଏଥିରେ ଉପସ୍ଥିତ ଥିଲେ। ତାଙ୍କ ଜୀବନ କାଳ ମଧ୍ୟରେ ୬୨ ହାଇସ୍କୁଲ, ୨୫ କଲେଜ, ଡାକ୍ତରଖାନା, ଆୟୁର୍ବେଦ ଚିକିତ୍ସାଳୟ, ଭରତପୁରଙ୍କୁ ଜାଗା /ଗୃହ ପ୍ରଦାନ କରିବାରେ ସହାୟତା କରିଥିବା ଶ୍ରୀ ମିଶ୍ର ଏହି ଅବସରରେ ସୂଚାଇଥିଲେ।

## ଗୋରୁଙ୍କ ବେକରେ ରେଡ଼ିୟମ ବେଲ୍ଟ

ନିମାପଡ଼ା, (ନି.ପ୍ର.): ନିମାପଡ଼ା ପଶୁ ସଂପଦ ବିଭାଗ ପକ୍ଷରୁ ବୁଲା ଗାଈଗୋରୁଙ୍କ ବେକରେ ରେଡ଼ିୟମ ବେଲ୍ଟ କରାଯାଇଥିବା ପଶୁ ଚିକିତ୍ସକ ଡ଼ଃ ପ୍ରଦୀପ ଜେନାଙ୍କ ଠାରୁ ପ୍ରକାଶ । ଅସହାୟ ଅବସ୍ଥାରେ ବୁଲୁଥିବା ଗୋରୁମାନେ ବିଭିନ୍ନ ଦୁର୍ଘଟଣାରେ ପ୍ରାଣ ହରାଉଥିବା ଦୃଷ୍ଟିରୁ ଏହି ପଦକ୍ଷେପ ଗ୍ରହଣ କରାଯାଇ ସେମାନଙ୍କ ସୁରକ୍ଷା ପାଇଁ ଏହା ଏକ ଉଦ୍ୟମ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା । ଡ଼ଃ ଚିନ୍ମୟ ସାହୁ, ଡ଼ଃ ଆକାଶ ମିଶ୍ରଙ୍କ ସମେତ ଗୋ-ସେବା କରୁଥିବା ସ୍ୱେଚ୍ଛାସେବୀ ସତ୍ୟଜିତ ଆଚାର୍ଯ୍ୟ, ସୌମ୍ୟ ରଂଜନ ଓଝା, ସରୋଜ ସେନାପତି, ଜ୍ୟୋତି ରଂଜନ ଛୋଟରାୟ ପ୍ରମୁଖଙ୍କ ସହଯୋଗରେ ବେଲ୍ଟ ପିନ୍ଧା ଅଭିଯାନ ସଫଳ କରାଯାଇଥିଲା ।

## ବାବୁ କାଳୀ ପ୍ରସନ୍ନ ପଣ୍ଡା ସ୍ମୃତି ପ୍ରତିଷ୍ଠା ଆନୁକୂଲ୍ୟରେ ରକ୍ତଦାନ ଶିବିର

ନିଆଳି,(ନିପ୍ର): ବାବୁ କାଳୀ ପ୍ରସନ୍ନ ପଣ୍ଡା ସ୍ମାରକୀ ପ୍ରତିଷ୍ଠାନ ଆନୁକୂଲ୍ୟରେ ତାଙ୍କର ପ୍ରଥମ ଶ୍ରାଦ୍ଧ ଦିବସ ଉପଲକ୍ଷେ ମାଧବ ସ୍ଥିତ ତାଙ୍କ ଟ୍ରଷ୍ଟ କାର୍ଯ୍ୟାଳୟ ପରିସରରେ ଗୀତାଜ୍ଞାନ,ଯଜ୍ଞ ଓ ରକ୍ତଦାନ ଶିବିର ଆଜି ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରକୁ ନିଆଳୀର ସୁନାମଧନ୍ୟ ବରିଷ୍ଠ ଚିକିତ୍ସକ ଡା.ଅଧିରାଜ କୁମାର ପରିଡା ଓ ଚଳଚ୍ଚିତ୍ର ଅଭିନେତା ତଥା ସମାଜସେବୀ ଡା.ଚି□ରଂଜନ ମିଶ୍ର ପ୍ରଦୀପ ପ୍ରଜ୍ଜଳନ କରି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ସହିତ ବାବୁ କାଳୀ ପ୍ରସନ୍ନ ପଣ୍ଡାଙ୍କ ସ୍ମୃତିରେ ତୋ ଜୀବନ ନନ୍ଦିଘୋଷ ନାମକ ଏକ ପୁସ୍ତକ ଉନ୍ମୋଚନ କରିଥିଲେ। ଏହି ଶିବିରରେ ମୋଟ ୪୭ ଜଣ ରକ୍ତଦାତା ସ୍ୱେଚ୍ଛାକୃତ ଭାବେ ଯୋଗଦାନ କରି ରକ୍ତଦାନ କରିଥିଲେ। ଉକ୍ତ ରକ୍ତଦାନ ଶିବିରକୁ କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜର ବ୍ଲଡ ବ୍ୟାଙ୍କ ତରଫରୁ ପରିଚାଳନା କରାଯାଇଥିଲା।

## ଦୁଇ ବାଇକ ମୁହାଁମୁହିଁ ଧକ୍କା ୩ ଆହତ, ଜଣେ ଗୁରୁତର

ଚାରିଛକ,(ନିପ୍ର): ମଙ୍ଗଳବାର ସନ୍ଧ୍ୟାରେ ଚାରିଛକ-ଗୋପ ରାସ୍ତାର ଏକାନ୍ତ ଆଶ୍ରମ ନିକଟରେ ଦୁଇଟି ବାଇକ ପରସ୍ପର ଧକ୍କା ହେବା ଫଳରେ ଦୁଇ ଚାଳକ ସମେତ ୩ଜଣ ଆହତ ହେବା ସହିତ ଜଣେ ଗୁରୁତର ଥିବା ଜଣାପଡିଛି । ଖବରରୁ ଜଣାଯାଇଛି ଯେ ଚାରିଛକ ଥାନା ଅନ୍ତର୍ଗତ ଛଣିଜଙ୍ଗ ଗ୍ରାମର କାଳିଆ ବେହେରା ,ବଳରାମ ପ୍ରଧାନ ଘରକୁ ଯାଉଥିବା ସମୟରେ ବିପରୀତ ଦିଗରୁ ଆସୁଥିବା ଏହି ଥାନା ଅନ୍ତର୍ଗତ ପଥରପଦା ଗ୍ରାମର ସୌମ୍ୟ ରଂଜନ ସ୍ୱାଇଁ (ବାବୁନା)ଙ୍କ ସହିତ ଧକ୍କା ହୋଇଥିଲା । ଘଟଣା ସ୍ଥଳରେ ୩ଜଣ ରାସ୍ତା ଉପରେ ଛିଟିକି ପଡିଥିଲେ । ସ୍ଥାନୀୟ ଲୋକମାନେ ସେମାନଙ୍କୁ ଉଦ୍ଧାରକରି ଚିକିତ୍ସା ପାଇଁ ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ । ବାବୁନାଙ୍କ ଅବସ୍ଥା ଗୁରୁତର ଥିବାରୁ ଅଧିକ ଚିକିତ୍ସା ପାଇଁ ଫୁଲନଖରାସ୍ଥିତ ଏକ ଘରୋଇ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଥିବା ବେଳେ ଅନ୍ୟ ଦୁଇ ଜଣଙ୍କୁ ଭୁବନେଶ୍ୱରକୁ ସ୍ଥାନାନ୍ତରିତ କରାଯାଇଛି ।

# ପରିବେଶକୁ ନଷ୍ଟ କରି କମ୍ପାନୀ କରିବା ମୂର୍ଖାମି: ବିଧାୟକ

ରାୟଗଡା,(ନି:ପ୍ର): ଦିନକୁ ଦିନ ପରିବେଶ ନଷ୍ଟ ହେଉଛି, ଯାହାବି ଜଳ ଜଙ୍ଗଲ ମାଟି ବଞ୍ଚିଯାଇଛି ତାହା କେବଳ ଆଦିବାସୀଙ୍କ ହାତରେ ସୁରକ୍ଷିତ ରହିଛି ଏହାକୁ ଧ୍ୱଂସ ହେବାକୁ କଦାପି ଅନୁମତି ଦିଆଯିବନାହିଁ। ନିକଟରେ ରାୟଗଡ଼ା ଜିଲ୍ଲାକୁ ଆଦାନୀ ଗ୍ରୁପର ଅଧକ୍ଷ ଗୌତମ ଆଦାନୀ ଗସ୍ତ କରିଥିଲେ। ସେମାନେ ଏଠି ଶିଳ୍ପ ପ୍ରତିଷ୍ଠା ହେବ ବୋଲି ସରକାରଙ୍କ ସହ ଚୁକ୍ତି କରିଛନ୍ତି। କିନ୍ତୁ ଶିଳ୍ପ ପ୍ରତିଷ୍ଠା ହେଲେ ଜିଲ୍ଲାର କୌଣସି ଲାଭ ହେବ ନାହିଁ ବରଂ ପରିବେଶ ନଷ୍ଟ ହେବା ସହ ସ୍ଥାନୀୟ ଲୋକ ରୋଗଗ୍ରସ୍ତ ହେବେ। ପୂର୍ବରୁ ମଧ ସରକାର ଏଠାରେ ଶିଳ୍ପ ପ୍ରତିଷ୍ଠା ହେଲେ ସ୍ଥାନୀୟ ଯୁବକ ଯୁବତୀ ରୋଜଗାର ପାଇବେ ବୋଲି କହିଥିଲେ କିନ୍ତୁ ଶିଳ୍ପ ପ୍ରତିଷ୍ଠା ସତ୍ତ୍ୱେ ସ୍ଥାନୀୟ ଯୁବକ ଯୁବତୀ ବହୁସଂଖ୍ୟାରେ ଦାଦନ ଖଟିବାକୁ ଯାଉଛନ୍ତି ଏବଂ ଶବ ହୋଇ ଫେରୁଛନ୍ତି। ଏଣୁ ଶିଳ୍ପ ପ୍ରତିଷ୍ଠା ପୂର୍ବରୁ ପର୍ଯ୍ୟାପ୍ତ ଧ୍ୟାନ ଦେବା ସହ ପରିବେଶ ସୁରକ୍ଷା ପାଇଁ ଆବଶ୍ୟକ ହେଲେ ସମସ୍ତେ ମିଳିତ ହୋଇ ସଂଘର୍ଷ କରିବାକୁ ପଡିବ ବୋଲି ବିଶ୍ୱ ଆଦିବାସୀ ଦିବସରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ରାୟଗଡ଼ା ବିଧାୟକ ଆପ୍ପଲାସ୍ୱାମୀ କାଡ୍ରାକା କହିଛନ୍ତି।

ରାୟଗଡ଼ା ଜିଲ୍ଲା ଏକ ସେଡ୍ୟୁଲ୍ ଅଞ୍ଚଳ ଏବଂ ଜିଲ୍ଲାରେ ପାଖାପାଖି ୬୦ ପ୍ରତିଶତ ଜନସାଧାରଣ ଆଦିବାସୀ। କିନ୍ତୁ ଯେଉଁ ପରିମାଣରେ ସେମାନଙ୍କ ଉନ୍ନତି ହେବା କଥା ହୋଇପାରିନାହିଁ ବୋଲି ସେ କହିଛନ୍ତି।



ଜିଲ୍ଲାର ଯୁବକ ଯୁବତୀମାନେ ଗୁଣାତ୍ମକ ଶିକ୍ଷା ଉପରେ ଧ୍ୟାନ ଦେବା ଆବଶ୍ୟକ ରହିଛି ବୋଲି ଶ୍ରୀ କାଡ୍ରକା ଆହ୍ୱାନ ଦେଇଥିଲେ।

ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ମକରନ୍ଦ ମୁଦୁଲି, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଉପାଧକ୍ଷା ମଞ୍ଜୁଳା ମିଣିଆକା, ଅବସରପ୍ରାପ୍ତ ଓଏସ ଭୀମସେନ ଶବର ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ଓଏଏସ୍ ଅଧିକାରୀ ଗୋପୀନାଥ ସାରକା ଯୋଗଦେଇ ଆଦିବାସୀ ସମାଜର ଐତିହ୍ୟ, ଅଧିକାର ଓ ସଂସ୍କୃତିର ସୁରକ୍ଷା ସମ୍ପର୍କରେ ମତ ରଖିଥିଲେ।

କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ଟୁନି ହୁଇକା, ପୂର୍ବତନ ଜିଲ୍ଲା ପରିଷଦ ଅଧକ୍ଷ ଗଙ୍ଗାଧର ପୁଆଲା, ବ୍ଲକ ଉପାଧକ୍ଷ ହର ପ୍ରସାଦ ହେପୃକା, ହାଲୁଆ ସରପଞ୍ଚ ତାମାରାଓ ବିଡ଼ିକା, ମିରାବାଲି ସରପଞ୍ଚ ଅଶୋକ ପୁଆଲା, ଚକ୍ର ବିଡ଼ିକା, ମିନାରାଓ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପାରମ୍ପରିକ ଲୋକନୃତ୍ୟ, ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଢୋଲ-ମାଦଳର ତାଳେ ତାଳେ ପାରମ୍ପରିକ ନୃତ୍ୟରେ ଝୁମିଥିଲେ ଆଦିବାସୀ ଯୁବକ-ଯୁବତୀ। ବିଭିନ୍ନ ଜନଜାତିର ଲୋକକଳା, ଗୀତ ଓ ନୃତ୍ୟ ମାଧ୍ୟମରେ ଆଦିବାସୀ ସଂସ୍କୃତିର ଜୀବନ୍ତ ଚିତ୍ର ପ୍ରତିଫଳିତ ହୋଇଥିଲା। ଜିସିଡି ହାଇସ୍କୁଲ ପଡିଆରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ରାୟଗଡ଼ା ବ୍ଲକ ଉପାଧକ୍ଷ ହର ପ୍ରସାଦ ହେପୃକା ସଂଯୋଜନା କରିଥିଲେ।

## ଜିଲ୍ଲା ଆଇନ ସେବା ପକ୍ଷରୁ ସଚେତନତା ସଭା

ଯାଜପୁର,(ନିପ୍ର): ଯାଜପୁର ଜିଲ୍ଲା ଦୌରାଜଜ୍ ତଥା ଆଇନ୍ ସେବା ପ୍ରାଧିକରଣ ଅଧକ୍ଷ ଅମୃତ ରଞ୍ଜନ ନନ୍ଦଙ୍କ ନିର୍ଦ୍ଦେଶକ୍ରମେ ରସୁଲପୁର ବ୍ଲକ୍ ଅନ୍ତର୍ଗତ ଉପେନ୍ଦ୍ର ନାଥ ଶାରଦା ମହାବିଦ୍ୟାଳୟ, ଖଇରାବାଦ ମୁଗୁପାଳ ପରିସରରେ ଆଇନ ସଚେତନତା ସଭା ପ୍ରାଧିକରଣ ସଚୀବ ଲିପା ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଶ୍ରୀମତୀ ମହାନ୍ତି ପ୍ରାଧିକରଣ ରୂପରେଖ ତାର କାର୍ଯ୍ୟ ପରିସର ଓ କେଉଁମାନେ ତାର ଉପଭୋକ୍ତା ତାହା କହିବା ସହ ମହାବିଦ୍ୟାଳୟର ଶକ୍ତିଶ୍ରୀ ମାସିକ ସଚେତନତା କାର୍ଯ୍ୟକ୍ରମର ବିଷୟ ବିଶାରଦ ଭାବେ ଭାରତୀୟ ନ୍ୟାୟ




ସଂହିତା, ଶିଶୁ ଯୌନ ଅପରାଧ ସୁରକ୍ଷା, କାର୍ଯ୍ୟ ସ୍ଥଳରେ ମହିଳାଙ୍କ ଉତ୍ପୀଡ଼ନ ପ୍ରତିଷେଧ ନିୟମ ସହିତ ରାଗିଙ୍ଗ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ଅତିଥି ଆଲୋଚକ ଭାବେ ପ୍ରାଧିକରଣ ପ୍ରାକ୍ତନ ସଦସ୍ୟ ତଥା ସାମାଜିକ କାର୍ଯ୍ୟକର୍ତ୍ତା ଡ. ରୁଦ୍ରନାରାୟଣ ପୃଷ୍ଟି ସର୍ବୋଚ୍ଚ ନ୍ୟାୟାଳୟ ଦ୍ୱାରା ବିକଶିତ କୃତ୍ରିମ ବୁଦ୍ଧିମତ୍ତା ଆଧାରିତ ପୋର୍ଟାଲ୍ ସୁପ୍ରିମ୍ କୋର୍ଟ ବିଧିକ ଅନୁବାଦ ପୋର୍ଟାଲ୍ ସହାୟତାରେ ଆଇନ୍ ଦଲିଲ୍ ବିବିଧ ଫର୍ମ ଖୋଜି ପାଇବା ସହ ରାୟ ଇତ୍ୟାଦି କିପରି ୨୨ଟି ଆଞ୍ଚଳିକ ଭାଷାରେ ଅନୁବାଦ ଆକାରରେ ମିଳିପାରୁଛି ଏବଂ ନ୍ୟାୟର ଗତି ବୃଦ୍ଧି, ଭାଷା ବାଧା ହଟିବା, ସ୍ୱଚ୍ଛ ନ୍ୟାୟିକ ବ୍ୟବସ୍ଥା ସହଜ ଲଭ୍ୟ ହେଉଛି ତା ସହ ଯୌତୁକ ଜନିତ ୧୩୨ ଓ ୧୩୩ କ୍ରିମନାଲ୍ ଅପିଲ୍ ୨୦୧୭ କୁ ନେଇ ସୁପ୍ରିମକୋର୍ଟଙ୍କ ଉଲ୍ଲେଖନୀୟ ରାୟ ସମ୍ବନ୍ଧରେ ଆଲୋଚନା କରିଥିଲେ। ଅତିଥି ଭାବେ ଅଧାପିକା ଡ. କାନ୍ତିବାଳା ପଣ୍ଡା, ଅଧାପିକା ମମତା ବୋଇତାଇ ଅଧାପକ ସିଦ୍ଧାର୍ଥ ଶଙ୍କର ରଥ ପ୍ରମୁଖ ଯୋଗଦେଇ କାର୍ଯ୍ୟସ୍ଥଳ ବିଶ୍ଳେଷଣ, ଆଭ୍ୟନ୍ତରୀଣ ଅଭିଯୋଗ ନିରାକରଣ କମିଟି ଗଠନ ପ୍ରକିୟା, ନିର୍ଯ୍ୟାତନା ର ପ୍ରକାରଭେଦ ସହିତ ଶିକ୍ଷାୟତନରେ କିପରି ଶିକ୍ଷଣୀୟ ବାତାବରଣ ରହିବ, କେହି ଉତ୍ପୀଡ଼ନ ଶିକାର ହେବେ ନାହିଁ। ଏପରି ଅବସ୍ଥା ଉପୁଜିଲେ ପରିଣତି କଣ ହେବ ସେ ସଂପର୍କରେ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ। କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟ ଅଧକ୍ଷ ଡ. ମିଲନ୍ କିଶୋର ଜେନା ସଞ୍ଚାଳନ କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

## ନିଶାମୁକ୍ତ ବିକଶିତ ଭାରତ ଅଭିଯାନ

ନିମାପଡ଼ା,(ନି.ପ୍ର.): ନିଶାମୁକ୍ତ ଭାରତ ଅଭିଯାନକୁ ସଫଳ ରୂପାୟନ ଦେବା ପାଇଁ ଏହି ବ୍ଲକ୍ ଅଧୀନସ୍ଥ ପ୍ରାଚୀ ବାଳିକା ବିଦ୍ୟାପୀଠ ଛାତ୍ରୀମାନେ ଶପଥ ଗ୍ରହଣ କରିଥିବା ବେଳେ ଶିକ୍ଷକ, ଶିକ୍ଷୟିତ୍ରୀମାନେ ସହଯୋଗ କରିବେ ବୋଲି ଆୟୋଜିତ ଏକ ଉତ୍ସବରେ ପ୍ରତିଶ୍ରୁତି ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସବିତା ମହାନ୍ତିଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏକ ସଚେତନତା ସଭାରେ ସ୍ଥାନୀୟ ପ୍ରଜାପତି ବ୍ରହ୍ମ କୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟର ଉପ-ସେବାକେନ୍ଦ୍ର ପରିଚାଳିକା ବ୍ରହ୍ମକୁମାରୀ, ବ୍ରହ୍ମକୁମାର ନାରାୟଣ, ବ୍ରହ୍ମକୁମାର ନିରଞ୍ଜନ ପ୍ରମୁଖ ଯୋଗ ଦେଇ ନିଶାମୁକ୍ତ ବିକଶିତ ଭାରତ ଅଭିଯାନ ସଂପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ନିଶାଦ୍ରବ୍ୟ ସେବନ ଦ୍ୱାରା ପରଣାମ କ'ଣ ହୁଏ ସେ ସଂପର୍କରେ ନିଜେ ସଚେତନ ହେବା ସହିତ ଅନ୍ୟମାନଙ୍କୁ ସଚେତନ ହେବା ପାଇଁ ମାର୍ଗ ଦର୍ଶନ କରିଥିଲେ । ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ସହଯୋଗରେ ଛାତ୍ରୀମାନେ ନିଶା ସେବନ ଠାରୁ ଦୂରେଇ ରହିବା ପାଇଁ ସଂକଳ୍ପ ପତ୍ର ପାଠ କରି ନୂତନ ଭାରତ ଗଠନ ଦିଗରେ ସହାୟକ ହେବେ ବୋଲି ନିଷ୍ପତ୍ତି ଗ୍ରହଣ କରିଥିଲେ ।

## ବିନା ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତରରେ ଚାଲିଛି ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନ !

ତରଭା,(ନିପ୍ର): ସୁବର୍ଣ୍ଣପୁର ଜିଲ୍ଲା ତରଭା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରତିମାସ ଅଗଷ୍ଟ ୯ ତାରିଖ ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନ କାର୍ଯ୍ୟକ୍ରମ ହେଉଛି । ସତ କିନ୍ତୁ ଏହି ଅଭିଯାନ କାର୍ଯ୍ୟକ୍ରମରେ ଗର୍ଭବତୀ ମହିଳାମାନଙ୍କ ସ୍ୱାସ୍ଥ୍ୟ ଏବଂ ଗର୍ଭସ୍ଥ ଶିଶୁର ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପରୀକ୍ଷା ଆଦି କରିବାର ବିଧି ରହିଛି। ହେଲେ ଏଠାରେ ତାର ବ୍ୟତିକ୍ରମ ଦେଖିବାକୁ ମିଳିଛି । ନା ତରଭା ଡାକ୍ତରଖାନାରେ ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତର ଅଛନ୍ତି ନା ଅନ୍ୟ ଡାକ୍ତରଙ୍କୁ ଉକ୍ତ ଦିନ ତାଙ୍କୁ ସ୍ଥାୟୀ ଚିକିତ୍ସା କରିବାର ବ୍ୟବସ୍ଥା ହୋଇଛି । ପ୍ରକାଶ ଥାଉ ତରଭାରୁ ଡେପୁଟେସନରେ ଯାଇ ଥିବା ଜଣେ ସ୍ତ୍ରୀ ରୋଗ ବିଶେଷଜ୍ଞଙ୍କୁ ସ୍ୱତନ୍ତ୍ର ନିର୍ଦ୍ଦେଶ ହୋଇଥିବା ଏବଂ ସେ ପ୍ରତି ମାସ ୯ ତାରିଖରେ ତରଭା ଆସି ଗର୍ଭବତୀ ମହିଳା ମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଅଲଟ୍ରାସାଉଣ୍ଡ କରିବାର କଥା କିନ୍ତୁ ଏଠାରେ ତାହା ବ୍ୟତିକ୍ରମ ଘଟିଛି । ସୂଚନା ମୁତାବକ ଅଗଷ୍ଟ ୯ ତାରିଖ ଏଠାକୁ ୧୨୦ ଜଣ ଗର୍ଭବତୀ ମହିଳା ନିଜ ଏବଂ ଗର୍ଭସ୍ଥ ଶିଶୁର ପରୀକ୍ଷା ପାଇଁ ଆସିଥିଲେ। ଦୁଃଖର ବିଷୟ ଉକ୍ତ ଦିନ କୌଣସି ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତର ଆସିନଥିଲେ । ଏଠାରେ କାର୍ଯ୍ୟରତ ମେଡିସିନ ସ୍ପେଶାଲିଷ୍ଟ ଉପସ୍ଥିତ ୧୨୦ ଜଣ ମହିଳାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଥିଲେ। କିନ୍ତୁ ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତର ନ ଥିବାରୁ ଆସିଥିବ ଗର୍ଭବତୀ ମହିଳା ମାନଙ୍କ ଅଲଟ୍ରାସାଉଣ୍ଡ ଟେଷ୍ଟ ହୋଇ ପାରି ନ ଥିଲା । ପ୍ରକାଶ ଥାଉକି ଉକ୍ତ ଦିନ ତରଭା ଡାକ୍ତର ଖାନାରେ ବହିର୍ଭାଗରେ ସକାଳ ସମୟରେ ୧୮୦ ଜଣ ରୋଗୀ ଚିକିତ୍ସା ପାଇଁ ଆସିଥିବା ବେଳେ ଉପର ବେଳା ୯୦ ଜଣ ରୋଗୀ ଚିକିତ୍ସା ପାଇଁ ଆସିଥିବା ଏକ ସୂତ୍ରରୁ ପ୍ରକାଶ। ଯଦି ଉକ୍ତ ଦିନ ୧୨୦ ଜଣ ଗର୍ଭବତୀ ମହିଳା ମାନଙ୍କ ଉପସ୍ଥିତି ହିସାବକୁ ନିଆଯାଏ ସର୍ବ ମୋଟ ୩୯୦ ଜଣ ରୋଗୀଙ୍କ ଚିକିତ୍ସା ଜଣେ ଡାକ୍ତର ଚିକିତ୍ସା କରିବା କେତେ କଠିନ ଏବଂ କେତେ ଚାପ ତାହା ମଧ ଚିନ୍ତାର କାରଣ । ଯଦି ଜଣେ ନିଜ ଖାଇବା ପିଇବା ରେଷ୍ଟ ସମୟ ଛାଡି ଦିଆଯାଏ ତାହା ହେଲେ ଜଣେ ରୋଗୀଙ୍କୁ କେତେ ସମୟ ପଡିଲା ତାହା ଗୁରୁତ୍ୱ ବିଷୟ ।ଏନେଇ ସୁବର୍ଣ୍ଣପୁର ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ପଚାରିବାରୁ ମୁଁ ଡାକ୍ତର ଙ୍କୁ ଚିଠି କରି ଥିଲି ହେଲେ ସେ ଯାଇଛନ୍ତି କି ନାହିଁ ତଦନ୍ତ ପରେ ଜଣା ପଡିବ ବୋଲି କହିଥିଲେ। ଏଠାରେ ପ୍ରକାଶ ଥାଉ କି ତରଭା ଡାକ୍ତର ଖାନାରେ ୨୦୦ ରୁ ଉର୍ଦ୍ଧ ଗ୍ରାମବାସୀ ନିର୍ଭର କରୁଥିବା ବେଳେ ଏଭଳି ସେବା ଅଞ୍ଚଳ ବାସୀଙ୍କ ପାଇଁ ଚିନ୍ତାର କାରଣ । ଏଥି ପ୍ରତି ଜିଲ୍ଲା ପ୍ରଶାସନ ବିହିତ ପଦକ୍ଷେପ ନେବା କୁ ଦାବି ହେଉଛି ।

## ଜେସିବିରେ କେନାଲ୍ ସଫେଇ: ଶ୍ରମିକ ହତାଶ୍



ନିଆଳି,(ନିପ୍ର): ଉକ୍ତ ଅଞ୍ଚଳର ନିଆଳି ଡିଷ୍ଟ୍ରିବ୍ୟୁଟାରୀ,କୁଣ୍ଢେଇ ବ୍ରାଞ୍ଚ କେନାଲ୍ ସମେତ ଅନ୍ୟାନ୍ୟ କେନାଲ୍ ଗୁଡିକର ସଫେଇ କାର୍ଯ୍ୟ ଜେସିବି ଯୋଗେ କରାଯାଉଥିବାରୁ ଶ୍ରମିକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। କେନାଲ୍ ସଫେଇ ଶ୍ରମିକ ମାନଙ୍କ ଦ୍ୱାରା କରିବାକୁ ନିୟମ ଥିଲେ ମଧ ଅତି ତରବରିଆ ଭାବେ ଜେସିବି ଯୋଗେ ଅତି ନିମ୍ନମାନର ସଫେଇ କାର୍ଯ୍ୟ କରାଯାଉଥିବାରୁ କେନାଲ୍‌ରେ ଜଳପ୍ରବାହ ପ୍ରବାହିତ ହେବା ଆଶଙ୍କା ଦେଖାଦେଇଛି। କେନାଲ୍ ସଫେଇ ଦାୟିତ୍ୱରେ ଥିବା ଠିକାଦାର ମାନଙ୍କ ଏଭଳି ମନୋମାନୀ ଯୋଗୁଁ ସରକାରୀ ଅର୍ଥ ବର୍ବାଦ ସହ କେନ୍ଦ୍ର ସରକାରଙ୍କ ଶ୍ରମିକଙ୍କୁ ଶ୍ରମ ଯୋଗାଣ ନୀତିକୁ ପ୍ରହଶନରେ ପରିଣତ କରିଛି ବୋଲି ବହୁ ଶ୍ରମିକ ମତବ୍ୟକ୍ତ କରି ଅସନ୍ତୋଷ ଜାହିର୍ କରିଛନ୍ତି। ନିମ୍ନମାନର ସଫେଇ କାର୍ଯ୍ୟଯୋଗୁଁ କେନାଲ୍ ପାର୍ଶ୍ୱରେ ଥିବା ମାଟି ଅନାବନା ଗଛ ବର୍ଷା ପାଣିରେ କେନାଲ୍ ମଧକୁ ପ୍ରବେଶ କରି ପୁନଶ୍ଚ ପୋତି ହୋଇଯିବାର ଆଶଙ୍କା ରହିଛି ବୋଲି ଅଭିଯୋଗ ହେଉଛି। ଏଥିପ୍ରତି ଦୃଷ୍ଟି ଦିଆଯିବାକୁ ଦାବି ହେଉଛି।

# ଜଳୁନି ଷ୍ଟ୍ରିଟ୍ ଲାଇଟ, ସହରର ସମ୍ବେଦନଶୀଳ ରାସ୍ତା ଅନ୍ଧାର

## ବଢୁଛି ବେଆଇନ କାର୍ଯ୍ୟକଳାପ



ହିଞ୍ଜିଳିକାଟୁ, (ନିପ୍ର): ଦୀର୍ଘ ଦିନ ଧରି ହିଞ୍ଜିଳିକାଟୁ ପୌରାଞ୍ଚଳରେ ବିଭିନ୍ନ ମୌଳିକ ସମସ୍ୟା ଲାଗିରହିଛି। ଏହାମଧରେ ସହରର ଷ୍ଟ୍ରିଟ୍ ଲାଇଟ୍ ସବୁଠାରୁ ବଡ଼ ସମସ୍ୟା ଭାବେ ଉଭା ହୋଉଛି। ୱାର୍ଡଠାରୁ ଆରମ୍ଭ କରି ସହରର ମୁଖ୍ୟରାସ୍ତା ସବୁଆଡ଼େ ଅନ୍ଧକାରମୟ। ସମସ୍ୟା ସମ୍ପର୍କରେ ଜନ ସାଧାରଣ ପୌର କର୍ତ୍ତୃପକ୍ଷଙ୍କୁ ଅବଗତ କଲେ ମଧ ସମାଧାନ ହୋଇପାରୁନାହିଁ। ରାତିରେ ଅନ୍ଧକାରର ସୁଯୋଗ ନେଇ ସହରରେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇବା ସହ ଚୋରି, ଛିନତାଇ ବୃଦ୍ଧି ପାଉଥିବା ଦେଖିବାକୁ ମିଳିଛି। ୱାର୍ଡକଥା ଦୂରେ ଥାଉ, ସହରର ମୁଖ୍ୟରାସ୍ତା ୧୨ନଂ. ୱାର୍ଡ ଜାତୀୟ ରାଜପଥ ଠାରୁ ଲକ୍ଷ୍ମୀ ନୃସିଂହ ବିଦ୍ୟାଳୟ, ଲକ୍ଷ୍ମୀ ନୃସିଂହ କଳା ମନ୍ଦିର, ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଦେଇ ରାଜାତୋଟା ସାହି,ପାହାଡ ସାହି ରାସ୍ତାର ଶ୍ରୀଷ୍ଟ୍ ଲାଇଟ ଦୀର୍ଘ ଦିନ ଧରି ଲାଗୁନଥିବାରୁ ବହୁ ସ୍ଥାନ ଅନ୍ଧାର ରହୁଛି। ଏପରିକି ସହରର ଅତ୍ୟନ୍ତ ସମ୍ବେଦନଶୀଳ ଅଞ୍ଚଳ ଭାବେ ପରିଚିତ ୫୯ ନଂ ଜାତୀୟ ରାଜପଥ ଆରଏମସି ଛକ ଠାରୁ ଉପଖଣ୍ଡ ଚିକିତ୍ସାଳୟ ରାସ୍ତା ସମ୍ପୂର୍ଣ୍ଣ ଅନ୍ଧାର ରହିଛି । ଦୀର୍ଘ ଦିନ ଧରି ସଂପୃକ୍ତ ଅଞ୍ଚଳର ଅନ୍ଧକାର ହୋଇ ରହିଥିଲେ ମଧ ପୌର ପ୍ରଶାସନର ଦୃଷ୍ଟି ଆକର୍ଷଣ ହୋଇପାରୁନାହିଁ। ଅନ୍ଧକାରର ସୁଯୋଗ ନେଇ ସଂପୃକ୍ତ ସ୍ଥାନରେ ମଦ୍ୟପ ମାନଙ୍କର ଆଡ୍ଡା ଜମୁଥିବା ଦେଖିବାକୁ ମିଳୁଛି। ସେହିପରି ୫୯ ନଂ ଜାତୀୟ ରାଜପଥ ଠାରୁ ସୋମପୁର ରାସ୍ତାରେ ଆଲୋକ ସୁବିଧା ନଥିବାରୁ ବହୁ ସମୟରେ ଛୋଟ ବଡ ଦୁର୍ଘଟଣା ଘଟି ବହୁ ଧନଜୀବନ ନଷ୍ଟ ହେଉଥିବା ନଜିର ରହିଛି। ଏ ଦିଗରେ ସ୍ଥାନୀୟ ଅଞ୍ଚଳବାସୀ ପୌର କର୍ତ୍ତୃପକ୍ଷଙ୍କୁ ଦାୟୀ କରିଛନ୍ତି। ଏ ଦିଗରେ ପୌର କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

## ସଂକୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳା

ଦାମନଯୋଡି,(ନିପ୍ର) : କୋରାପୁଟ ସଂକୁଳସ୍ତରୀୟ ଦୁଇ ଦିନିଆ ଜ୍ଞାନବିଜ୍ଞାନ ମେଳା ମାଥାଲପୁଟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ଦିନରେ କୋରାପୁଟ ସଂକୁଳ ଅଧୀନସ୍ଥ ୧୩ଟି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରୁ ବିଭିନ୍ନ ପ୍ରଶ୍ନମଞ୍ଚ ପ୍ରତିଯୋଗିତା ଓ ମୂର୍ତ୍ତିକଳାରେ ମୋଟ ୧୬୮ ଜଣ ଓ ଗାଇଡ୍ ଆଚାର୍ଯ୍ୟ ୧୫ ଜଣ ଅଂଶଗ୍ରହଣ କରିଥିଲେ ପ୍ରଧାନ ଆଚାର୍ଯ୍ୟ ଶ୍ରୀକାନ୍ତ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ନାଲକୋର ପୂର୍ବତନ ଡିଜିଏମ ଡଃ ରମେଶ ଚନ୍ଦ୍ର ଦାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶୁଭଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍ଘାଟନ କରିଥିଲେ । ଶିଶୁ,ବାଲ, କିଶୋର ଏହିପରି ତିନୋଟି ବର୍ଗକୁ ନେଇ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ନାଲକୋର କାର୍ଯ୍ୟନିର୍ବାହୀ



ନିର୍ଦ୍ଦେଶକ ଇଂ ଅମରେନ୍ଦ୍ର କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଜ୍ଞାନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିବା ସହିତ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ସେହିପରି ଦ୍ୱିତୀୟ ତଥା ଅନ୍ତିମ ଦିନ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଜ୍ଞାନ ପ୍ରକଳ୍ପ ଓ ପତ୍ର ବାଚନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଅନ୍ତିମ ଦିନ ନାଲକୋର ମୁଖ୍ୟ ମହାପ୍ରବନ୍ଧକ ସଞ୍ଜୟ କୁମାର ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିଥିଲେ । ପ୍ରତି ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀମାନେ ବିଭାଗ ସ୍ତରୀୟ ଜ୍ଞାନବିଜ୍ଞାନ ମେଳାରେ ଅଂଶଗ୍ରହଣ କରିବେ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ମିଳିଛି ।

## ରସୁଲପୁର ବ୍ଲକରେ ଜନ ଅଭିଯୋଗ ଶୁଣାଣି

ଯାଜପୁର,(ନିପ୍ର): ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ରସୁଲପୁର ବ୍ଲକ୍ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଅମ୍ବର କୁମାର କର ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ମୋଟ ୭୪ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୪୬ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କିତ ୦୨ ଗୋଟି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୨୬ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୨୬



ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧୀକ୍ଷକ, ଯାଜପୁର ଯଶପ୍ରତାପ ଶ୍ରୀମାଲ, ଅତିରିକ୍ତ ଜିଲ୍ଲାପାଳ, ଯୁଧିଷ୍ଠିର ନାଏକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ, ଯାଜପୁର ଦେବୀ ପ୍ରସାଦ ମହାନ୍ତି, ଉପ-ଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା. ନଗେନ୍ଦ୍ରନାଥ ମହାପାତ୍ର, ଡେପୁଟି କଲେକ୍ଟର, ଅଭିଯୋଗ ପ୍ରକୋଷ୍ଠ, ସାରସ୍ୱତ ସାହୁ,ଗୋଷ୍ଠୀ ଉନ୍ନୟନ ଅଧିକାରୀ ରସୁଲପୁର ସତ୍ୟାନନ୍ଦ ଦାସ, ତହସିଲଦାର, ରସୁଲପୁର, ସିଦ୍ଧାର୍ଥ କୁମାର ବେହେରା ଓ ଜିଲ୍ଲା ସ୍ତରୀୟ ଅଧିକାରୀ, ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

## ତରଭାରେ ବଢିବାରେ ଲାଗିଛି ନକଲି ସାମ୍ବାଦିକଙ୍କ ପ୍ରାଦୁର୍ଭାବ !

ତରଭା,( ନିପ୍ର): ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ ଅଞ୍ଚଳରେ ନକଲି ସାମ୍ବାଦିକଙ୍କ ପ୍ରାଦୁର୍ଭାବ ଦିନକୁ ଦିନ ବଢିବାରେ ଲାଗିଛି । ପ୍ରତ୍ୟହ ନକଲି ସାମ୍ବାଦିକଙ୍କ ଫୋନ ବ୍ଲକର କାର୍ଯ୍ୟରତ ଜେଇ , ପି ଇ ଓ , ମାନଙ୍କୁ ଆସୁଛି। ସେମାନଙ୍କୁ ବିଭିନ୍ନ ପ୍ରକଳ୍ପ ନାମରେ ଅନିୟମିତତା ହୋଇଥିବା କହି ମୋଟା ଅଙ୍କର ଚାନ୍ଦା ଆଦାୟ ପାଇଁ ଫୋନ କରି ଟଙ୍କା ମଗିଥାନ୍ତି । ଯଦି କେହି ଅଧିକାରୀ ଏହାର ପ୍ରତିବାଦ କରନ୍ତି ଆପଣଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେମାନେ କହିଥିବା ନଜିର ରହିଛି । ଯାହାକି ଫୋନ ଆସିବା ସମ୍ପୃକ୍ତ ଅଧିକାରୀମାନେ ନିଜ ନାମ ଗୋପନ ରଖି ଗଣମାଧ୍ୟମ ଠାରେ ପ୍ରକାଶ କରିଛନ୍ତି। ଅଧିକାରୀମାନେ ଆପଣ ନିଜେ ଆସନ୍ତୁ ଏବଂ ସତ୍ୟାସତ୍ୟ ତଦନ୍ତ କରି ଖବର ପ୍ରକାଶ କରନ୍ତୁ ବୋଲି କହିବା ପରେ ମଧ ଆମେ କାହିଁକି ଯିବୁ ଆପଣ ଆମେ କହୁ ଥିବା ଆକାଉଣ୍ଟରେ ଏତିକି ଟଙ୍କା ପଠାନ୍ତୁ ବୋଲି ଓଲଟା ଧମକ ଦେଉଥିବା ଅଭିଯୋଗ ହୁଏ । ପ୍ରକାଶ ଥାଉକି ଏଭଳି ନକଲି ସାମ୍ବାଦିକମାନଙ୍କ ପ୍ରାଦୁର୍ଭାବ କେବଳ ଅଧିକାରୀମାନଙ୍କ ମାନସିକ ଚାପ ପଡ଼ିବା ସହ ଅଞ୍ଚଳରେ କାର୍ଯ୍ୟରତ ଅସଲି ସାମ୍ବାଦିକମାନଙ୍କ କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଏଣୁ ବେଳହୁଁ ଏଦିଗରେ ପ୍ରଶାସନ ତତ୍ପରତା ସହ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଏହା ବ୍ୟାପକ ଭାବେ ଏହା ସଂକ୍ରମିତ ହେବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।

## ସ୍ୱାଧୀନତା ଦିବସ ଅବସରରେ ଅଭ୍ୟାସ ପ୍ୟାରେଡ

ପୁରୀ(ନିପ୍ର): ସ୍ୱାଧୀନତା ଦିବସ ଅବସରରେ ୮୦ ତମ ପୁରୀ ଜିଲ୍ଲା ସ୍ତରୀୟ ସ୍ୱାଧୀନତା ଦିବସ ତାଳବଣିଆ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଠାରେ ଚଳିତ ମାସ ୧୫ ତାରିଖରେ ଅନୁଷ୍ଠିତ ହେବ। ଆଜି ଅପରାହ୍ନରେ ତାଳବଣିଆ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଠାରେ ତିନି ଦିନିଆ ଅଭ୍ୟାସ ପ୍ୟାରେଡ଼ ଆରମ୍ଭ ହୋଇଛି। ୧୧ ତାରିଖ ମଙ୍ଗଳବାର ଓ ୧୨ ତାରିଖ ବୁଧବାର ଅପରାହ୍ନ ୩ ଘଟିକା ଓ ୧୩ ତାରିଖ ଗୁରୁବାର ପୂର୍ବାହ୍ନ ୮ ଘଟିକା ସମୟରେ ଅଭ୍ୟାସ ପ୍ୟାରେଡ଼ ଅନୁଷ୍ଠିତ ହେବ ।ଏହି ପ୍ୟାରେଡ଼କୁ ପ୍ୟାରେଡ଼ କମାଣ୍ଡର ତଥା ପୋଲିସ ରିଜର୍ଭ ଇନିନ୍ସପେକ୍ଟର ଚିତ୍ତ ରଞ୍ଜନ ମହାନ୍ତି ପରିଚାଳନା କରୁଛନ୍ତି।

## ବିଭିନ୍ନ ଶୈବ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ

ନିଆଳି (ନିପ୍ର): ପବିତ୍ର ଶ୍ରାବଣ ଦ୍ୱିତୀୟ ସୋମବାରରେ ପୁଣ୍ୟତୋୟା ପ୍ରାଚୀ ତଟବର୍ତ୍ତୀ ବିଭିନ୍ନ ପ୍ରାଚୀନ ଶୈବ ପୀଠରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ ଏକ ଆଧାତ୍ମିକ ପରିବେଶର ସୂତ୍ରପାତ ଘଟାଇଥିଲା। ଉତ୍କଳର ପ୍ରାଚୀନତମ ନଦୀ ତଥା ଗଙ୍ଗା ଠାରୁ ଶହେ ବର୍ଷ ପୁରୁଣା ପ୍ରାଚୀ ନଦୀର ଅର୍ନ୍ତବେଦୀ ମଠ, ସୁନାମୁହିଁ ଘାଟ, ପ୍ରାଚୀ ଅର୍କକ୍ଷେତ୍ର ଘାଟ, ମାଧବର ମାଧବ ଘାଟ, ପାଣ୍ଡବକୁଦ ଘାଟ ସମେତ ବିଭିନ୍ନ ଘାଟରୁ ବହୁ ସଂଖ୍ୟାରେ କାଉଡିଆ ଶୋଭନେଶ୍ୱର,ସୋମନାଥ,ଅନ୍ଧକପିଳେଶ୍ୱର ଗୋକର୍ଣ୍ଣେଶ୍ୱର, ବେଲେଶ୍ୱର,ତ୍ରିବେଣୀଶ୍ୱର, ପୁନେଶ୍ୱର, ରାମେଶ୍ୱର, ଗଙ୍ଗେଶ୍ୱର, ବୁଦ୍ଧିକେଶ୍ୱର, ଅମରନାଥ ଆଦି ପ୍ରାଚୀନ ଶୈବ ପୀଠ ମାନଙ୍କରେ ଜଳଲାଗି କରିଥିଲେ। ସେହିପରି ସମସ୍ତ ଶୈବ ପୀଠରେ ସୋମବାର ଅବସରରେ ପ୍ରାରମ୍ଭାରିକ ଜଳଲାଗି କରିବାକୁ ସ୍ଥାନୀୟ ଅଞ୍ଚଳର ଶହ ଶହ ଶ୍ରଦ୍ଧାଳୁଙ୍କ ସମାଗମ ଶୈବ ପୀଠଗୁଡିକରେ ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲା। ଓମ୍‌ନମଃ ଶିବାୟ,ବୋଲେବମ୍ ଧ୍ୱନୀରେ ସମଗ୍ର ପ୍ରାଚୀ ତଟ ମୁଖରିତ ହୋଇ ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲା ।ସୂଚନାଯୋଗ୍ୟ ଯେ ପ୍ରାଚୀ ତଟର ଏହି ଘାଟ ମାନଙ୍କରୁ ଶୁକ୍ରବାର ଠାରୁ ରବିବାର ମଧ୍ୟରେ ବହୁ ସଂଖ୍ୟାରେ କାଉଡିଆ ଭୁବନେଶ୍ୱର,ଶିକ୍ଷେତ୍ରର ଶୈବପୀଠ ସମେତ ରାଜ୍ୟର ଅନ୍ୟ ଶୈବ ପୀଠମାନଙ୍କୁ ପ୍ରାଚୀ ନଦୀର ପବିତ୍ର ଜଳଲାଗି ପାଇଁ ଯାତ୍ରା କରିଥିଲେ।

ତିଥି :(ଅମାବାସ୍ୟା): (ପୁଷ୍ୟା କର୍କଟ)
ଅମୃତ ବେଳା: ଦିବା ଘ ୭ । ୫ ମଧ୍ୟେ ଘ ୧୧ ।୫୩ ଗତେ

## ଆଜିର ଅନୁଚିନ୍ତନ

ସବୁ ଧର୍ମର ଆଶ୍ରୟ ଛାଡ଼ି ତୁମେ କେବଳ ମୋର ଶରଣ ନିଅ
- ଶ୍ରୀମଦ୍ ଭଗବଦ୍ ଗୀତା

# ଶିକ୍ଷାକ୍ଷେତ୍ର ସ୍ଥିତି

ସଦ୍ୟ ରାଜ୍ୟ ସରକାର ନିଯୁକ୍ତି ମେଳାରେ ୯ଟି ବିଭାଗରେ ୧୩୨୬ ଜଣଙ୍କୁ ନିଯୁକ୍ତି ପତ୍ର ଦିଆଗଲା । ରାଜ୍ୟ ସରକାର ଏଯାବତ୍ ନିଯୁକ୍ତି ମେଳାରେ ୪୫ହଜାରରୁ ଅଧିକଙ୍କୁ ନିଯୁକ୍ତି ଦେଇଥିବା ଆଶ୍ୱସ୍ତିର ବିଷୟ । ତେବେ ଏପର୍ଯ୍ୟନ୍ତ ଶିକ୍ଷା କ୍ଷେତ୍ର ପ୍ରତି ସରକାରଙ୍କ ପକ୍ଷରୁ ଯଥାର୍ଥ ଦୃଷ୍ଟି ଦିଆଯାଇଥିବା ମନେ ହେଉନାହିଁ । ଏହି କ୍ଷେତ୍ରରେ ଶିକ୍ଷକ ଅଭାବ ବରାବର ଲାଗି ରହିଛି । ତେଣୁ ଆବଶ୍ୟକ ନିଯୁକ୍ତି ଦିଆଯିବା ଜରୁରୀ । କାରଣ ନିକଟରେ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ୟୁ-ଡାଇଜ ପ୍ଲସ ରିପୋର୍ଟ ଏକ ଉଦ୍‌ବେଗ ପ୍ରକାଶ କରିଥିଲା । ଏହି ଉଦ୍‌ବେଗଟି ହେଉଛି ଓଡ଼ିଶାରେ ଏକକ ଶିକ୍ଷକ ବିଦ୍ୟାଳୟ ସଂଖ୍ୟା ୧୪୫୮ । ଏହା ହେଉଛି ୨୦୨୫-୨୬ ମସିହାର ସ୍ଥିତି । ଏହା ପଛକୁ ଗଲେ ଅର୍ଥାତ୍ ୨୦୨୪-୨୫ ଶିକ୍ଷାବର୍ଷରେ ଏହି ସଂଖ୍ୟା ଥିଲା ୧୦୮୯ । ଏହା ସୂଚାଇ ଦିଏ ଯେ ସମସ୍ୟାର ଗମ୍ଭୀରତା ।

ଦୃଷ୍ଟାନ୍ତଟିଏ ନିଆଯାଇପାରେ । ୪୨ବର୍ଷ ପୂରିଥିବା ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ଏକ ଉଚ୍ଚବିଦ୍ୟାଳୟରେ ଏବେ ନବମ ଓ ଦଶମରେ ପଢୁଛନ୍ତି ୭୨ ଜଣ ଛାତ୍ରଛାତ୍ରୀ । କାର୍ଯ୍ୟରତ ଅଛନ୍ତି ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ । ସେ ଜଣେ କଳା ଶିକ୍ଷକ ଓ ତାଙ୍କ ଉପରେ ସବୁ ଶ୍ରେଣୀର ପାଠପଢା ଦାୟିତ୍ୱ । କାରଣ ପୂର୍ବରୁ ଥିବା ଶିକ୍ଷକମାନେ କ୍ରମାଗତ ଅବସର ନେଇସାରିଲେଣି । ଏପରି ବିଦ୍ୟାଳୟରେ ଜଣେ ଶିକ୍ଷକରେ ପିଲାଙ୍କ ପାଠ୍ୟକ୍ରମ କିଭଳି ଶେଷ ହେବ, ତାହା ଚିନ୍ତା କରିହେଉନାହିଁ । ତାହାଛଡ଼ା ଗଣିତ, ବିଜ୍ଞାନ ପଢା କିଭଳି ହେଉଥିବା ତାହା ସହଜେ ଅନୁମେୟ ।

ଅବଶ୍ୟ ନିକଟରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏକକ ଶିକ୍ଷକ ବିଦ୍ୟାଳୟରେ ଶିକ୍ଷକ ନିୟୋଜନ ପ୍ରକ୍ରିୟା ଜିଲ୍ଲାପାଳମାନଙ୍କ ହାତରେ ନ୍ୟସ୍ତ କରିଛନ୍ତି । ଗୋଟିଏ ମାସରେ ଏହି ପ୍ରକ୍ରିୟା ସଂପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ତେବେ କିଭଳି ଏ ପ୍ରକ୍ରିୟା ଶେଷ ହେବ ତାହା ରୂପରେଖ ଜଣାପଡୁନାହିଁ ।

ସ୍ମରଣ କରାଯାଇପାରେ ଯେ ଏକଦା କୁହାଯାଇଥିଲା ପ୍ରାଥମିକ ଶିକ୍ଷାରେ ପ୍ରାୟ ୪୫ହଜାର ଶିକ୍ଷକ ପଦ ଖାଲି ପଡିଥିବା ହେତୁ ପ୍ରାଥମିକତା ଭିତ୍ତିରେ ପ୍ରତିବର୍ଷ ଅତିକମ୍‌ରେ ୧୫ହଜାର ଲେଖାଏଁ ହିସାବରେ ତିନି ବର୍ଷରେ ପଦ ପୂରଣ କରାଯିବ । କିନ୍ତୁ ଏଯାବତ୍ କେଉଁ କାରଣରୁ ଏ ସଂକ୍ରାନ୍ତ ବିଜ୍ଞାପନ ବାହାରି ପାରିନାହିଁ, ତାହା ରହସ୍ୟଘେରରେ । ଶିକ୍ଷକ ଆଶାୟୀ ଯୁବପିଢି ଅଭିଯୋଗ ଉଠାଇଛି ଯେ ବିଏଡ୍ ଓ ସିଟି ତାଲିମପ୍ରାପ୍ତ ଲକ୍ଷ ଲକ୍ଷ ଯୁବକଯୁବତୀ ବେକାର ହୋଇ ବସିଛନ୍ତି । ଖାଲିଥିବା ଶିକ୍ଷକ ପଦରେ ତୁରନ୍ତ ନିଯୁକ୍ତି ଦିଆଯାଉ । ଏହି ଅଭିଯୋଗ ପରିପ୍ରେକ୍ଷୀରେ କି ପଦକ୍ଷେପ ଆଗକୁ ନିଆଯାଉଛି ତାହାର ସ୍ଥିତି ସମୟ କହିବ । ତେବେ ପିଲାଙ୍କ ପାଠପଢା ବ୍ୟାହତ କାରଣରୁ ଛାତ୍ରଛାତ୍ରୀ ବିଦ୍ୟାଳୟ ଫାଟକରେ ତାଲା ପକାଇବାର ଘଟଣା ନିକଟ ଅତୀତରେ ଘଟିଛି ଯାହା ସ୍ଥିତିର ଗମ୍ଭୀରତାର ସୂଚକ ମାତ୍ର । କଳାହାଣ୍ଡି, ଗୋଲାମୁଣ୍ଡାର ଏକ ପ୍ରାଥମିକ ବିଦ୍ୟାଳୟରେ ଶିଶୁବାଟିକାରୁ ଅଷ୍ଟମ ପର୍ଯ୍ୟନ୍ତ ୧୮୮ ଜଣ ଛାତ୍ରଛାତ୍ରୀ ଥିବାବେଳେ ନିଯୁକ୍ତ ଶିକ୍ଷକଙ୍କ ସଂଖ୍ୟା ୪ । ପାଠପଢା ଠିକ୍ ଭାବରେ ହେଉ ନଥିବା ପ୍ରତିବାଦ କରି ଖୋଦ୍ ଛାତ୍ରଛାତ୍ରୀ ଉକ୍ତ ବିଦ୍ୟାଳୟ ଫାଟକରେ ନିକଟରେ ତାଲା ପକାଇ ବିରୋଧ ପ୍ରଦର୍ଶନ କରିଥିଲେ । ବୁଝିବାକୁ ହେବ ଯେ ଏ ବିରୋଧ ହେଉଛି ଆପତ୍ତି ବା ଦାବି । ଉଣାଅଧିକେ ରାଜ୍ୟର ଅନ୍ୟ କେତେକ ବିଦ୍ୟାଳୟରେ ଏହା ଘଟୁଛି । ସୁତରାଂ ଦୃଢ ରାଜନୈତିକ ଇଚ୍ଛାଶକ୍ତି ଏହି ସମସ୍ୟାର ସମାଧାନ ପାଇଁ ପଥ ପ୍ରଦର୍ଶକ ହେଉ, ଏପରି ଆମେ ଆଶା ରଖୁଛୁ ।

# ଏନ୍‌ଜିଓମାନଙ୍କୁ ନିୟନ୍ତ୍ରଣ କରେ କିଏ ?

## ମହାମେଘବାହନ ଐର ଖାରବେଳ ସ୍ୱାଇଁ

ମୋଦି ସରକାର ପ୍ରତିଜ୍ଞା କରିଥିଲେ ଯେ ଏଫ୍‌ଆର୍‌ସିଏ ଆଇନ୍‌କୁ ଅଧିକରୁ ଅଧିକ କଡ଼ା କରିବେ ଏବଂ ବିଭିନ୍ନ ବିଶିଷ୍ଟ ସଂଗଠନ ବିରୋଧରେ ଏହାକୁ ଲାଗୁ କରିବେ । ଆଶାନୁରୂପ ବିରୋଧୀ ଦଳ ଏହାକୁ ବିରୋଧ କରିଛନ୍ତି ଏବଂ ସେମାନେ ଏ ସମ୍ପର୍କରେ ଲଢ଼େଇକୁ ଡେଇଁ ପଡ଼ିଛନ୍ତି । କାରଣ ସେମାନେ ଭାବୁଛନ୍ତି ବିଭିନ୍ନ ପ୍ରତିଷ୍ଠାନମାନଙ୍କର ମର୍ଯ୍ୟାଦା ଏହାଦ୍ୱାରା କ୍ଷୁଣ୍ଣ ହେବ । ବର୍ତ୍ତମାନ ଯେଉଁ ବିଲ୍ ଆଗତ କରାଯାଇଛି ତାହା ଏହି ଘଟଣାର ଗୁରୁତ୍ୱକୁ ବଢ଼ାଇଛି । ଏଥିରେ ଏନ୍‌ଜିଓମାନଙ୍କୁ ନିୟନ୍ତ୍ରିତ କରିବା ପାଇଁ ଏକ ସ୍ୱୀକୃତିପ୍ରାପ୍ତ ପ୍ରାଧିକରଣ ଗଢ଼ା ହୋଇଛି, ଯାହାକି ଏନ୍‌ଜିଓମାନଙ୍କର ତତ୍ତ୍ୱାବଧାନ କରିବ ଏବଂ ବିଦେଶରୁ ଯେଉଁ ଅନୁଦାନ ସେମାନଙ୍କ ପାଇଁ ଆସୁଛି ଏବଂ ତାଙ୍କର ଯେଉଁ ସମ୍ପତ୍ତି ଅଛି ତାହାକୁ ଏଫ୍‌ସିଆର୍‌ଏ ପ୍ରମାଣପତ୍ର ଦ୍ୱାରା ନିୟନ୍ତ୍ରିତ କରିବ । ଯଦି ଏଫଆର୍‌ସିଏ ପ୍ରମାଣପତ୍ରକୁ କାଟି ଦିଆଯାଏ ତା'ହେଲେ ଏହି ସମ୍ପତ୍ତି ସୃଷ୍ଟି କରିଥିବା ପକ୍ଷ ଏବଂ ସେଥିକୁ ଆସିଥିବା ବିଦେଶୀ ଅନୁଦାନକୁ ସରକାରୀ କର୍ତ୍ତୃପକ୍ଷଙ୍କୁ ଦେଇଦିଆଯିବ । ଏହାର ଅର୍ଥ ହେଉଛି ଯେ, କର୍ତ୍ତୃପକ୍ଷ ଯେଉଁମାନେ ଖ୍ରୀଷ୍ଟିଆନ ସଂଗଠନ ଏବଂ ଅନ୍ୟ ଦାତବ୍ୟ ସଂସ୍ଥା ଏବଂ ଅନ୍ୟ ଧରଣର ଦାତବ୍ୟ ଅନୁଷ୍ଠାନ ଯେଉଁମାନେ ସ୍କୁଲ୍, ହସ୍ପିଟାଲ୍, ଜନମଙ୍ଗଳ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି ସେମାନେ ଯାଞ୍ଚରୁ ବାଦ୍ ପଡ଼ିବେ ନାହିଁ । ଯେଉଁମାନଙ୍କର ବିଦେଶୀ ରାଷ୍ଟ୍ର ସହିତ ସମ୍ପର୍କ ଅଛି ସେମାନଙ୍କୁ ମଧ୍ୟ ସୁବିଧା ଦିଆଯିବନାହିଁ । ଯାଞ୍ଚରୁ ଅଲଗା କରି ରଖାଯିବ ନାହିଁ, ବିଶେଷ କରି ଯେଉଁମାନଙ୍କ ପ୍ରତି ଆପେ ଆପେ ସନ୍ଦେହ ସୃଷ୍ଟି ହୋଇଛି ସେମାନଙ୍କ ବିରୁଦ୍ଧରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ସରକାର ମଧ୍ୟ ବାସ୍ତବ ଦାତବ୍ୟ ଅନୁଷ୍ଠାନ ଏବଂ କାର୍ଯ୍ୟକଳାପକୁ ଯାଞ୍ଚ କରି ଦେଖିବେ ଏବଂ ଆଇନଗତ ଦାତବ୍ୟ ଏବଂ ସେ ଧରଣର କାର୍ଯ୍ୟକଳାପକୁ ଦେଖିବେ, ଯାହା ଦେଶର ଆଇନ୍‌କୁ ଭଙ୍ଗ କରନ୍ତି ନାହିଁ । ଅର୍ଥାତ୍, ନ୍ୟାୟପୂର୍ଣ୍ଣ ଦାତବ୍ୟ ସଂସ୍ଥାମାନଙ୍କୁ ଭାରତରେ କାମ କରିବାକୁ ଅନୁମତି ଦିଆଯିବ । ଅବଶ୍ୟ ଏଥିପାଇଁ ପ୍ରମାଣ ଦରକାର, ଆଦର୍ଶଗତ କାରଣ ସେମାନଙ୍କୁ ଆଇନ ବିରୋଧୀ ବୋଲି ପ୍ରମାଣିତ କରିପାରିବନାହିଁ । ଏଥିରେ ଭୟ ହେଉଛି ସରକାର ଏହି ଆଇନ ବଳରେ ଅତ୍ୟଧିକ ଉତ୍ସାହିତ ହୋଇପାରନ୍ତି ଏବଂ ଆର୍ଥିକ କ୍ଷେତ୍ରରେ ଆସୁଥିବା ବିଦେଶୀ ଧନକୁ ରୋକିଦେଇପାରନ୍ତି ଏବଂ ଯେଉଁମାନେ ନିୟମିତ ଭାବରେ ଆଇନ୍ ଭଙ୍ଗ କରୁଛନ୍ତି ସେମାନଙ୍କୁ ଆଇନ ସମ୍ମତ ବୋଲି କହି ଛାଡ଼ିଦେଇପାରନ୍ତି । ଏହା ସମଗ୍ର ଏନ୍‌ଜିଓ କ୍ଷେତ୍ର ପାଇଁ ଅର୍ଥର ଅଭାବ ସୃଷ୍ଟି କରିପାରେ । କାରଣ କିଛି ସଂଗଠନ ଅଛନ୍ତି ଯେଉଁମାନେ ସରକାରର ବିରୋଧୀମାନଙ୍କ ସହିତ ସମ୍ପୃକ୍ତ ଏବଂ ସରକାରଙ୍କ ପ୍ରତି ରାଜନୈତିକ ଦୃଷ୍ଟିକୋଣରୁ ବିରୋଧୀ । ସେମାନଙ୍କ ବିରୋଧରେ କାର୍ଯ୍ୟକ୍ରମ କଲେ ଏହା ଗୋଟିଏ ଭୁଲ୍ ହେବ । କାରଣ ଏନ୍‌ଜିଓମାନେ ଅଛନ୍ତି ଯେଉଁମାନେ ଶିକ୍ଷା, ବିପର୍ଯ୍ୟୟ ମୁକାବଲା ଓ ରିଲିଫ୍ ତଥା ବିପର୍ଯ୍ୟୟ ବେଳେ ବିଭିନ୍ନ ଗୋଷ୍ଠୀମାନଙ୍କ ନିକଟରେ ପହଞ୍ଚିଥାନ୍ତି ଯାହା ସରକାରୀ ସଂସ୍ଥାମାନେ ଅନେକ ସମୟରେ କରିପାରନ୍ତି ନାହିଁ ବା ଯଥେଷ୍ଟ ସେବା ଯୋଗାଇଦେଇ ପାରନ୍ତି ନାହିଁ । ଗୋଟିଏ ଦୃଢ଼ ସରକାର ତାଙ୍କ ପ୍ରତି ହେଉଥିବା ବିରୋଧକୁ ବା ବିରୋଧର ଭୟକୁ ନିୟନ୍ତ୍ରିତ କରିବା ଆବଶ୍ୟକ ।

ଏହାକୁ ଛାଡ଼ିଦେଲେ ଆନ୍ତର୍ଜାତିକ ଦିଗକୁ ଦେଖାଯାଇପାରେ । ଆମେରିକା ଡୋନାଲ୍ଡ ଟ୍ରମ୍ପଙ୍କ ରାଷ୍ଟ୍ରପତିତ୍ୱ ବେଳେ ବିଦେଶୀ ସାହାଯ୍ୟକୁ ପୁନଃନିୟନ୍ତ୍ରିତ କରୁଛି ଏବଂ ବିଦେଶୀ ସାହାଯ୍ୟକୁ ପୁନର୍ଗଠିତ କରୁଛି ଏବଂ ୟୁଏସ୍ ଏଡ୍‌କୁ ଅର୍ଥାତ୍ ବିଦେଶୀ ସହାୟତାକୁ ପୁନର୍ଗଠିତ କରିଛି । ସେ ପ୍ରଶ୍ନ କରୁଛି ଯେ, ବିଦେଶୀ ସହାୟତା ଯେଉଁ ସ୍ୱାଧୀନ ସଂସ୍ଥାମାନେ କରୁଛନ୍ତି ଏକ ସ୍ୱୟଂ ଶାସିତ ଚ୍ୟାନେଲ୍ ହିସାବରେ ଗ୍ରହଣ କରାଯାଇପାରିବ କି ନାହିଁ ।ଭାରତ ଚାହେଁ ତୃତୀୟ ପକ୍ଷ ଏନ୍‌ଜିଓମାନଙ୍କ ସହ ଭାରତର ସମ୍ପର୍କ ସରଳ ହେଉ । ସରକାରମାନେ ନିର୍ବାଚିତ ହୋଇଥାନ୍ତି ଏବଂ ଭୋଟରମାନଙ୍କ ପାଖରେ ଉତ୍ତରଦାୟୀ ହୋଇଥାନ୍ତି । ସଂସଦ, ଅଦାଲତ ଏବଂ ସମ୍ବିଧାନ ପ୍ରତି ସେମାନେ ଅନୁଗତ ହୋଇଥାନ୍ତି । ଏନ୍‌ଜିଓମାନେ ହେଉଛନ୍ତି ଆତ୍ମନିଯୁକ୍ତ ଏବଂ ସେମାନଙ୍କର କର୍ତ୍ତୃତ୍ୱ ପବ୍ଲିକ୍ ଟ୍ରଷ୍ଟମାନଙ୍କ ପାଖରୁ ପାଇଥାନ୍ତି । ସେମାନେ ସରକାରଙ୍କୁ ପ୍ରଶ୍ନ ପଚାରିପାରିବେ ନାହିଁ । ସରକାରଙ୍କର ବିଫଳତାକୁ ପଦାରେ ପକାଇପାରିବେନାହିଁ । ସେମାନେ ମଧ୍ୟ ନିଜର ଅର୍ଥ ବ୍ୟବସ୍ଥା ସମ୍ପର୍କରେ ବା କାହା ସହିତ ସମ୍ପୃକ୍ତି ବିଷୟରେ କହିପାରିବେ ନାହିଁ । କାରଣ ତାଙ୍କ ବିରୁଦ୍ଧରେ ଦଣ୍ଡ ଦିଆଯାଇପାରେ । ମୋଦି ସରକାର ଏହି କ୍ଷେତ୍ରକୁ ପରିଷ୍କାର କରିବା ପାଇଁ ପ୍ରତିଶ୍ରୁତିବଦ୍ଧ । କାରଣ ଏଥିରେ ବହୁତ ଅର୍ଥ ଏବଂ ପ୍ରଭାବ ପୁଞ୍ଜୀଭୂତ ହୋଇ ରହିଛି ।

ମୋ -୯୪୩୭୦୨୦୨୯୦

# ୟୁପିଆଇ କାରବାର ସମ୍ପୂର୍ଣ୍ଣ ମାଗଣା

**"ୟୁପିଆଇ ହେଉଛି ଭାରତର ନିଜସ୍ୱ ନବସୃଜନ, ଏବଂ ସରକାର ନାଗରିକମାନଙ୍କ ପାଇଁ ଏହାକୁ ମାଗଣାରେ ରଖିବା ସହ ଆଗାମୀ ଦଶନ୍ଧି ଗୁଡ଼ିକ ପାଇଁ ଏହାର ସ୍ଥାୟିତ୍ୱ ନିଶ୍ଚିତ କରିବାକୁ ପ୍ରତିଶ୍ରୁତିବଦ୍ଧ । ଅଭିବୃଦ୍ଧିର ପରବର୍ତ୍ତୀ ଲହର:ଭାରତ ଏବେ ଡିଜିଟାଲ୍ ପେମେଣ୍ଟ ଅଭିବୃଦ୍ଧିର ପରବର୍ତ୍ତୀ ଲହରିର ଦ୍ୱାରଦେଶରେ ଛିଡ଼ା ହୋଇଛି । ୟୁପିଆଇକୁ ଗ୍ରାମାଞ୍ଚଳ ଏବଂ ସହରତଳିକୁ ଅଧିକ ପ୍ରସାରିତ କରିବା ଏବଂ ପ୍ରତିଯୋଗିତା ଜାରି ରଖିବା ପାଇଁ, ୟୁପିଆଇ ପରିସଂସ୍ଥା ସ୍ୱୟଂ-ସଂରକ୍ଷଣକ୍ଷମ ଏବଂ ସୁଲଭ ହେବା ଆବଶ୍ୟକ । ପିଏସ୍‌ଏସ୍ ଆଇନରେ ହୋଇଥିବା ସଂଶୋଧନ ହେଉଛି ଏକ ଦୂରଦୃଷ୍ଟିସମ୍ପନ୍ନ ପଦକ୍ଷେପ, ଯାହା ନିଶ୍ଚିତ କରେ ଯେ ୟୁପିଆଇ ଏକ ସୁରକ୍ଷିତ, ସୁଲଭ, ସର୍ବବ୍ୟାପୀ ଏବଂ ବିଶ୍ୱସ୍ତରରେ ସ୍ୱୀକୃତିପ୍ରାପ୍ତ ପେମେଣ୍ଟ ସିଷ୍ଟମ୍ ଭାବରେ ସମୃଦ୍ଧ ହେବା ଜାରି ରଖିବ ।**

ବର୍ତ୍ତମାନ ଭଳି ଆଗକୁ ମଧ୍ୟ ଗ୍ରାହକମାନଙ୍କ ଲାଗି ୟୁପିଆଇ କାରବାର ସମ୍ପୂର୍ଣ୍ଣ ମାଗଣା ରହିବ । ସଂସଦରେ କର ପ୍ରଣାଳୀ ଏବଂ ଅନ୍ୟାନ୍ୟ ନିୟମ (ସଂଶୋଧନ) ବିଲ୍, ୨୦୨୬ ପାରିତ ହେବା ପରେ ୟୁପିଆଇ କାରବାର ଶୁଳ୍କଯୁକ୍ତ ହୋଇଯିବ ବୋଲି ଯେଉଁ ପ୍ରଚାର ଚାଲିଛି ତାହାକୁ ଖଣ୍ଡନ କରିଛନ୍ତି ଅର୍ଥ ମନ୍ତ୍ରଣାଳୟ । ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ: ବ୍ୟବହାରକାରୀଙ୍କ ପାଇଁ କୌଣସି ଶୁଳ୍କ ନାହିଁ: ଦେୟ ପଇଠ କରୁଥିବା ଗ୍ରାହକମାନଙ୍କୁ କୌଣସି କାରବାର ଶୁଳ୍କ ଦେବାକୁ ପଡ଼ିବ ନାହିଁ ।ବ୍ୟକ୍ତି-ବ୍ୟକ୍ତି ଭିତରେ ସବୁ କାରବାର ସମ୍ପୂର୍ଣ୍ଣ ମାଗଣା: ଜଣେ ବ୍ୟକ୍ତିଙ୍କଠାରୁ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ସମସ୍ତ କାରବାର ପୂର୍ବପରି ମାଗଣା ରହିବ ।



ବ୍ୟବସାୟୀଙ୍କ ପାଇଁ ଲାଗୁ ହେବ ନାମମାତ୍ର ଏମଡିଆର୍ ଶୁଳ୍କ : ଭାରତ ସରକାର ସ୍ପଷ୍ଟ କରିଛନ୍ତି ଯେ, ଯଦି ଭବିଷ୍ୟତରେ କାରବାର ଲାଗି କୌଣସି ଏମଡିଆର୍ ଶୁଳ୍କ ଲାଗୁ କରାଯାଏ, ତେବେ ତାହା କେବଳ ଏକ ନିର୍ଦ୍ଦିଷ୍ଟ ସୀମାରୁ ଅଧିକ କେତେକ ସୀମିତ ବ୍ୟବସାୟୀ କାରବାର ଲାଗୁ ହେବ । ଏହାପୁଣି ଡେବିଟ ବା କ୍ରେଡିଟ କାର୍ଡ କାରବାରଠାରୁ କମ୍ ରହିବ । ୟୁପିଆଇରେ ବ୍ୟବସାୟୀଙ୍କ ପାଇଁ ଅଧିକାଂଶ କାରବାର ସମ୍ପୂର୍ଣ୍ଣ ମାଗଣା ରହିବ । ଯଦି ଏମଡିଆର୍ ଶୁଳ୍କ ଲାଗୁ ହୁଏ, ତାହା କେବଳ ସୀମା-ଆଧାରିତ ହେବ ଏବଂ ସମସ୍ତଙ୍କ ଉପରେ ସାଧାରଣ ଭାବେ ଲାଗୁ ହେବ ନାହିଁ ।ସଂସଦରେ କର ପ୍ରଣାଳୀ ଏବଂ ଅନ୍ୟାନ୍ୟ ନିୟମ (ସଂଶୋଧନ) ବିଲ୍, ୨୦୨୬ ପାରିତ ହେବାକୁ ନେଇ ସ୍ପଷ୍ଟୀକରଣ ରଖିଛନ୍ତି କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ । ଏଥିରେ କୁହାଯାଇଛି ଯେ, ଏହି ସଂଶୋଧନରେ ପେମେଣ୍ଟ ଆଣ୍ଡ ସେଟଲମେଣ୍ଟ ସିଷ୍ଟମ୍ସ ଆକ୍ଟ,-୨୦୦୭ ର ଧାରା ୧୦ (କ)ରେ ସଂଶୋଧନର ପ୍ରସ୍ତାବ ଦିଆଯାଇଛି । ହେଲେ ଏହି ସଂଶୋଧନ ସମ୍ବନ୍ଧିତ ନିଷ୍ପତ୍ତି ଏନପିସିଆଇ ଅଧୀନରେ ଥିବା "ୟୁପିଆଇ ଏବଂ ସେବା ଷ୍ଟିଅରିଂ କମିଟି" ହିଁ ନିଷ୍ପତ୍ତି ନେବ ।ପେମେଣ୍ଟ ଆଣ୍ଡ ସେଟଲମେଣ୍ଟ ସିଷ୍ଟମ୍ସ ଆକ୍ଟରେ କାହିଁକି ସଂଶୋଧନ କରାଯାଉଛି ପେମେଣ୍ଟ ଆଣ୍ଡ ସେଟଲମେଣ୍ଟ ସିଷ୍ଟମ୍ସ ଆଇନରେ ହୋଇଥିବା ସଂଶୋଧନକୁ ନେଇ ଚର୍ଚ୍ଚା ସୃଷ୍ଟି ହୋଇଛି, ଯାହାକୁ କେତେକ ସାଧାରଣ ବ୍ୟବହାରକାରୀଙ୍କ ଉପରେ ଶୁଳ୍କ ଲଗାଇବାର ପଦକ୍ଷେପ ଭାବରେ ଭୁଲ୍ ବୁଝିଛନ୍ତି । ବାସ୍ତବରେ, ଏହି ସଂଶୋଧନ ହେଉଛି ଏକ ସହାୟକ ପ୍ରାବଧାନ ଯାହା ୟୁପିଆଇର ଦୀର୍ଘକାଳୀନ ସ୍ଥାୟିତ୍ୱ, ପ୍ରଯୁକ୍ତିବିଦ୍ୟାର ଅଗ୍ରଗତି ଏବଂ ନୂତନ ବିପଦରୁ ସୁରକ୍ଷା ନିଶ୍ଚିତ କରିବା ପାଇଁ ପ୍ରସ୍ତୁତ କରାଯାଇଛି । ୟୁପିଆଇର ଅଭିବୃଦ୍ଧି: କାରବାରର ପରିମାଣ ଜ୍ୟାମିତିକ ହାରରେ ବୃଦ୍ଧି ପାଉଥିବାରୁ, ସାଇବର ସୁରକ୍ଷା, ଜାଲିଆତି ରୋକିବା ଏବଂ ଭିତ୍ତିଭୂମିରେ ନିରନ୍ତର ଏବଂ ବୃହତ ଉନ୍ନତିର ଆବଶ୍ୟକତା ରହିଛି । ବଜାରର ପ୍ରସାର: ଅଧିକ ସଂଖ୍ୟକ କମ୍ପାନୀକୁ ସେମାନଙ୍କର କାର୍ଯ୍ୟକଳାପ ପ୍ରସାରିତ କରିବାକୁ ଉତ୍ସାହିତ କରି ପ୍ରତିଯୋଗିତା ବୃଦ୍ଧି କରିବା ଆବଶ୍ୟକ, ଯାହା ପାଇଁ ଏକ ସ୍ୱୟଂ-ସହାୟକ ଆୟ ମଡେଲ୍ ଦରକାର ।ସ୍ୱୟଂ-ସ୍ଥାୟିତ୍ୱ: କେବଳ ସବସିଡି ଉପରେ ନିର୍ଭରଶୀଳତା ପରବର୍ତ୍ତୀ ଅଭିବୃଦ୍ଧି ପାଇଁ ସମ୍ଭବ ନୁହେଁ । ୟୁପିଆଇ ସୁଦୃଢ଼, ସର୍ବବ୍ୟାପୀ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ରହିବା ନିଶ୍ଚିତ କରିବାକୁ ଏକ ସନ୍ତୁଳିତ ଢାଞ୍ଚା ଆବଶ୍ୟକ ।

ଭ୍ରାନ୍ତ ଧାରଣା ଏବଂ ମିଥ୍ୟା ସମ୍ବାଦର ସ୍ପଷ୍ଟୀକରଣ:କେତେକ ଗଣମାଧ୍ୟମ ରିପୋର୍ଟରେ ଦର୍ଶାଯାଇଛି ଯେ ବାହ୍ୟ ପ୍ରଭାବ ଯୋଗୁଁ ନୀତିଗତ ପରିବର୍ତ୍ତନ ହେଉଛି । ଏହା ସମ୍ପୂର୍ଣ୍ଣ ଆଧାରହୀନ, ସମ୍ପୂର୍ଣ୍ଣ ମିଥ୍ୟା ଏବଂ ଭ୍ରାନ୍ତିକର । ଯଦି ବାହ୍ୟ ଚାପ ଏକ କାରଣ ହୋଇଥାନ୍ତା, ତେବେ ସରକାର ୨୦୧୬ ରେ ୟୁପିଆଇ ଆରମ୍ଭ କରିନଥାନ୍ତେ କିମ୍ବା ଜାନୁଆରୀ ୨୦୨୦ରୁ ବ୍ୟବସାୟୀ ଏବଂ ନାଗରିକ ଉଭୟଙ୍କ ପାଇଁ ଏହାକୁ ମାଗଣା କରିନଥାନ୍ତେ ଏବଂ ଏହାକୁ ବିଶ୍ୱର ସବୁଠାରୁ ବଡ଼ ରିଅଲ-ଟାଇମ୍ ଇଣ୍ଟର-ଓପରେବଲ୍ ପେମେଣ୍ଟ ସିଷ୍ଟମ୍‌ରେ ପରିଣତ କରିନଥାନ୍ତେ ।

ତେଣୁ, ଭାରତର ଡିଜିଟାଲ୍ ପେମେଣ୍ଟ ଭିତ୍ତିଭୂମି ଯେପରି ସ୍ଥାୟୀ, ପ୍ରତିଯୋଗିତାମୂଳକ, ନବସୃଜନକାରୀ ଏବଂ ଦେଶର ଦ୍ରୁତ ପ୍ରସାରିତ ଡିଜିଟାଲ୍ ଅର୍ଥବ୍ୟବସ୍ଥାକୁ ସେବା ଯୋଗାଇବାରେ ସକ୍ଷମ ରହିବ, ସରକାରଙ୍କ ସେହି ବୃହତ୍ ଉଦ୍ଦେଶ୍ୟ ଆଧାରରେ ଏହି ସଂଶୋଧନକୁ ଦେଖାଯିବା ଉଚିତ । ସତ୍ୟ ଅତି ସରଳ: ୟୁପିଆଇ ହେଉଛି ଭାରତର ନିଜସ୍ୱ ନବସୃଜନ, ଏବଂ ସରକାର ନାଗରିକମାନଙ୍କ ପାଇଁ ଏହାକୁ ମାଗଣାରେ ରଖିବା ସହ ଆଗାମୀ ଦଶନ୍ଧି ଗୁଡ଼ିକ ପାଇଁ ଏହାର ସ୍ଥାୟିତ୍ୱ ନିଶ୍ଚିତ କରିବାକୁ ପ୍ରତିଶ୍ରୁତିବଦ୍ଧ । ଅଭିବୃଦ୍ଧିର ପରବର୍ତ୍ତୀ ଲହର:ଭାରତ ଏବେ ଡିଜିଟାଲ୍ ପେମେଣ୍ଟ ଅଭିବୃଦ୍ଧିର ପରବର୍ତ୍ତୀ ଲହରିର ଦ୍ୱାରଦେଶରେ ଛିଡ଼ା ହୋଇଛି । ୟୁପିଆଇକୁ ଗ୍ରାମାଞ୍ଚଳ ଏବଂ ସହରତଳିକୁ ଅଧିକ ପ୍ରସାରିତ କରିବା ଏବଂ ପ୍ରତିଯୋଗିତା ଜାରି ରଖିବା ପାଇଁ, ୟୁପିଆଇ ପରିସଂସ୍ଥା ସ୍ୱୟଂ-ସଂରକ୍ଷଣକ୍ଷମ ଏବଂ ସୁଲଭ ହେବା ଆବଶ୍ୟକ । ପିଏସ୍‌ଏସ୍ ଆଇନରେ ହୋଇଥିବା ସଂଶୋଧନ ହେଉଛି ଏକ ଦୂରଦୃଷ୍ଟିସମ୍ପନ୍ନ ପଦକ୍ଷେପ, ଯାହା ନିଶ୍ଚିତ କରେ ଯେ ୟୁପିଆଇ ଏକ ସୁରକ୍ଷିତ, ସୁଲଭ, ସର୍ବବ୍ୟାପୀ ଏବଂ ବିଶ୍ୱସ୍ତରରେ ସ୍ୱୀକୃତିପ୍ରାପ୍ତ ପେମେଣ୍ଟ ସିଷ୍ଟମ୍ ଭାବରେ ସମୃଦ୍ଧ ହେବା ଜାରି ରଖିବ ।

ୟୁପିଆଇ ହେଉଛି ଭାରତୀୟଙ୍କ ଦ୍ୱାରା, ଭାରତୀୟଙ୍କ ପାଇଁ ନିର୍ମିତ ଏକ ଜାତୀୟ ସଫଳତା । ସରକାର ଗୋଟିଏ ଦଶନ୍ଧି ଧରି ଏହାକୁ ପ୍ରୋତ୍ସାହିତ, ଅର୍ଥପ୍ରଦାନ ଏବଂ ବୃଦ୍ଧି କରିଛନ୍ତି, ଏବଂ ଆଗକୁ ମଧ୍ୟ ଜାରି ରଖିବେ । ନାଗରିକମାନଙ୍କୁ କେବଳ ଅର୍ଥ ମନ୍ତ୍ରଣାଳୟ, ଭାରତୀୟ ରିଜର୍ଭ ବ୍ୟାଙ୍କ ଏବଂ ଏନ୍‌ସିପିଆଇର ଅଫିସିଆଲ୍ ସୂଚନା ଉପରେ ନିର୍ଭର କରିବାକୁ ଏବଂ ଅଜଣା କିମ୍ବା ଯାଞ୍ଚ ହୋଇନଥିବା ମେସେଜ୍ ସେୟାର ନ କରିବାକୁ ଅନୁରୋଧ କରିଛନ୍ତି ଭାରତ ସରକାର ।(ପିଆଇବି)

# ହାନ୍ତା ଭାଇରସ୍‌କୁ ସମ୍ଭାବ୍ୟ ବିଦାୟ

**"ହାନ୍ତା ଭାଇରସ୍ ବିଶ୍ୱକୁ ଆଉଥରେ ଚେତାଇ ଦେଇଛି ଯେ ମଣିଷର ସ୍ୱାସ୍ଥ୍ୟ, ପରିବେଶ ଓ ଜୀବଜନ୍ତୁ ମାନଙ୍କର ସ୍ୱାସ୍ଥ୍ୟଠାରୁ ଅଭିନ୍ନ । ଜଳବାୟୁ ପରିବର୍ତ୍ତନ, ଅରଣ୍ୟଧ୍ୱଂସ, ସଘନ କୃଷି ଆଦି ମଣିଷ ଓ ଜୀବଜନ୍ତୁଙ୍କୁ ପରସ୍ପରର ନିକଟତର କରାଉଛି ଓ ବିଭିନ୍ନ ଭାଇରସ୍ ମାନଙ୍କର ସଂକ୍ରମଣ ଲାଗି ଆଶଙ୍କା ସୃଷ୍ଟି କରୁଛି । ଜୀବଜନ୍ତୁଙ୍କଠାରେ ଦେଖାଯାଉଥିବା ଭାଇରସ୍‌ର ନିୟନ୍ତ୍ରଣ ପାଇଁ ପରିବେଶ ଓ ଅରଣ୍ୟର ଉପଯୁକ୍ତ ସଂରକ୍ଷଣ ଏକ ସୁଦୃଢ଼ ଓ ଯୁଗାନ୍ତକାରୀ ପଦକ୍ଷେପ , ଏହାକୁ ପ୍ରମାଣିତ କରିଛନ୍ତି ବ୍ରାଜିଲର ବୈଜ୍ଞାନିକଗଣ ।**

ଡା. ରାଜକିଶୋର ପଣ୍ଡା

ହାନ୍ତା ଭାଇରସ୍‌ର ଏକ ସଂକ୍ରମଣ, ଯାହା ଗୋଟିଏ କ୍ରୁଜ୍ ଜାହାଜ ମଧ୍ୟରେ ସଂଘଟିତ ହୋଇଥିଲା, ତିନିଜଣ ପୀଡ଼ିତ ଏଥିରେ ମୃତ୍ୟୁବରଣ କରିଥିଲେ ଓ ଆହୁରି ବ୍ୟାପକ ଭାବରେ ଏହା ଅଗ୍ରସର ହେବାର ଏକ ଅହେତୁକ ଭୟ ସୃଷ୍ଟି କରିଥିଲା, ଇତି ମଧ୍ୟରେ ଏହା ସମାପ୍ତ ହୋଇଯାଇଛି ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଘୋଷଣା କରିଛି ।

"ଆଜି ହାନ୍ତା ଭାଇରସ୍ ସଂକ୍ରମଣର ଶେଷ ରୋଗୀ ଯିଏ କି କ୍ରୁଜ୍ ଜାହାଜରେ ଆକ୍ରାନ୍ତ ହୋଇଥିଲେ, ନିଜର କ୍ୱାରାଣ୍ଟାଇନ ସମୟସୀମା ଶେଷ କରି ସଂକ୍ରମଣରୁ ମୁକ୍ତ ଭାବରେ ଚିହ୍ନଟ ହୋଇଛନ୍ତି ଓ ଘରକୁ ଫେରିଛନ୍ତି । ମେ ପଚିଶରୁ ଆଉ କୌଣସି ରୋଗୀ ମଧ୍ୟ ଚିହ୍ନଟ ହୋଇନାହାନ୍ତି ।" ଏହି ବକ୍ତବ୍ୟ ପ୍ରଦାନ କରିଛନ୍ତି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ମହାନିର୍ଦ୍ଦେଶକ "ଟେଡ୍ରୋସ୍ ଆଧାନୋମ୍ ଘିବ୍ରିଶସ୍" ଜୁଲାଇ ଦୁଇ ତାରିଖରେ ।

ହାନ୍ତା ଭାଇରସ୍ ସଂକ୍ରମଣରେ ସମୁଦାୟ ତେର ଜଣ ଲୋକ ପ୍ରଭାବିତ ହୋଇଥିଲେ । ସମସ୍ତ ରୋଗୀ ସଂପୃକ୍ତ ଜାହାଜଟିର ଯାତ୍ରୀ ନ ହେଲେ କର୍ମକର୍ତ୍ତା ଥିଲେ । ଏପ୍ରିଲ ଏକ ତାରିଖରେ ପର୍ଯ୍ୟଟକମାନଙ୍କର ଗୋଟିଏ ଦଳ "ଏମ.ଭି.ହୋଣ୍ଡିଅସ୍" ନାମକ ଏକ ବିଳାସପୂର୍ଣ୍ଣ ଜାହାଜରେ ଆର୍ଜେଣ୍ଟିନାରୁ ଦୀର୍ଘ ତେତିଶ ଦିନ ବ୍ୟାପୀ ଏକ ଜଳ ଅଭିଯାନରେ ବାହାରିଲେ । ଏହି ଅଭିଯାନର ନାମ ଥିଲା "ଆଟଲାଣ୍ଟିକ୍ ଓଡିଶି" । ଏହି ସମୁଦ୍ର ଯାତ୍ରାର ଲକ୍ଷ୍ୟ ରହିଥିଲା ଆଣ୍ଟାର୍କଟିକାରୁ ଆର୍କଟିକ୍ ପର୍ଯ୍ୟନ୍ତ ଦୂରତା ଅତିକ୍ରମ କରିବା । ଏହା ମଧ୍ୟରେ ଜାହାଜଟି ଦକ୍ଷିଣ ଜର୍ଜିଆ, ସେଣ୍ଟ ହେଲେନା ମଧ୍ୟରେ ସାମୟିକ ଅବସ୍ଥାନ କରି ପରିଶେଷରେ କେପ୍ ଭର୍ଡ଼ରେ ଏହାର ଯାତ୍ରା ସମାପ୍ତ କରିବ ବୋଲି ଯୋଜନା ପ୍ରସ୍ତୁତ କରାଯାଇଥିଲା । କିନ୍ତୁ ଏହି ଅଭିଯାନ ଯେ ଏହାର ଯାତ୍ରୀମାନଙ୍କ ପାଇଁ ଏକ ଭୟାବହ ବିପଦ ଡାକି ଆଣିବ, ଏହା କିଏ ବା କଳ୍ପନା କରିଥିଲା ! ଯାତ୍ରୀମାନଙ୍କ ମଧ୍ୟରୁ କିଛିଜଣ ବିପଜ୍ଜନକ ଭାବରେ ଶ୍ୱାସଜନିତ ଅସୁସ୍ଥତାରେ ପୀଡ଼ିତ ହୋଇ ପଡ଼ିଲେ ଓ ତନ୍ମଧ୍ୟରୁ ତିନିଜଣ ମୃତ୍ୟୁବରଣ କଲେ । ପରିଶେଷରେ ଏହା ହାନ୍ତା ଭାଇରସ୍‌ର ସଂକ୍ରମଣ ଯୋଗୁଁ ହୋଇଛି ବୋଲି ଜଣାପଡ଼ିଲା । ପ୍ରଥମ ମୃତ୍ୟୁଟି ଏପ୍ରିଲ ଏଗାର ତାରିଖରେ ହେଲା, ଏହାର କାରଣ କିନ୍ତୁ ଚିହ୍ନଟ ହୋଇପାରିଲା ନାହିଁ । ଏହାପରେ କ୍ରମାଗତ ଭାବେ ଅଧିକ ଲୋକ ସମାନ ଲକ୍ଷଣ ଧରି ଅସୁସ୍ଥ ହୋଇ ପଡ଼ିବାରୁ, ଏହି ସଂକ୍ରମଣ ବିଷୟରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନକୁ ମଇ ଦୁଇ ତାରିଖରେ ଅବଗତ କରାଗଲା । ଯଦିଓ ଏହି ସଂକ୍ରମଣଟି ଜାହାଜ ମଧ୍ୟରେ ସୀମିତ ରହିଥିଲା, ଏହାର ଯାତ୍ରୀ ଓ କର୍ମକର୍ତ୍ତା କିନ୍ତୁ ତେଇଶଟି ଦେଶରୁ ଆସିଥିଲେ ଓ ଚଉତିରିଶ ଜଣ ମହାମାରୀ ଚିହ୍ନଟ ହେବା ପୂର୍ବରୁ ଜାହାଜରୁ ଓହ୍ଲାଇ ସାରିଥିଲେ । ତେଣୁ ସମଗ୍ର ବିଶ୍ୱରେ ଏହା ବ୍ୟାପିବାର ଏକ ଭୟ ସୃଷ୍ଟି କରିଥିଲା । ସମୁଦାୟ ତେର ଜଣ ଚିହ୍ନଟ ରୋଗୀଙ୍କ ମଧ୍ୟରୁ ତିନିଜଣଙ୍କର ମୃତ୍ୟୁ ଘଟିଛି । ତେର ଜଣଙ୍କ ମଧ୍ୟରୁ ନଅ ଜଣ ହାନ୍ତା ଭାଇରସ୍‌ର "ଆଣ୍ଡିଜ୍" ପ୍ରଜାତି ଦ୍ୱାରା ଆକ୍ରାନ୍ତ ବୋଲି ନିଶ୍ଚିତ କରାଯାଇଛି । ଯେବେଠାରୁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଏହି ସଂକ୍ରମଣ ବିଷୟରେ ସଜ୍ଞାନ ନେଲେଣି ଅର୍ଥାତ୍ ମଇ ଦୁଇ ତାରିଖ, ସେବେଠାରୁ ଆଉ କୌଣସି ମୃତ୍ୟୁ ହୋଇନାହିଁ । ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ମଧ୍ୟ ତ୍ୱରିତ ପଦକ୍ଷେପ ନେବା ପୂର୍ବକ ନିଜର ବିଶେଷଜ୍ଞ ଦଳକୁ ଜାହାଜକୁ ପଠାଇଥିଲେ ଓ ଆନ୍ତର୍ଜାତିକ ସ୍ୱାସ୍ଥ୍ୟ ନିୟାମକ ଅନୁଯାୟୀ ଯାତ୍ରୀମାନଙ୍କୁ ଜାହାଜରୁ ଅବତରଣ କରାଇଥିଲେ । ଏହି ନିୟାମକ ଅନୁଯାୟୀ ସବୁଠାରୁ ପାଖରେ ଥିବା ବନ୍ଦର ଯେଉଁଠାରେ ପର୍ଯ୍ୟାପ୍ତ ସ୍ୱାସ୍ଥ୍ୟ ସୁବିଧାର ବ୍ୟବସ୍ଥା ଅଛି, ଯାତ୍ରୀମାନଙ୍କୁ ସେହିଠାରେ ହିଁ ଅବତରଣ କରାଯିବ । ଏହି ପରିପ୍ରେକ୍ଷୀରେ ସ୍ପେନର "ଟେନିରିଫ" ବନ୍ଦର ସବୁ ସର୍ତ୍ତାବଳୀକୁ ପୂରଣ କରୁଥିବାରୁ ଯାତ୍ରୀ ଅବତରଣ ସକାଶେ ସେହି ବନ୍ଦରକୁ ବଛାଯାଇଥିଲା । ଏହି ପରିସ୍ଥିତି ଉପରେ ମତ ଦେଇ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ମହାନିର୍ଦ୍ଦେଶକ "ଟେଡ୍ରୋସ୍ ଆଧାନୋମ୍" ସେତେବେଳେ କହିଥିଲେ, ହାନ୍ତା ଭାଇରସ୍ ସଂକ୍ରମଣ ବୃହତ୍ତର ଆକାର ଧାରଣ କରିବାର କୌଣସି ସମ୍ଭାବନା ସେମାନେ ଦେଖୁନାହାନ୍ତି । ସେ କହିଥିଲେ ଯେ ଯଦିଓ ଏହି ଭାଇରସ୍‌ର ବର୍ତ୍ତମାନ ସମୟରେ ଜନସ୍ୱାସ୍ଥ୍ୟ ଉପରେ ପ୍ରଭାବ ଅତ୍ୟନ୍ତ ସୀମିତ, କିନ୍ତୁ ସ୍ଥିତି ଭବିଷ୍ୟତକୁ ବଦଳିପାରେ । ଏହାର କାରଣ ମଣିଷ ଶରୀରରେ ଭାଇରସଟି ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବାର ସମୟ ପାଖାପାଖି ବୟାଳିଶ ଦିନ । ଯେଉଁ ଯେଉଁ ଦେଶମାନଙ୍କୁ ପର୍ଯ୍ୟଟକମାନେ ଜାହାଜରୁ ଓହ୍ଲାଇ ଯାଇଛନ୍ତି, ସେହି ଦେଶଗୁଡ଼ିକର କର୍ତ୍ତବ୍ୟ ହେଉଛି ସଂପୃକ୍ତ ବ୍ୟକ୍ତିମାନଙ୍କର ସ୍ୱାସ୍ଥ୍ୟକୁ ସବିଶେଷ ଅନୁଧ୍ୟାନ କରିବା । ଉପରୋକ୍ତ ଜାହାଜରେ ଭାରତର ମଧ୍ୟ ଦୁଇଜଣ ପର୍ଯ୍ୟଟକ ଥିଲେ, ସେମାନଙ୍କୁ ନେଦରଲ୍ୟାଣ୍ଡରେ ଅବତରଣ କରାଗଲା । ସ୍ୱାସ୍ଥ୍ୟ ପରୀକ୍ଷା ପରେ ସେମାନେ ଭାଇରସ୍‌ରୁ ମୁକ୍ତ ବୋଲି ଜଣାପଡ଼ିଲେ ।

ହାନ୍ତା ଭାଇରସ୍ "ଅର୍ଥୋହାନ୍ତାଭାଇରସ୍" ପରିବାରର ଅନ୍ତର୍ଭୁକ୍ତ ଅଟେ, ଯେଉଁଥିରେ ଆହୁରି କୋଡ଼ିଏଟି ଭାଇରସ୍ ଅନ୍ତର୍ଭୁକ୍ତ ଅଛନ୍ତି । ଏହି ଭାଇରସ୍ ସୃଷ୍ଟି କରୁଥିବା ରୋଗର ନାମ ହେଉଛି "ହାନ୍ତା ଭାଇରସ୍ କାର୍ଡ଼ିଓ ପୁଲମୋନାରୀ ସିଣ୍ଡ୍ରୋମ୍" । ବର୍ତ୍ତମାନ ସମୟରେ ଏହି ରୋଗ ପାଇଁ କୌଣସି ଆଣ୍ଟିଭାଇରାଲ ଔଷଧ ଉପଲବ୍ଧ ନାହିଁ । ହାନ୍ତା ଭାଇରସ୍ ପଶୁଠାରୁ ମଣିଷକୁ ବ୍ୟାପିଥାଏ । ଯେଉଁ ପଶୁମାନେ ଏହି ଭାଇରସ୍‌ର ସଂକ୍ରମଣରେ ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି, ସେମାନେ ହେଉଛନ୍ତି "ରୋଡେଣ୍ଟ" ଏହି ଭାଇରସ୍‌ଦ୍ୱାରା ସଂକ୍ରମିତ ମୂଷା ଆଦିଙ୍କର ମଳ, ମୂତ୍ର, ଲାଳ ସଂସ୍ପର୍ଶରେ ଆସିଲେ ମନୁଷ୍ୟ ଶରୀରକୁ ଭାଇରସଟିର ପ୍ରବେଶ ଘଟେ । ଏହାର ଅନ୍ୟ ଗୋଟିଏ ପ୍ରଜାତି ଯାହାର ନାମ ହେଉଛି "ଆଣ୍ଡିଜ୍", ମଣିଷ-ମଣିଷ ମଧ୍ୟରେ ବ୍ୟାପିବାର ସାମର୍ଥ୍ୟ ରଖିଛି, ଯାହାକି ଜାହାଜରେ ଦେଖାଯାଇଥିଲା ।

ଜାହାଜରେ ହୋଇଥିବା ସଂକ୍ରମଣରୁ ଏହା ସନ୍ଦେହ କରାଯାଉଛି କି, ଏହା ଜନୈକ ଡଚ୍ ଦମ୍ପତିଙ୍କ ଠାରୁ ଅନ୍ୟମାନଙ୍କୁ ବ୍ୟାପିଅଛି । ଉକ୍ତ ଦମ୍ପତି ଆର୍ଜେଣ୍ଟିନା ଠାରେ ଗୋଟିଏ ନେଚର କ୍ୟାମ୍ପରେ ଯୋଗ ଦେଇଥିଲେ । ସେହିଠାରେ ହିଁ ସେମାନେ ସଂକ୍ରମିତ ମୂଷା ଜାତୀୟ ଜନ୍ତୁଙ୍କର ମଳ, ମୂତ୍ର ଆଦିର ସଂସ୍ପର୍ଶରେ ଆସିଛନ୍ତି ବୋଲି ଆଶଙ୍କା କରାଯାଉଛି ।

ହାନ୍ତା ଭାଇରସ୍‌ର ଆବିର୍ଭାବ, କୋଭିଡ୍‌ର ଦ୍ୱିତୀୟ ସଂକ୍ରମଣର ପାଞ୍ଚବର୍ଷ ପୂର୍ତ୍ତି ସମୟରେ ହୋଇଛି ଓ ଏହା କୋଭିଡ୍ ସମୟରେ ବ୍ୟବହୃତ ହେଉଥିବା ଶବ୍ଦ ଯେପରିକି କ୍ୱାରାଣ୍ଟାଇନ୍, କଣ୍ଟାକ୍ଟ ଟ୍ରେସିଂକୁ ମନେପକାଇ ଦେଇଛି । କୋଭିଡ୍ ପରେ ମଧ୍ୟ ବିଶ୍ୱ ବିଭିନ୍ନ ସମୟରେ ଭୟଙ୍କର ଭାଇରସ୍ ସଂକ୍ରମଣକୁ ସାମନା କରିଛି, ସେଗୁଡ଼ିକ ହେଉଛନ୍ତି, "ଏମ୍‌ପକ୍ସ", "ଏଚ.ଫାଇଭ୍ ଏନ୍.ୱାନ୍ ", "ମାରବର୍ଗ ଭାଇରସ୍" ଓ ଭାରତ ବାଂଲାଦେଶରେ "ନିପା ଭାଇରସ୍" ।

କୋଭିଡ୍ ଅନୁଭବ ଏହା ଦର୍ଶାଉଛି ଯେ ଯେକୌଣସି ଭାଇରସ୍‌କୁ ଅବହେଳା ଓ ଏହାର ସଂକ୍ରମଣକୁ ଉପେକ୍ଷା କଲେ, ପରବର୍ତ୍ତୀ ସମୟରେ ଯଦି ଏହା ମହାମାରୀକୁ ପରିବର୍ତ୍ତିତ ହୁଏ, ତେବେ ଏହାକୁ ନିୟନ୍ତ୍ରଣ କରିବା କଷ୍ଟକର ହୋଇପଡ଼େ । ବିଭିନ୍ନ ଗବେଷଣା ଏହା ମଧ୍ୟ ସୂଚାଉଛି ଯେ ଏବେ ମଧ୍ୟ ବିଶ୍ୱ, ଭାଇରସ ଜନିତ ମହାମାରୀକୁ ସାମନା କରିବା ପାଇଁ ଠିକ୍ ଭାବରେ ପ୍ରସ୍ତୁତ ହୋଇନାହିଁ । ପରିବେଶ ପରିବର୍ତ୍ତନ ଓ ମଣିଷର ଗତିଶୀଳତାରେ ବୃଦ୍ଧି ଯୋଗୁଁ ଏହା ଆଶଙ୍କା କରାଯାଉଛି କି ମଣିଷ ସମାଜ ଭବିଷ୍ୟତରେ ଆହୁରି ଅନେକ ରୋଗକୁ ସାମ୍ନା କରିବ, ଯେଉଁ ରୋଗର ଉତ୍ପତ୍ତି ବନ୍ୟଜନ୍ତୁ ମାନଙ୍କଠାରେ ହୋଇଥାଏ ।

ଅରଣ୍ୟ ଧ୍ୱଂସ ଓ ଅରଣ୍ୟରେ ମନୁଷ୍ୟର କାର୍ଯ୍ୟକଳାପ, ମୂଷା ଜାତୀୟ ଜୀବମାନଙ୍କର ସଂଖ୍ୟା ଓ ଜୀବନଚକ୍ରକୁ ପ୍ରଭାବିତ କରୁଛି ଏବଂ ସେମାନଙ୍କଠାରେ ଦେଖାଯାଉଥିବା ରୋଗ (ଯେପରିକି ହାନ୍ତା)ର ବ୍ୟାପିବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରୁଛି । ବୈଜ୍ଞାନିକମାନେ ଆବିଷ୍କାର କରିଛନ୍ତି ପାଖାପାଖି ୬ ପ୍ରକାରର "ରୋଡେଣ୍ଟ" ହାନ୍ତା ଭାଇରସ୍‌କୁ ଧାରଣ କରିବାର କ୍ଷମତା ରଖିଛନ୍ତି ଓ କୋଭିଡ୍ ଭଳି ମହାମାରୀ ସୃଷ୍ଟି କରିବା ପାଇଁ ହାନ୍ତାର ଶକ୍ତି ରହିଛି ।

ହାନ୍ତା ଭାଇରସ୍ ବିଶ୍ୱକୁ ଆଉଥରେ ଚେତାଇ ଦେଇଛି ଯେ ମଣିଷର ସ୍ୱାସ୍ଥ୍ୟ, ପରିବେଶ ଓ ଜୀବଜନ୍ତୁ ମାନଙ୍କର ସ୍ୱାସ୍ଥ୍ୟଠାରୁ ଅଭିନ୍ନ । ଜଳବାୟୁ ପରିବର୍ତ୍ତନ, ଅରଣ୍ୟଧ୍ୱଂସ, ସଘନ କୃଷି ଆଦି ମଣିଷ ଓ ଜୀବଜନ୍ତୁଙ୍କୁ ପରସ୍ପରର ନିକଟତର କରାଉଛି ଓ ବିଭିନ୍ନ ଭାଇରସ୍ ମାନଙ୍କର ସଂକ୍ରମଣ ଲାଗି ସୁଯୋଗ ସୃଷ୍ଟି କରୁଛି । ଜୀବଜନ୍ତୁ ମାନଙ୍କଠାରେ ଦେଖାଯାଉଥିବା ଭାଇରସ୍‌ର ନିୟନ୍ତ୍ରଣ ପାଇଁ ପରିବେଶ ଓ ଅରଣ୍ୟର ଉପଯୁକ୍ତ ସଂରକ୍ଷଣ ଏକ ସୁଦୃଢ଼ ଓ ଯୁଗାନ୍ତକାରୀ ପଦକ୍ଷେପ ଓ ଏହାକୁ ପ୍ରମାଣିତ କରିଛନ୍ତି ବ୍ରାଜିଲର ବୈଜ୍ଞାନିକଗଣ । ସେମାନେ ବ୍ରାଜିଲର ଆଟଲାଣ୍ଟିକ ଜଙ୍ଗଲରେ ହାନ୍ତା ଭାଇରସ୍‌କୁ ଧାରଣ କରୁଥିବା କିଛି "ରୋଡେଣ୍ଟ" ଉପରେ ଗବେଷଣା କରି, ଏହି ମତପ୍ରକାଶ କରିଛନ୍ତି କି, ଜଙ୍ଗଲକୁ ସଂରକ୍ଷଣ କଲେ ହିଁ, ହାନ୍ତା ଭାଇରସ୍‌ର ବ୍ୟାପିବାକୁ ନିୟନ୍ତ୍ରଣ କରାଯାଇପାରିବ । ଯେହେତୁ ଆମ ଦେଶରେ ସହରୀକରଣ, ଅରଣ୍ୟଧ୍ୱଂସ, ଜଳବାୟୁ ପରିବର୍ତ୍ତନ ଆଦି ଦ୍ରୁତ ଗତିରେ ହେଉଛି ତେଣୁ ଆମେ ଭାରତକୁ ହାନ୍ତା ଭାଇରସ୍‌ର ସଂକ୍ରମଣ ନିମନ୍ତେ ହଟ୍‌ସ୍ପଟ୍ ବୋଲି ବିଚାର କରିପାରିବା । କୋଭିଡ୍ ପରେ ଭାରତ ସରକାର "ନ୍ୟାସନାଲ ୱାନ ହେଲଥ ମିସନ୍" ପ୍ରଣୟନ କରିଥିଲେ ୨୦୨୨ ମସିହାରେ । ଏହାର ଲକ୍ଷ୍ୟ ଥିଲା ମଣିଷ ଓ ଜୀବଜନ୍ତୁଙ୍କ ସ୍ୱାସ୍ଥ୍ୟର ମିଳିତ, ସମନ୍ୱିତ ବିକାଶ । ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ୱାନ୍ ହେଲ୍‌ଥ ଲକ୍ଷ୍ୟ ହେଉଛି ବିଭିନ୍ନ ପ୍ରାଣୀଜାତ ରୋଗର ଦୃଢ଼ ସର୍ବେକ୍ଷଣ, ପ୍ରାଥମିକ ସତର୍କତା ବ୍ୟବସ୍ଥା, ଉନ୍ନତ ଭିତ୍ତିଭୂମି ଓ ଗବେଷଣା ପ୍ରକ୍ରିୟାକୁ କାର୍ଯ୍ୟକାରୀ କରିବା । ଭବିଷ୍ୟତ ପାଇଁ ଏହା ଏକ ଭଲ ପଦକ୍ଷେପ ।

ଓଡ଼ିଶା ସ୍ୱାସ୍ଥ୍ୟ ସେବା,ଭୁବନେଶ୍ୱର
ମୋ- ୮୧୪୦୪୨୯୯୭

CMYK



## ପଦ୍ମପୁର ବ୍ଲକରେ ଯୁଗ୍ମ ଅଭିଯୋଗ ଶୁଣାଣି

ଗୁଣୁପୁର,୧୧।୮ (ନିପ୍ର): ପଦ୍ମପୁର ବ୍ଲକ ସଦ୍‌ଭାବନା ସଭାଗୃହରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ, ରାୟଗଡ ଅକ୍ଷୟ କୁମାର ଖେମୁଣ୍ଡୁ, ଗୁଣପୁର ଉପ ଜିଲ୍ଲାପାଳ ଦୁଧାଳ ଅଭିଷେକ ଦିଲୀପ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ରାଜ ପ୍ରାସାଦ ଡି ଏଫ୍ ଓ ସଚିନ୍ ଆନ୍ନା ସାହେବ ଓହଲ, ଗୁଣପୁର ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଅଜୟ କୁମାର ପ୍ରଧାନ, ପଦ୍ମପୁର ବ୍ଲକ ଅଧକ୍ଷା ମଣିମାଳା ଶବର, ଯୋଗଦେଇ ସମସ୍ତ ଅଭିଯୋଗର ଶୁଣାଣି କରିଥିଲେ। ମୋଟ ୬୧ଟି ଅଭିଯୋଗର ଶୁଣାଣି ହୋଇଥିବା ବେଳେ, ସେଥିରୁ ୪୯ଟି ବ୍ୟକ୍ତିଗତ ଏବଂ ୧୨ଟି ସାମୁହିକ ଦରଖାସ୍ତ ପଞ୍ଜୀକରଣ ହୋଇଥିଲା। ଜିଲ୍ଲାପାଳ ସମସ୍ତ ଦରଖାସ୍ତ ଗ୍ରହଣ ପରେ ସେ ଗୁଡିକୁ ତଦନ୍ତ କରି ତୁରନ୍ତ ପଦକ୍ଷେପ ନେବା ନିମନ୍ତେ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

## ରାଧାକାନ୍ତ ମଠର ମହନ୍ତ ଭାବେ ଦାୟିତ୍ୱ ନେଲେ ଗୋପାଳ ଦାସ

ପାରଳାଖେମୁଣ୍ଡି,୧୧।୮ (ନିପ୍ର): ଗଜପତି ଜିଲ୍ଲା ଗୋଷାଣୀ ବ୍ଲକ ଅନ୍ତର୍ଗତ ବାଘଶାଳା ଗ୍ରାମରେ ଅବସ୍ଥିତ ପ୍ରସିଦ୍ଧ ରାଧାକାନ୍ତ ମଠର ନୂତନ ମହନ୍ତ ଭାବେ ଗୋପାଳ ଦାସ ଦାୟିତ୍ୱ ଗ୍ରହଣ କରିଛନ୍ତି। ପାରଳା ବିଧାୟକ ରୂପେଶ ପାଣିଗ୍ରାହୀଙ୍କ ସମେତ ବିଭିନ୍ନ ମଠର ମହନ୍ତ ମହାରାଜମାନଙ୍କ ଉପସ୍ଥିତିରେ ଏହି ଦାୟିତ୍ୱ ହସ୍ତାନ୍ତର ପ୍ରକ୍ରିୟା ସମ୍ପନ୍ନ ହୋଇଛି। ପୂର୍ବତନ ମହନ୍ତ ରାଧାଚରଣ ଦାସଙ୍କ ବିୟୋଗ ପରେ ଦୀର୍ଘଦିନ ଧରି ରାଧାକାନ୍ତ ମଠରେ ସ୍ଥାୟୀ ମହନ୍ତ ନଥିବାରୁ ମଠର ପରିଚାଳନାକୁ ନେଇ ଅନିଶ୍ଚିତତା ରହିଥିଲା।

## ରଘୁନାଥ ପାଣିଗ୍ରାହୀଙ୍କ ୯୫ତମ ଜୟନ୍ତୀ

ପାରଳାଖେମୁଣ୍ଡି,୧୧।୮ (ନିପ୍ର): ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ଉପ ଅନୁଷ୍ଠାନ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଓ ଭକ୍ତି ନୈବେଦ୍ୟ ସାଂସ୍କୃତିକ ଅନୁଷ୍ଠାନ ପାରଳାଖେମୁଣ୍ଡି ମିଳିତ ଆନୁକୂଲ୍ୟରେ ଟାଉନ୍ ହଲ୍ ଠାରେ ସନ୍ଧ୍ୟା ରେ ପଦ୍ମଶ୍ରୀ ପଣ୍ଡିତ ରଘୁନାଥ ପାଣିଗ୍ରାହୀଙ୍କ ୯୫ତମ ଜୟନ୍ତୀ ଉତ୍ସବ ପାଳନ କରାଯାଇଅଛି । ଉକ୍ତ ସାଧାରଣ ସଭାରେ ମୁଖ୍ୟ ଅତିଥି ଭାବରେ ଅନୁପ ପଣ୍ଡା,ଉପ - ଜିଲ୍ଲାପାଳ, ପାରଳାଖେମୁଣ୍ଡି, ସୁଶ୍ରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ,ଜିଲ୍ଲା ସଂସ୍କୃତି ଅଧିକାରୀ, ଗଜପତି ,ଆୟୋଜିତ ସାଂସ୍କୃତିକ ଅନୁଷ୍ଠାନର ସଭାପତି ନୃସିଂହ ଚରଣ ପଟ୍ଟନାୟକ, ସମ୍ପାଦକ ଗୁରୁ ରଘୁନାଥ ପାତ୍ର, ଡ଼ା. ଚନ୍ଦନ ଗନ୍ତାୟତ, ଆବାହକ ମଞ୍ଚାସୀନ ଥିଲେ।

## ବିନିକାରେ ବିଶାଳ 'ତ୍ରିରଙ୍ଗା ରାଲି'

ସୋନପୁର , ୧୧।୮ (ନିପ୍ର); ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନ ପକ୍ଷରୁ 'ବନ୍ଦେ ମାତରମ'ର ମହାନ ଭାବନାକୁ ଉତ୍ସର୍ଗ କରି ଏକ ବିଶାଳ 'ତ୍ରିରଙ୍ଗା ରାଲି'ର ଆୟୋଜନ କରାଯାଇଛି। ଆଜି ସକାଳ ୧୦ଟାରେ ତ୍ରିରଙ୍ଗା ରାଲି ପାପକ୍ଷୟ ଘାଟ ଛକଠାରୁ ବିନିକା ବସ୍ ଷ୍ଟାଣ୍ଡ ଦେଇ ସିଦ୍ଧାର୍ଥ ମହାବିଦ୍ୟାଳୟରେ ପହଞ୍ଚିଥିଲା। ଏହି ଅବସରରେ ବିନିକା ବିଜ୍ଞାପିତ ଅଞ୍ଚଳବାସୀ ହଜାର ହଜାର ସଂଖ୍ୟାରେ ସାମିଲ ହୋଇ ରାଲିକୁ ସଫଳ କରିଥିଲେ। ଏହି ବିଶାଳ ସମାବେଶରେ ବୀରମହାରାଜପୁର ବିଧାୟକ ଇଂ. ରଘୁନାଥ ଜଗଦଲା ଉପସ୍ଥିତ ରହି ଦେଶସାରା ଚାଲିଥିବା ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମର ସୁବର୍ଣ୍ଣପୁରରେ ମଧ୍ୟ ଝଲକ ରହିବା କଥା କହିବା ସହିତ ଏହି ରାଲି ମାଧ୍ୟମରେ ଏକତା, ଅଖଣ୍ଡତା, ଶାନ୍ତି ଓ ମୈତ୍ରୀର ବାର୍ତ୍ତା ଦିଆଯାଇଥିବା କଥା ସେ କହିଛନ୍ତି।

## ଅଭିଯୋଗ ଶୁଣାଣି ଶିବିରରେ ୫୯ ଅଭିଯୋଗ

କୁଚିଣ୍ଡା,୧୧।୮ (ନିପ୍ର); ସମ୍ବଲପୁର ଜିଲ୍ଲା କୁଚିଣ୍ଡା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ସୋମବାର ବ୍ଲକସ୍ତରୀୟ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଜିଲ୍ଲାପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ପାତ୍ର ଯୋଗଦେଇ ଅଧ୍ୟକ୍ଷତା କରିଥିଲେ। କୁଚିଣ୍ଡା ବ୍ଲକର ୧୭ଗୋଟି ପଞ୍ଚାୟତରୁ ମୋଟ ୫୯ ଅଭିଯୋଗ ଆସିଥିଲା। ତନ୍ମଧ୍ୟରୁ ୧୩ଟି ବ୍ୟକ୍ତିଗତ ଓ ୪୬ଟି ଅଭିଯୋଗ ସାମୂହିକ ରହିଥିଲା। ଜନସାଧାରଣଙ୍କ ସମସ୍ୟାକୁ ଗୁରୁତ୍ୱ ଦେଇ ତୁରନ୍ତ ସମାଧାନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। କାର୍ଯ୍ୟକ୍ରମରେ କୁଚିଣ୍ଡା ଉପଜିଲ୍ଲାପାଳ ସରଓ୍ୱନନ୍ ସ,ବାମରା ବନ୍ୟପ୍ରାଣୀ ଡିଏଫଓ ବିକ୍ରମ ଦେବ ପଟ୍ଟନାୟକ,ଉପଖଣ୍ଡ ପୋଲିସ ଅଧିକାରୀ ପ୍ରଦୀପ କୁମାର ଦାଶ,ସମ୍ବଲପୁର ସିଡିଏମଓ ଡା.ନୀଳମାଧବ ଶତପଥି,ତହସିଲଦାର ସରିତା ଓରାମ, ବିଡ଼ିଓ ଜୟନ୍ତ ସାହୁ,ଏନଏସି ଇଓ ମନୋରଞ୍ଜନ ସୁନା, କୁଚିଣ୍ଡା ଏସଡ଼ିଏମଓ ଡା.ସବୋଧ କୁମାର ନାୟକଙ୍କ ସମେତ ସମସ୍ତ ଲାଇନ ଡିପାର୍ଟମେଣ୍ଟର ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ୭ଜଣଙ୍କୁ ବାର୍ଦ୍ଧକ୍ୟ ଭତ୍ତା ବଣ୍ଟନ କରାଯାଇଥିଲା।

## ମିଳିତ ଅଭିଯୋଗ ଶୁଣାଣି

ଭଦ୍ରକ,୧୧।୮ (ନିପ୍ର): ବାସୁଦେବପୁର ବ୍ଲକ ପଂଚାୟତ ସମିତି ସମ୍ମିଳନୀ କକ୍ଷ ପରିସରଠାରେ ଆଜି ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଶୁଣାଣିରେ ମୋଟ ୩୬୩ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ଏଥିରୁ ୨୭୮ଟି ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ଥିବାବେଳେ ୭୬ଟି ଗ୍ରାମୀଣ ସମସ୍ୟା ସମ୍ବନ୍ଧୀୟ ଓ ରେଡ କ୍ରଶ ଅଧୀନସ୍ଥ ୯ଟି ଅଭିଯୋଗ ରହିଥିଲା। ଶୁଣାଣି ସମୟରେ ୬୬ଟି ଅଭିଯୋଗର ସ୍ଥଳୀୟ ସମାଧାନ କରାଯାଇଥିବାବେଳେ ଜିଲ୍ଲା ରେଡକ୍ରସ ପାଣ୍ଠି ମାଧ୍ୟମରେ ୯ଜଣ ଅଭିଯୋଗକାରୀଙ୍କୁ ମୋଟ ୧୯,୫୦୦/- ଟଙ୍କା ମଞ୍ଜୁର କରାଯାଇଛି। ଏହି ଜନ ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ , ଅତିରିକ୍ତ ଜିଲ୍ଲାପାଳ ସରୋଜ ଦତ୍ତ, ଆରକ୍ଷୀ ଅଧୀକ୍ଷକ ମନୋଜ ରାଉତ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ , ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରମୋଦ ପ୍ରହରାଜ, ବାସୁଦେବପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଅଙ୍ଗଦାନ କରି ଅମର ହେଲେ ଗୌଡ଼ତାଳସିଂର ଜୀବରତ୍ନମ

## ମୃତ୍ୟୁ ପରେ କଲେ ୫ ଅଙ୍ଗଦାନ

ପାରଳାଖେମୁଣ୍ଡି,୧୧।୮ (ନିପ୍ର): ମୃତ୍ୟୁପରେ ମଧ ନୂତନ ଜୀବନ ଦେଇ ଅମର ହୋଇପାରିଛନ୍ତି ଗଜପତି ଜିଲ୍ଲା ଗୋଷାଣି ବ୍ଲକ ସବୋରା ପଞ୍ଚାୟତ ଅନ୍ତର୍ଗତ ଗୌଡତାଳସିଂ ଗ୍ରାମର ସିଏଚ୍. ଜୀବରତ୍ନମ୍ (୪୫) । ଅଙ୍ଗ ଦାନ କରି ଅମର ହୋଇଛନ୍ତି । ସମସ୍ତ ମହଲରେ ତାଙ୍କୁ ସାଲ୍ୟୁଟ୍ ମାରୁଛନ୍ତି । ଅଞ୍ଚଳ ତଥା ଗ୍ରାମବାସୀ ମାନେ ସାଉଁଟୁଛନ୍ତି ଜୀବରତ୍ନମଙ୍କ ସାଙ୍ଗରେ ବିତାଇଥିବା ମୂହୁର୍ତ୍ତକୁ । ତେବେ ପୋଲିସ କିମ୍ବା ପ୍ରଶାସନ ଅନ୍ତ୍ୟେଷ୍ଟିକ୍ରିୟାରେ ଯୋଗଦେଇ ନପାରିଥିବାକୁ ନେଇ ଆଲୋଚନା ମଧ ହେଉଛି । ଅନ୍ତ୍ୟେଷ୍ଟିକ୍ରିୟାରେ ଯୋଗ ଦେଇଥିବା ଅଞ୍ଚଳବାସୀ ଜୀବରତ୍ନମଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ଶୋକସନ୍ତପ୍ତ ପରିବାରଙ୍କୁ ଗଭୀର ସମବେଦନା ଜଣାଉଛନ୍ତି । ସେପଟେ ପରିବାର ଲୋକେ ଜୀବରତ୍ନମଙ୍କ ବିୟୋଗରେ ଦୁଃଖରେ ଭାଙ୍ଗିପଡିଥିଲେ ମଧ ଅଙ୍ଗଦାନ କରି ଅମର ରହିଥିବା କଥାକୁ ନେଇ ଗର୍ବିତ ମଧ କରୁଛନ୍ତି । ତେବେ ଏପରି ଅଙ୍ଗଦାନ ଘଟଣା ଗଜପତି ଜିଲ୍ଲାରେ କିଛି ହାତଗଣତିଙ୍କ ମଧ୍ୟରୁ ଜଣେ ଅଟନ୍ତି । ପ୍ରକାଶ ଯେ, ମୃତ ସିଏଚ୍. ଜୀବରତ୍ନମ ଗୁରୁବାର ସନ୍ଧ୍ୟା ୭ ଘଣ୍ଟା ସମୟରେ ସୀମାନ୍ତ ଆନ୍ଧ୍ର ପ୍ରଦେଶରେ ରହୁଥିବା ନିଜ ଶଶୁରଙ୍କ ଘର ଗଙ୍ଗାରାଜପୁରମ୍ ଗ୍ରାମକୁ ଚାଲି ଚାଲି ଯାଉଥିଲେ । ତେବେ ଗୋଷାଣି ବ୍ଲକ ଜଙ୍ଗଲପାଡୁ ଗ୍ରାମ ନିକଟରେ କୌଣସି ଅଜଣା ଗାଡି ଧକ୍କା



ଦେଇଚାଲିଯାଇଥିଲା । ସେହି ସମୟରେ ପ୍ରବଳ ବର୍ଷା ମଧ ହେଉଥିଲା । ଫଳରେ ଦୁର୍ଘଟଣା ଘଟିଥିବାର କେହି ଦେଖିପାରିନଥିଲେ । ସେତେବେଳକୁ ଜୀବରତ୍ନମ ରକ୍ତଜୁତୁବୁତୁ ଅବସ୍ଥାରେ ପଡିରହିଥିଲେ । ପରେ ଗୁରାଣ୍ଡି ପୋଲିସ ପହଞ୍ଚି ଉଦ୍ଧାର କରି ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାମୁଖ୍ୟ ଚିକିତ୍ସାଳୟକୁ ପଠାଇଦେଇଥିଲେ ।

ତେବେ ଅବସ୍ଥା ସଙ୍କଟାପନ୍ନ ଥିବା ଯୋଗୁଁ ଶ୍ରୀକାକୁଲମ ସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ସେଠାରେ ମଧ ତାଙ୍କ ବଞ୍ଚିବା ଆଶାକ୍ଷୀଣ ବୋଲି ଡାକ୍ତରମାନେ ପ୍ରକାଶ କରିଥିଲେ । ଏପରି ପରିସ୍ଥିତିରେ ଅଙ୍ଗଦାନ ଏକ ମହତ୍ତ୍ୱପୂର୍ଣ୍ଣ କଥା ଶୁଣି ପରିବାର ଲୋକେ ମୃତ୍ୟୁ ପରେ ଜୀବରତ୍ନମଙ୍କ ଅଙ୍ଗଦାନ ସମ୍ପର୍କେ ଭାବିଥିଲେ । ତେବେ ତିନିଦିନର ଚିକିତ୍ସା ପରେ ଜୀବରତ୍ନମଙ୍କ ମୃତ୍ୟୁ ଘଟିଥିଲା । ପରେ ସପରିବାର ଅଙ୍ଗଦାନ ସମ୍ପର୍କେ ସମ୍ମତି ପ୍ରକାଶ କରିଥିଲେ । ଏହାପରେ ଜୀବରତ୍ନମଙ୍କ ହୃତପିଣ୍ଡ, ଲିଭର୍, କିଡ୍ନୀ ଆଦିପରି ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଗୁଡିକ ପ୍ରତ୍ୟାର୍ପଣ ପାଇଁ ବାହାର କରାଯାଇଥିଲା । ତେବେ ଜୀବରତ୍ନମ ଅଙ୍ଗଦାନ କରି ଅନ୍ୟ ମାନଙ୍କ ଜୀବନ ବଞ୍ଚାଇ ଥିବାରୁ ଆନ୍ଧ୍ର ସରକାରଙ୍କ ତରଫରୁ ପ୍ରଶଂସାପତ୍ର ସହ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଅମର ରହେ ଧ୍ୱନି ସହ ସସମ୍ମାନ ପ୍ରଦାନ କରାଯାଇଥିବାର ଜଣାପଡିଛି । ଅନ୍ୟପକ୍ଷରେ ଜୀବରତ୍ନମଙ୍କ ପରିବାର ବହୁ ଗରିବ ପରିବାର ହୋଇଥିବା ଏବଂ ତାଙ୍କର ଗୋଟିଏ ଲେଖାଏଁ ଛୋଟ ପୁଅ ଛୋଟ ଝିଅ ସହ ସ୍ତ୍ରୀ ରହିଛନ୍ତି । ଜୀବରତ୍ନମ ବଢେଇ କାମକରି ଗୁଜାରଣ ମେଣ୍ଟାଉଥିଲେ । ତେଣୁ ସରକାରୀ ସହାୟତା ପ୍ରଦାନ କରାଗଲେ ତାଙ୍କ ପରିବାର ଉପକୃତ ହୋଇପାରିବେ ବୋଲି ଗ୍ରାମର ସମାଜସେବୀ ବିନୋଦ ପରିଚ୍ଛା ପ୍ରମୁଖ ଜଣାଇଛନ୍ତି ।

## ବଦଳି ନିର୍ଦ୍ଦେଶକୁ ଖୋଲାଖୋଲି ବେଖାତିର

ସୋନପୁର,୧୧।୮ (ନିପ୍ର): ସରକାରୀ ନିର୍ଦ୍ଦେଶନାମାକୁ କିପରି ଖୋଲାଖୋଲି ଉଲ୍ଲଂଘନ କରାଯାଉଛି, ତାହାର ଏକ ଜ୍ୱଳନ୍ତ ଉଦାହରଣ ଏବେ ସୋନପୁର ଜିଲ୍ଲାରେ ଦେଖିବାକୁ ମିଳିଛି। ରାଜ୍ୟ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ପକ୍ଷରୁ ପତ୍ର ସଂଖ୍ୟା ୪୬୧୮ ଗତ ୨୫/୦୬/୨୦୨୬ରେ ଏକ ବଦଳି ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହି ବିଜ୍ଞପ୍ତି ଅନୁଯାୟୀ ତୁରନ୍ତ ଦାୟିତ୍ୱ ଗ୍ରହଣ କରିବାକୁ ସ୍ପଷ୍ଟ ନିର୍ଦ୍ଦେଶ ଥିଲେ ମଧ, ଜଗତସିଂହପୁରରୁ ସୋନପୁର ବଦଳି ହୋଇଥିବା ଅଧିକାରୀ ଆଜିକୁ ପ୍ରାୟ ଦୁଇ ମାସ ବିତିଯାଇଥିଲେ ସୁଦ୍ଧା ନିଜ ନୂତନ କର୍ମସ୍ଥଳୀରେ ଯୋଗଦାନ କରିନାହାନ୍ତି। ପ୍ରାପ୍ତ ସରକାରୀ ବିଜ୍ଞପ୍ତି ଅନୁସାରେ ଜନୈକଙ୍କୁ ଜଗତସିଂହପୁର ଜିଲ୍ଲା ଶ୍ରମ ଅଧିକାରୀ କାର୍ଯ୍ୟାଳୟରୁ ସୋନପୁର କାର୍ଯ୍ୟାଳୟକୁ ବଦଳି ହୋଇଛି। ଏହି ଆଦେଶନାମାରେ ସ୍ପଷ୍ଟ ଭାବରେ ଉଲ୍ଲେଖ ଥିଲା ଯେ ଏହା 'ତୁରନ୍ତ ଲାଗୁ ହେବ'। ଏହା ସହିତ ସଂପୃକ୍ତ ବିଭାଗୀୟ ମେମୋ ଅନୁଯାୟୀ, ବଦଳି ହୋଇଥିବା ଅଧିକାରୀଙ୍କୁ କୌଣସି ବିଳମ୍ବ ନକରି ଅବିଳମ୍ବେ କାର୍ଯ୍ୟମୁକ୍ତ କରିବା ପାଇଁ ଉଚ୍ଚ କର୍ତ୍ତୃପକ୍ଷ ନିର୍ଦ୍ଦେଶ ଦେଇଥିଲେ ଯାହା ଫଳରେ ସେମାନେ ନିଜ ନୂଆ ଜାଗାରେ ତୁରନ୍ତ ଯୋଗ ଦେଇପାରିବେ। କିନ୍ତୁ ଆଶ୍ଚର୍ଯ୍ୟର ବିଷୟ, ସରକାରୀ ଆଦେଶ ପ୍ରକାଶ ପାଇବାର ପ୍ରାୟ ଦୁଇ ମାସ ପରେ ମଧ ଉକ୍ତ ଅଧିକାରୀ ସୋନପୁରରେ ନିଜ କାର୍ଯ୍ୟଭାର ଗ୍ରହଣ କରିନାହାନ୍ତି। ଏବେ ସାଧାରଣରେ ପ୍ରଶ୍ନ ଉଠୁଛି, ଶ୍ରମ ବିଭାଗର ଉଚ୍ଚାଧିକାରୀଙ୍କ ନିର୍ଦ୍ଦେଶକୁ କିଏ ଅବମାନନା କରୁଛି ? ଜଗତସିଂହପୁର ପ୍ରଶାସନ ତାଙ୍କୁ ରିଲିଭ୍ କରିବାରେ ଟାଳଟୁଳ ନୀତି ଅବଲମ୍ବନ କରୁଛି ନା ନିଜେ ଅଧିକାରୀ ସୋନପୁର ଆସିବାକୁ ଅମଙ୍ଗ ହେଉଛନ୍ତି ? ସୋନପୁର ଭଳି ଏକ ଜିଲ୍ଲାରେ ଶ୍ରମିକମାନଙ୍କର ଅନେକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ରହିଥିବା ବେଳେ ଶ୍ରମ ଅଧିକାରୀଙ୍କ ଏଭଳି ଲମ୍ବା ଅନୁପସ୍ଥିତି ବିଭାଗୀୟ କାର୍ଯ୍ୟକୁ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ କରୁଛି। ପ୍ରଶାସନିକ ସ୍ୱାର୍ଥରେ ହୋଇଥିବା ଏହି ବଦଳି ପ୍ରକ୍ରିୟା ଏବେ କେବଳ କାଗଜପତ୍ରରେ ସୀମିତ ରହିଯାଇଥିବା ବେଳେ, ସୋନପୁରର ଶ୍ରମିକ ବର୍ଗ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଏ ଦିଗରେ ଦୃଷ୍ଟି ଦେଇ ଉଚ୍ଚ କର୍ତ୍ତୃପକ୍ଷ ବିହିତ ପଦକ୍ଷେପ ନେବାକୁ ସାଧାରଣରେ ଦୃଢ଼ ଦାବି ହେଉଛି।

## ପୁଷ୍ପଗିରି ପ୍ରେସ ଫୋରମର ୧୬ତମ ବାର୍ଷିକ ଉତ୍ସବ

## ସରକାର ସାମ୍ବାଦିକଙ୍କ ବୀମା ନିଷ୍ପତ୍ତି ପରିବର୍ତ୍ତନ ନକଲେ ସମୂହ ବୀମା ବର୍ଜନ କରିବେ

ବଡ଼ଚଣା,୧୧।୮ (ନିପ୍ର); ବଡ଼ଚଣା ବ୍ଲକ ବାଲିଚନ୍ଦ୍ରପୁର ସ୍ଥିତ ଜଗନ୍ନାଥ କଲ୍ୟାଣ ମଣ୍ଡପରେ ପୁଷ୍ପଗିରି ପ୍ରେସ୍ ଫୋରମ୍‌ର ୧୬ତମ ବାର୍ଷିକ ଉତ୍ସବ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ପ୍ରେସ କ୍ଲବର ସଭାପତି ସୁମନ୍ତ କୁମାର ଭୂୟାଁଙ୍କ ସଭାପତିତ୍ୱରେ ଏଥିରେ ଯୋଗଦେଇ ଓଡ଼ିଶା ୟୁନିଅନ୍ ଅଫ୍ ୱର୍କିଂ ଜର୍ନାଲିଷ୍ଟସ୍ ସଭାପତି ତଥା ବରିଷ୍ଠ ସାମ୍ବାଦିକ ପ୍ରସନ୍ନ ମହାନ୍ତି ସାମ୍ବାଦିକଙ୍କ ସ୍ୱାସ୍ଥ୍ୟ ବୀମାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି।ସରକାର ସାମ୍ବାଦିକଙ୍କୁ ସବୁ ବେଳେ ଅଣଦେଖା କରି ରଖିଛନ୍ତି। ସାମ୍ବାଦିକଙ୍କ ଦାବି ପୂରଣ କରୁଛନ୍ତି ନା ସେମାନଙ୍କ ପାଇଁ କୌଣସି ସ୍ଥାୟୀ ବ୍ୟବସ୍ଥା କରୁଛନ୍ତି। ସାମ୍ବାଦିକମାନଙ୍କ ପାଇଁ ପୂର୍ବ ସରକାରଙ୍କ ସମୟରେ ପ୍ରଚଳିତ ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନାକୁ ବନ୍ଦ କରି ଏହାକୁ ଆୟୁଷ୍ମାନ ଯୋଜନାରେ ଅନ୍ତର୍ଭୁକ୍ତ କରାଯିବା ପ୍ରସଙ୍ଗକୁ ନେଇ ସଂଘ ପକ୍ଷରୁ ଚିନ୍ତା ପ୍ରକାଶ କରାଯାଇଥିଲା। ସାମ୍ବାଦିକମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ତେଣୁ ପୂର୍ବରୁ ମିଳୁଥିବା ସ୍ୱାସ୍ଥ୍ୟ ବୀମା ସୁବିଧାରେ କୌଣସି ପ୍ରକାର ହ୍ରାସ କିମ୍ବା ସାମ୍ବାଦିକମାନଙ୍କ ସ୍ୱାର୍ଥବିରୋଧୀ ପରିବର୍ତ୍ତନ ଗ୍ରହଣୀୟ ନୁହେଁ ବୋଲି ଶ୍ରୀ ମହାନ୍ତି ଚେତାବନୀ ଦେଇ ଆହୁରି କହିଛନ୍ତି ଯେ,ସରକାର ସାମ୍ବାଦିକଙ୍କ ବୀମା ନିଷ୍ପତ୍ତି ପରିବର୍ତ୍ତନ ନକଲେ ସମ୍ମୁହ ବୀମା ସାମ୍ବାଦିକମାନେ ବର୍ଜନ କରିବେ ବୋଲି ବରିଷ୍ଠ ସାମ୍ବାଦିକ ଶ୍ରୀ ମହାନ୍ତି ଚେତାବନୀ ଦେଇଛନ୍ତି।

ସାମ୍ବାଦିକମାନଙ୍କ ସ୍ୱାସ୍ଥ୍ୟ ବୀମା ସୁବିଧାକୁ ପୂର୍ବବତ୍ ରଖିବା ସହ ସାମ୍ବାଦିକଙ୍କ ହିତକୁ ପ୍ରାଥମିକତା ଦେବା ପାଇଁ ସରକାରଙ୍କ ନିକଟରେ ସଂଘ ପକ୍ଷରୁ ଦାବି ରଖାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଉଦ୍‌ଘାଟକ ତଥା ମୁଖ୍ୟଅତିଥି ଭାବେ ସହକାରୀ ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ନିର୍ଦ୍ଦେଶିକା ଡଃ ସଞ୍ଜୁଲତା ଶତପଥୀ, ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶିତିକଣ୍ଠ କାନୁନଗୋ, ଯାଜପୁର ମିରର ମୁଖ୍ୟ ସମ୍ପାଦକ ଅଭୟ କୁମାର ପତି, ଓଡ଼ିଶା ସାମ୍ବାଦିକ ୟୁନିୟନର ସାଧାରଣ ସମ୍ପାଦକ କିଷାନ କୁମାର ରାଉତ, ଯାଜପୁର ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ଅରୁଣ କୁମାର ରାଉତରାୟ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସାମ୍ବାଦିକଙ୍କ କାର୍ଯ୍ୟଧାରା ସମ୍ପର୍କରେ ବକ୍ତବ୍ୟ ଦେଇ ସେମାନଙ୍କ ନିରନ୍ତର ସମ୍ବାଦ ପରିବେଷଣ ଓ ସମାଜରେ ଲୋକଙ୍କ ସମସ୍ୟାକୁ ଅଗକୁ ଆଣିବାରେ ପ୍ରମୁଖ ମାଧ୍ୟମ ପାଲଟିଥିବା ପ୍ରକାଶ କରିଥିଲେ।

## ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ କେନ୍ଦ୍ର ସରକାରଙ୍କ ବିରୋଧରେ ଧାରଣା

ପାରଳାଖେମୁଣ୍ଡି,୧୧।୮ (ନିପ୍ର):ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସହରର ହାଇସ୍କୁଲ ଛକ ଠାରେ ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ କେନ୍ଦ୍ର ସରକାରଙ୍କ ବିରୁଦ୍ଧରେ ପ୍ରତିବାଦ ଧାରଣା ଦେଇଥିବାର ଦେଖିବାକୁ ମିଳିଥିଲା । ସକାଳ ୧୧ ଘଣ୍ଟା ସମୟରେ ସଂଯୁକ୍ତ କିଷାନ ମୋର୍ଚ୍ଚାର ବହୁ କର୍ମୀ ଯୋଗଦେଇ କେନ୍ଦ୍ର ସରକାରଙ୍କ ବୈମାତୃକ ମନୋଭାବକୁ ନେଇ ବିଭିନ୍ନ ସ୍ଲୋଗାନମାନ ଦେଇଥିଲେ । ଦିଲ୍ଲୀ ସୀମାରେ ହୋଇଥିବା ଐତିହାସିକ କୃଷକ ଆନ୍ଦୋଳନ ପରିପ୍ରେକ୍ଷୀରେ ସର୍ବନିମ୍ନ ସମର୍ଥନ ମୂଲ୍ୟ, ଋଣ ଛାଡ଼, ବିଦ୍ୟୁତ୍ ସେବାର ଘରୋଇକରଣ ଏବଂ କୃଷକଙ୍କ ବିରୋଧରେ ଥିବା ମାମଲା ପ୍ରତ୍ୟାହାର ସମ୍ପର୍କରେ କେନ୍ଦ୍ର ସରକାରଙ୍କ ୯ ଡିସେମ୍ବର ୨୦୨୧ର ଲିଖିତ ପ୍ରତିଶ୍ରୁତି କାର୍ଯ୍ୟକାରୀ ନ ହେବା ନେଇ ଦୃଢ଼ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଗ୍ରାମୀଣ ଋଣଗ୍ରସ୍ତ ଅବସ୍ଥାର ଅନ୍ତ ଘଟାଇବା ଏବଂ କୃଷକ ତଥା ଦୈନିକ ମଜୁରିଆଙ୍କ ଆତ୍ମହତ୍ୟା ରୋକିବା ପାଇଁ ଏକ ବ୍ୟାପକ ଋଣ ଛାଡ଼ ଯୋଜନା କାର୍ଯ୍ୟକାରୀ କରିବା, ଆତ୍ମହତ୍ୟା କରିଥିବା ପ୍ରତ୍ୟେକ କୃଷକଙ୍କ ପରିବାରକୁ ୨୫ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରିବା ସହ ସେମାନଙ୍କର ପରିବାରଙ୍କୁ ସମ୍ପୂର୍ଣ୍ଣ ଥଇଥାନ ଦାୟିତ୍ୱ ଗ୍ରହଣ କରିବା, ଚାରୋଟି ଶ୍ରମ ସଂହିତା କୁ ରଦ୍ଦ କରିବା, ସମସ୍ତ ଶ୍ରମିକଙ୍କ ପାଇଁ ମାସିକ ୪୨,୦୦୦ ଟଙ୍କାର ସାମ୍ବିଧାନିକ ସର୍ବନିମ୍ନ ମଜୁରି ସୁନିଶ୍ଚିତ କରିବା, ବାର୍ଷିକ ୨୦୦ ଦିନର ନିଯୁକ୍ତି ଏବଂ ଦୈନିକ ସର୍ବନିମ୍ନ ୭୦୦ ଟଙ୍କା ମଜୁରିର ଗ୍ୟାରେଣ୍ଟି ଦେଇବା, ମନରେଗା କୁ ପୁନଃସ୍ଥାପିତ ଓ ସୁଦୃଢ଼ କରିବା, ବିଦ୍ୟୁତ୍ ଘରୋଇକରଣ ବିଲ୍-୨୦୨୫, ବିହନ ବିଲ୍-୨୦୨୫ ଏବଂ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ରେ ପ୍ରସ୍ତାବିତ ସଂଶୋଧନଗୁଡ଼ିକୁ ପ୍ରତ୍ୟାହାର କରିବା, ଜବରଦସ୍ତ ଜମି ଅଧିଗ୍ରହଣ ଏବଂ କର୍ପୋରେଟ୍ ସ୍ୱାର୍ଥ ସମ୍ବଳିତ ଜମି ଏକତ୍ରୀକରଣକୁ ରୋକି ଭୂ-ଅଧିକାର ସୁରକ୍ଷିତ କରିବା, 'ଜମି ଅଧିଗ୍ରହଣ, ଥଇଥାନ ଓ ପୁନର୍ବାସ କ୍ଷେତ୍ରରେ ନ୍ୟାୟୋଚିତ କ୍ଷତିପୂରଣ ଓ ସ୍ୱଚ୍ଛତାର ଅଧିକାର ଆଇନ - ୨୦୧୩', 'ଜଙ୍ଗଲ ଅଧିକାର ଆଇନ- ୨୦୦୬ ଆଦି ଦାବି କରି ବିଭିନ୍ନ ସ୍ଲୋଗାନମାନ ଦେବା ସହ ବକ୍ତବ୍ୟ ରଖିଥିଲେ ।

**ସାର୍ବଜନୀନ ସୂଚନା**

ଏତଦ୍ୱାରା ସର୍ବସାଧାରଣ, ଗ୍ରାହକ, ଯୋଗାଣକାରୀ, ବ୍ୟାଙ୍କ ଏବଂ ଅନ୍ୟ ସମସ୍ତ ସମ୍ପୃକ୍ତ ପକ୍ଷଙ୍କୁ ଜଣାଇ ଦିଆଯାଉଛି ଯେ M/s.SS Contracting Works, ଗଣେଶ ନଗର, ଭୁବନେଶ୍ୱର ର ସହଭାଗିତା ଗଠନରେ ପରିବର୍ତ୍ତନ ଘଟିଛି। ଶ୍ରୀ ସୁକମଲ ବକ୍ସି ତାରିଖ ୨୯.୦୫.୨୦୨୬ ଠାରୁ ଉକ୍ତ ଫର୍ମର ସହଭାଗୀ ପଦରୁ ଅବସର ଗ୍ରହଣ କରିଛନ୍ତି ଏବଂ ସେହି ତାରିଖଠାରୁ ଫର୍ମର କୌଣସି ବ୍ୟବସାୟିକ କାରବାର, ଦେୟ, ପାଉଣା କିମ୍ବା ଦାୟିତ୍ୱ ପାଇଁ ଦାୟୀ ରହିବେ ନାହିଁ। ଏହା ସହିତ ଶ୍ରୀ ଶିବରାମ ମାରକଣ୍ଡ ପାଣିଗ୍ରାହୀ, ତାରିଖ ୨୯.୦୫.୨୦୨୬ ଠାରୁ ଉକ୍ତ ଫର୍ମରେ ନୂତନ ସହଭାଗୀ ଭାବେ ଯୋଗଦାନ କରିଛନ୍ତି।

ସ୍ୱା/-ଦୁର୍ଗା ଭାରତ ମହାଲିକ
ଏସଏସ କଣଟ୍ରାକ୍ଟିଂ ୱାର୍କ୍ସ
ଗଣେଶ ନଗର, ଭୁବନେଶ୍ୱର
ମୋ : ୭୭୩୫୨୧୫୬୪୩

## ଜୟ ପ୍ରକାଶ ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟର ତ୍ରିରଙ୍ଗା ରାଲି

ଭବାନୀପାଟଣା, ୧୧/୮ (ନି.ପ୍ର)- ସ୍ଥାନୀୟ ଜୟ ପ୍ରକାଶ ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟର ଏକ ବିଶାଳ ତ୍ରିରଙ୍ଗା ରାଲି ମହାବିଦ୍ୟାଳୟ ପରିସରରୁ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଦେଇ ଜେଲ ଛକ ଓ ଘୋଡାଘାଟ ଛକ ହୋଇ ସହର ପରିକ୍ରମା କରିଥିଲା। ଏଥିରେ ସମୁଦାୟ ୩୧୨ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିବା ବେଳେ ଟାଉନ ପୋଲିସ ତରଫରୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯାଇଥିଲା। ଅଧ୍ୟକ୍ଷ ପରମେଶ୍ୱର ମୁଣ୍ଡ ଦେଶ ଉଦ୍ଦେଶ୍ୟରେ ଏହି ବିଶାଳ ତ୍ରିରଙ୍ଗା ରାଲିକୁ ଉତ୍ସର୍ଗ କରିଥିବା ବେଳେ ବନ୍ଦେ ମାତରମ୍‌ର ୫୦ ବର୍ଷ ପୂର୍ତ୍ତି ଅବସର ଏବଂ ଆଗାମୀ ସ୍ୱାଧୀନତା ଦିବସର ୮୦ ବର୍ଷ ଅବସରରେ ଏହା ଏକ ପର୍ବ ସଦୃଶ ବୋଲି ମତବ୍ୟକ୍ତ କରିଥିଲେ।

ଛାତ୍ରଛାତ୍ରୀ ତଥା ସାଧାରଣ ଲୋକଙ୍କ ଭିତରେ ଦେଶ ପ୍ରେମ ଜାଗ୍ରତ କରିବା ସହ ସ୍ୱାଧୀନତା ପାଳନ ମାସକୁ ଆହୁରି ପ୍ରଭାବଶାଳି କରିବା ପାଇଁ ଏହି ରାଲି ଉଦ୍ଦିଷ୍ଟ। ବନ୍ଦେ ମାତରମ୍ ଗାନରେ ସହର ପରିକ୍ରମା କରାଯାଇଥିବା ବେଳେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଭାରତମାତା କି ଜୟ ଧ୍ୱନୀରେ ପ୍ରକମ୍ପିତ ହୋଇ ଉଠିଲା ଭବାନୀପାଟଣା ସହର। ମ୍ୟାଇ ଭାରତ ଜିଲ୍ଲା ଯୁବ ଅଧିକାରୀ କଳାହାଣ୍ଡି ବଂଶ ଶର୍ମା ଏହି ରାଲିରେ ଅତିଥି ଭାବେ ଯୋଗଦେଇଥିଲେ। ଜାତୀୟ ସେବା ଯୋଜନା ଅଧିକାରୀ ପ୍ରତାପ ଚନ୍ଦ୍ର ଦାଶ, ଏନ୍‌ସିସି ଅଫିସର ସୁଶାନ୍ତ କୁମାର ଦାଶ, ଅଧ୍ୟାପକ ଶୁଭେନ୍ଦୁ କୁମାର ପାଢୀ, ରେଡ୍‌କ୍ରସ ଅଧିକାରୀ ପୁରୀତ ରଣା, ଫାଲଗୁନୀ ପ୍ରଧାନୀ, ମନ୍ଦାକିନୀ ପ୍ରଧାନ, ମହିମା ଖାତୁନ, କେସନୀ ପାୟଲ ମହାନନ୍ଦ, ଅନୁକୁଲ ସାହାଣି, ଦୀନବନ୍ଧୁ ନାଗ, ସୁନିଲ କୁମାର ଗହିର ପ୍ରମୁଖ ସହଯୋଗ କରିଥିଲେ।

## ଜନଅଭିଯୋଗ ଶୁଣାଣିରେ ୧୧୬ ଅଭିଯୋଗ

ବୌଦ୍ଧ,୧୧।୮ (ନିପ୍ର); ଲୋକଙ୍କ ସମସ୍ୟାର ତ୍ୱରିତ ସମାଧାନ ଏବଂ ପ୍ରଶାସନିକ ସେବାକୁ ଅଧିକ ଜନମୁଖୀ କରିବା ଲକ୍ଷ୍ୟରେ ବୌଦ୍ଧ ଜିଲ୍ଲା ହରଭଙ୍ଗା ପଞ୍ଚାୟତ ସମିତି କାର୍ଯ୍ୟାଳୟର ସଭାଗୃହରେ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ ଜନଅଭିଯୋଗ ଶୁଣାଣି ଓ ସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ବିଭିନ୍ନ ପଞ୍ଚାୟତରୁ ଆସିଥିବା ଶତାଧିକ ଜନସାଧାରଣ ନିଜ ଅଭିଯୋଗ ଉପସ୍ଥାପନ କରିଥିଲେ। ଏହି ଶିବିରରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପ-ଜିଲ୍ଲାପାଳ ବିନୟ କୁମାର ଭୋଇ, ଜିଲ୍ଲା ସ୍ୱାସ୍ଥ୍ୟ ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ଃ ମହେନ୍ଦ୍ର କୁମାର ସାହୁଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ରହି ଅଭିଯୋଗ ଶୁଣାଣିରେ ସହଯୋଗ କରିଥିଲେ। ମୋଟ ୧୧୬ଟି ଅଭିଯୋଗ ମଧ୍ୟରୁ ୧୧୨ଟି ବ୍ୟକ୍ତିଗତ ଏବଂ ୦୪ ଟି ଗୋଷ୍ଠୀଗତ ଅଭିଯୋଗ ଗ୍ରହଣ କରାଯାଇଥିଲା।

ସେଥିମଧ୍ୟରୁ ୨୬ଟି ଅଭିଯୋଗର ସ୍ଥଳରେ ହିଁ ସମାଧାନ କରାଯାଇଥିବା ବେଳେ ଅନ୍ୟାନ୍ୟ ଅଭିଯୋଗର ଶୀଘ୍ର ସମାଧାନ ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ବର୍ଷା ଋତୁକୁ ଦୃଷ୍ଟିରେ ରଖି ଭଙ୍ଗା ଘର, ରାସ୍ତା ମରାମତି, ପାନୀୟ ଜଳ ଓ ବିଦ୍ୟୁତ୍ ସେବା ସମ୍ବନ୍ଧୀୟ ଅଭିଯୋଗ ଗୁଡ଼ିକର ତୁରନ୍ତ ସମାଧାନ କରିବାକୁ ଜିଲ୍ଲାପାଳ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ରେଡକ୍ରସ ପାଣ୍ଠିରୁ ୦୬ ଜଣ ଅସହାୟ ବ୍ୟକ୍ତିଙ୍କୁ ମୋଟ ୨୭ ହଜାର ଟଙ୍କା ତତ୍କାଳୀନ ସହାୟତା ଜିଲ୍ଲାପାଳ ପ୍ରଦାନ କରିଥିଲେ। ଶିବିର ପରିଚାଳନାରେ ହରଭଙ୍ଗା ବି.ଡି.ଓ ତଥା ତହସିଲଦାର କର୍ଣ୍ଣ ସୁନା, ଡେପୁଟି କଲେକ୍ଟର ଜ୍ୟୋତି ରଞ୍ଜନ ଭୁଏ, ବ୍ଲକ୍‌ର ସମସ୍ତ ଅଧିକାରୀ ପ୍ରମୁଖ ସହଯୋଗ କରିଥିଲେ। ଶିବିରରେ ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀ, ବିଭିନ୍ନ ଲାଇନ ବିଭାଗର ଯନ୍ତ୍ରୀ, ବ୍ଲକ ସ୍ତରୀୟ କର୍ମଚାରୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ଏବଂ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ଉପସ୍ଥିତ ଥିଲେ।

## ବାଇକ୍ ଶୋଭାଯାତ୍ରା ସହ ସାମୂହିକ 'ବନ୍ଦେ ମାତରମ୍'ଗାନ

ବୌଦ୍ଧ,୧୧।୮ (ନିପ୍ର): ବୌଦ୍ଧ ଜିଲ୍ଲା ପ୍ରଶାସନ ପକ୍ଷରୁ 'ଘରେ ଘରେ ତ୍ରିରଙ୍ଗା' ଅଭିଯାନ ଏବଂ 'ବନ୍ଦେ ମାତରମ୍'ର ଅମର ଭାବନାକୁ ଉଜ୍ଜୀବିତ କରିବା ଉଦ୍ଦେଶ୍ୟରେ ଏକ ବିଶାଳ ସଚେତନତା ବାଇକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରାଙ୍ଗଣରୁ ଜିଲ୍ଲାପାଳ ବିଭୂତି ଭୂଷଣ ନାଏକ ସବୁଜ ପତାକା ଦେଖାଇ ଏହି ବାଇକ୍ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ବିଶାଳ ବାଇକ୍ ଶୋଭାଯାତ୍ରା ନଗର ପରିକ୍ରମା କରି ଜିଲ୍ଲା ଷ୍ଟାଡିୟମ୍‌ରେ ପହଞ୍ଚିଥିଲା । ପରେ ଦେଶପ୍ରେମ ବାର୍ତ୍ତା ନେଇ ଏକ ସାମୂହିକ 'ବନ୍ଦେ ମାତରମ୍' ଗାନ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ଉପସ୍ଥିତ ସମସ୍ତ ବ୍ୟକ୍ତିବିଶେଷ ଜାତୀୟ ସଙ୍ଗୀତ ଗାନ ରେ ଅଂଶଗ୍ରହଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ବିଭୂତି ଭୂଷଣ ନାଏକ,ସାଂସଦଙ୍କ ପ୍ରତିନିଧି ଯୁଗଳ କିଶୋର ସାମଲ, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପଜିଲ୍ଲାପାଳ ବିନୟ କୁମାର ଭୋଇ, ବିଡିଓ ଯୁଗଳ କିଶୋର ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ସଂଯୋଜନା କରିଥିଲେ। ଏହି ସମାରୋହରେ ଜିଲ୍ଲା ସ୍ତରୀୟ ସମସ୍ତ ବିଭାଗୀୟ ଅଧିକାରୀ, କର୍ମଚାରୀଙ୍କ ସମେତ ବହୁ ସଂଖ୍ୟାରେ ଶିକ୍ଷକ, ଆରକ୍ଷୀ ବାହିନୀ, ଗଣ ମାଧ୍ୟମର ପ୍ରତିନିଧି , ଦେଶପ୍ରେମୀ ଜନସାଧାରଣ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଜିଲ୍ଲା ପ୍ରଶାସନ ତରଫରୁ ଏହାର ଆୟୋଜନ ଜିଲ୍ଲା ସଂସ୍କୃତି ଅଧିକାରୀ ଅଙ୍କିତା ସାହୁ କରିଥିଲେ। ସୂଚନାଯୋଗ୍ୟ ଯେ ବୌଦ୍ଧ ଜିଲ୍ଲାରେ ତା ୧୨ ରେ ସାଇକେଲ ରେଲି, ତା ୧୪ ରେ ପଦଯାତ୍ରା ଅନୁଷ୍ଠିତ ହେବ । ୧୪ ତାରିଖ ଅପରାହ୍ନରେ ବିଭାଜନ ବିଭୀଷିକା ସ୍ମୃତି ଚାରଣ ହେବ । ସ୍ୱାଧୀନତା ଦିବସରେ ସ୍ଥାନୀୟ ଷ୍ଟାଡିୟମ୍ ରେ ସାମୂହିକ ବନ୍ଦେ ମାତରଂ ଗାନ ହେବ ।

# ନିମ୍ନମାନର କାର୍ଯ୍ୟ: ଲକ୍ଷାଧିକ ଟଙ୍କା ବିଲ୍ କଲା କିଏ ?

## ଭାର୍ଗବୀ ନଦୀ ବାମପାର୍ଶ୍ୱ ବନ୍ଧର ଭିଜିଲାନ୍ସ ତଦନ୍ତ ଦାବି

ପିପିଲି,୧୧।୮ (ନିପ୍ର): ଭାର୍ଗବୀ ନଦୀ ବାମ ପାର୍ଶ୍ୱ ବନ୍ଧର ନୂତନ ସମ୍ପ୍ରସାରଣ ସୁରକ୍ଷା ବନ୍ଧ ଉପରେ ଭିଜିଲାନ୍ସ ତଦନ୍ତ ଲାଗି ସାଧାରଣରେ ଦାବି ହୋଇଛି। ନିମ୍ନମାନର କାର୍ଯ୍ୟ ହୋଇ ଥିବା ବେଳେ ଦାୟିତ୍ୱରେ ଥିବା ସହକାରୀ ଯନ୍ତ୍ରୀ ଠିକାଦାର ନାମରେ ଲକ୍ଷାଧିକ ଟଙ୍କା ବିଲ୍ ହୋଇଥିବା ସୂଚନା ଆଇନ ବଳରେ ଜଣାପଡ଼ିଛି । ଉକ୍ତ କାର୍ଯ୍ୟ ଉପରେ ବିଭାଗୀୟ ଉଚ୍ଚ ଅଧିକାରୀ ତଥା ଜଳସମ୍ପଦ ବିଭାଗର ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀଙ୍କ ଏକ ସ୍ୱତନ୍ତ୍ର ଅନୁସନ୍ଧାନ ତଦନ୍ତକାରୀ ଦଳ ତଦନ୍ତ କରିବା ନିମନ୍ତେ ଥିବା ବେଳେ ନିଯୁକ୍ତି ଥିବା ସହକାରୀ ଯନ୍ତ୍ରୀ ନିଜର 'ପିସି' ପାଇବା ଲୋଭରେ ପୂର୍ବରୁ ଲକ୍ଷାଧିକ ଟଙ୍କା ବିଲ୍ କରି ଦେଇଛନ୍ତି। ଏପଟେ ଲଘୁଚାପ ବର୍ଷାରେ ବନ୍ଧ ଭୁଶୁଡି ପଡି ଧୋଇ ଯାଇଛି । ଯାହାକୁ ନେଇ ଲୋକେ ଆତଙ୍କରେ। ବନ୍ୟା ପାଣି ନଦୀର ଉଭୟ ପାର୍ଶ୍ୱରେ ଲାଗି ପ୍ରବାହିତ ହେବାରୁ ବନ୍ଧକୁ ଲାଗି ସମ୍ପ୍ରସାରଣ ହୋଇ ଥିବା ସୁରକ୍ଷା ବନ୍ଧ ସମ୍ପୂର୍ଣ୍ଣ ଭୁଶୁଡି ପଡିବା ଭଳି ଦୃଶ୍ୟ ଦେଖିବାକୁ ମିଳିଛି ।ଖାଲି ସେତିକି ନୁହେଁ ବନ୍ଧରେ ହେବାକୁ ଥିବା ମେଣ୍ଟାଲ ମୋରମ କାର୍ଯ୍ୟ ପୂର୍ବରୁ ମାଟି କାର୍ଯ୍ୟ ହୋଇ ଥିଲା । ଦାୟିତ୍ୱରେ ଥିବା ଯନ୍ତ୍ରୀ ଠିକାଦାର ପ୍ରତି ଦରଦ ଦେଖାଇ ଏହି ମାଟି କାର୍ଯ୍ୟରୁ ଲକ୍ଷ ଲକ୍ଷ ଟଙ୍କା କମିସିନ ନେଇ କାର୍ଯ୍ୟ କରି ଥିବା ବେଳେ ସହକାରୀ ଯନ୍ତ୍ରୀଙ୍କ ପାଇଁ ବନ୍ଧ ରାସ୍ତା ପୁଷମାସ ପାଲଟିଅଛି । ବାମ ପାର୍ଶ୍ୱ ବନ୍ଧକୁ ବନ୍ୟା ସମୟରେ ସୁରକ୍ଷା ଦେବାକୁ ଏକ ସୁରକ୍ଷା ମାଟି ବନ୍ଧ ବିଭାଗ ତରଫରୁ ଟେଣ୍ଡର ପ୍ରକ୍ରିୟା କରାଯାଇଛି। ସେହି ଟେଣ୍ଡର ପାଇଁ ବିଭାଗ ପ୍ରାୟ ପାଞ୍ଚ କୋଟି ଟଙ୍କାର ଏସ୍‌ଟିମେଟ କରି ଥିଲା। ଟେଣ୍ଡର ବିଜ୍ଞପ୍ତି ଓଡିଶା ଭୁବନେଶ୍ୱର ଅତିରିକ୍ତ ମୁଖ୍ୟ ଯନ୍ତ୍ରୀଙ୍କ



ଦପ୍ତରରୁ ପ୍ରକାଶ ପାଇ ଥିବା ବେଳେ ଏହି କାର୍ଯ୍ୟ ପାଇଁ ଏକରୁ ଅନେକ ଠିକାଦାର କାର୍ଯ୍ୟପାଇଁ ଅନ୍‌ଲାଇନ ଓ ଅଫ ଲାଇନରେ ଆବେଦନ କରି ଥିଲେ। ସମସ୍ତ ଠିକାଦାର ବାଦ୍ ପଡି ଯିବା ପରେ ଜଣେ ଠିକାଦାର ନାମରେ ଟେଣ୍ଡର ପ୍ରକାଶ ପାଇଥିଲା। ନିଯୁକ୍ତି ଥିବା ଠିକାଦାର ଚୁକ୍ତିନାମା ଅନୁଯାୟୀ ୪ କୋଟିରୁ ଊର୍ଦ୍ଧ୍ୱରେ ନିଯୁକ୍ତି ହୋଇଛି। ଏହି କାର୍ଯ୍ୟ ଅଧିକାଂଶ ମାଟି କାର୍ଯ୍ୟ ଥିବା ବେଳେ ଠିକାଦାର ଓ ସହକାରୀ ଯନ୍ତ୍ରୀ ପୁରୁଣା ବନ୍ଧକୁ ଜେସିବି ଲଗାଇ ପୁରୁଣା ଶକ୍ତ ବନ୍ଧକୁ ଅଧାରୁ ଅର୍ଦ୍ଧେକ ପୁରୁଣା ବନ୍ଧ କାଟି ଚଉଡା କରି ଦୁର୍ବଳ କରିଥିବା କୁହାଯାଉଛି। ଯାହା ପୁରୁଣା ବନ୍ଧ ସମ୍ପୂର୍ଣ୍ଣ ଦୁର୍ବଳ ହୋଇଛି ବୋଲି ନଦୀପାର୍ଶ୍ୱ ଗ୍ରାମବାସୀମାନେ ପ୍ରକାଶ କରିଛନ୍ତି । ସେପଟେ ସୁରକ୍ଷା ବନ୍ଧ ଉପରେ ଧୂଳିଆ ମାଟି ପକା ଯାଇଥିଲେ ମଧ ତାହାରି ଉପରେ ଭାଇବ୍ରେଟର ରୋଲର ଚଲା ଯାଇ ନାହିଁ । ଯାହାକି ଠିକାଦାର ଓ ନିଯୁକ୍ତି ଥିବା ଯନ୍ତ୍ରୀ ମିଳିମିଶି ସରକାରୀ ଅର୍ଥ ଚଳୁ କରିବା ଲାଗି ଧୂଳିଆ ମାଟିକୁ ଜେସିବି ମାଧ୍ୟମରେ ବନ୍ଧ ସାଇଜ କରି ଛାଡି ଦେଇ ଠିକାଦାର ନାମରେ ବିଭାଗୀୟ ଉଚ୍ଚସ୍ତ ଅଧିକାରୀଙ୍କ ଅଣ ନଜରରେ ବିଲ୍ କରି ଦେଇ ଥିବା ନିଜେ ନିଯୁକ୍ତି ଥିବା ସହକାରୀ ଯନ୍ତ୍ରୀ କହିଛନ୍ତି। ସେପଟେ ସହକାରୀ ଯନ୍ତ୍ରୀଙ୍କ ପକେଟ ଗରମ ହୋଇ ଚାଟିରି ଭୋଗ ଖାଉ ଥିବା ବେଳେ ଗତ ଲଘୁଚାପ ବର୍ଷାରେ ବନ୍ଧ ଭୁଶୁଡି ପଡିଛି। ଯାହାକି ଏହି ବନ୍ଧ ଆଗାମୀ ବର୍ଷା ଦିନରେ ଓ ବନ୍ୟା ପାଣି ସମୟରେ ମାଟି ବତୁରି ଯାଇ ଠାକୁ ଠା ଘାଇ ହେବାର ଆଶଙ୍କା ସମ୍ପୂର୍ଣ୍ଣ ମାତ୍ରାରେ ଦେଖା ଦେଇଛି ବୋଲି ଅଞ୍ଚଳବାସୀ କହିଛନ୍ତି ।ତେଣୁ ଏଦିଗରେ ଭିଜିଲାନ୍ସ ବିଭାଗ ଦ୍ୱାରା ବିଧିବଦ୍ଧଭାବରେ ତଦନ୍ତ କଲେ କୋଟି କୋଟି ଟଙ୍କା ଦୁର୍ନୀତିର ଲୋକ ଲୋଚନକୁ ଆସି ପାରନ୍ତା ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି । ଏନେଇ ବିଭାଗର ଦାୟିତ୍ୱରେ ଥିବା ସହକାରୀ ଯନ୍ତ୍ରୀଙ୍କୁ ପଚାରିବାରେ ସେ କହିଛନ୍ତି କାର୍ଯ୍ୟ ଶେଷ ହେବାକୁ ଆଉ ଦୁଇ ବର୍ଷ ପର୍ଯ୍ୟନ୍ତ ମିଆଦ ଅଛି । ତେଣୁ ଏଠାରେ ପ୍ରଶ୍ନ ଉଠୁଛି ଏସବୁ ଦୁର୍ନୀତି ଓ ନିମ୍ନମାନର କାର୍ଯ୍ୟ ଠିକାଦାର ପ୍ରୀତି ସହକାରୀ ଯନ୍ତ୍ରୀଙ୍କୁ ଅଙ୍ଗୁଳି ନିର୍ଦ୍ଦେଶ କରିଅଛି ବୋଲି ଜାଣିବା ଶୁଣିବା ମହଲ ଆଲୋଚନା କରୁଛନ୍ତି। ଏ ସଂକ୍ରାନ୍ତ ଅଭିଯୋଗ ନେଇ ଉଚ୍ଚସ୍ତରୀୟ ତଦନ୍ତ ହେଲେ କାହା ସହିତ କାହାର ସଲାସୁତରା ଅଛି ତାହା କର୍ତ୍ତୃପକ୍ଷ ଜାଣି ପାରନ୍ତେ ବୋଲି କୁହାଯାଇଛି।

CMYK

## 'ବନ୍ଦେ ମାତରମ୍'କୁ 'ଜନଗଣ ମନ' ସମାନ ଆଇନଗତ ସୁରକ୍ଷା

ନୂଆଦିଲ୍ଲୀ, ୧ ୧।୮ : ଜାତୀୟ ସଙ୍ଗୀତ 'ଜନଗଣ ମନ' ଭଳି ଜାତୀୟ ଗୀତ 'ବନ୍ଦେ ମାତରମ୍'କୁ ମଧ୍ୟ ସମାନ ଆଇନଗତ ସୁରକ୍ଷା ମିଳିଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଙ୍ଗଳବାର 'ପ୍ରିଭେନ୍ସନ୍ ଅଫ୍ ଇନସଲ୍ଟ ଟୁ ନ୍ୟାସନାଲ ଅନର୍ (ସଂଶୋଧନ) ବିଲ୍, ୨୦୨୬'କୁ ଅନୁମୋଦନ ଦେବା ପରେ ଏହା ଆଇନରେ ପରିଣତ ହୋଇଛି। ଏହା ଫଳରେ 'ବନ୍ଦେ ମାତରମ୍' ଗାନ ସମୟରେ ଜାଣିଶୁଣି ବାଧା ସୃଷ୍ଟି କରିବା କିମ୍ବା ଏହାର ଅପମାନ କରିବା ଏବେ ଦଣ୍ଡନୀୟ ଅପରାଧ ହୋଇଛି। ରାଷ୍ଟ୍ରପତି ଭବନ ପକ୍ଷରୁ ମଙ୍ଗଳବାର ଏହି ଅନୁମୋଦନ ଦିଆଯାଇଛି। ସଂସଦର ଉଭୟ ଗୃହରେ ବିଲ୍ ପାସ୍ ହେବା ପରେ ଏହା ରାଷ୍ଟ୍ରପତିଙ୍କ ଅନୁମୋଦନ ପାଇଁ ପଠାଯାଇଥିଲା। ରାଷ୍ଟ୍ରପତିଙ୍କ ଅନୁମୋଦନ ପରେ ଆଇନର ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଛି। ନୂଆ ଆଇନ ଅନୁସାରେ 'ବନ୍ଦେ ମାତରମ୍'କୁ ଅପମାନ କରିବା, ଏହାର ଗାନକୁ ଜାଣିଶୁଣି ବାଧା ଦେବା କିମ୍ବା ଏହା ଗାନ କରାଯାଉଥିବା ସମୟରେ ଅସମ୍ମାନଜନକ ଆଚରଣ କରିବା ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ହୋଇପାରିବ। ଏହି ବ୍ୟବସ୍ଥା ଜାତୀୟ ସଙ୍ଗୀତ ପ୍ରତି ଥିବା ଆଇନଗତ ସୁରକ୍ଷା ସହ ସମାନ ଭାବେ ଲାଗୁ ହେବ।

## ମୁନ୍ ବେସ୍ ପ୍ରୋଗ୍ରାମରେ ଯୋଗଦେବାକୁ ଇସ୍ରୋକୁ ନାସାର ଆମନ୍ତ୍ରଣ

ନୂଆଦିଲ୍ଲୀ, ୧ ୧।୮ : ଭାରତ ଏବଂ ଆମେରିକା ମଧ୍ୟରେ ମହାକାଶ ଗବେଷଣା ଓ ସହଯୋଗକୁ ଆହୁରି ସୁଦୃଢ଼ କରିବା ପାଇଁ ଏକ ବଡ଼ ପଦକ୍ଷେପ ସାମ୍ନାକୁ ଆସିଛି। ଆର୍ଟେମିସ୍ ଆକର୍ଡସ ଅଧୀନରେ ନିଜର 'ମୁନ୍ ବେସ୍ ପ୍ରୋଗ୍ରାମ'ରେ ଯୋଗଦେବା ପାଇଁ ଆମେରିକାର ମହାକାଶ ଗବେଷଣା ସଂସ୍ଥା 'ନାସା' ଭାରତୀୟ ମହାକାଶ ଗବେଷଣା ସଂସ୍ଥା 'ଇସ୍ରୋ'କୁ ଆମନ୍ତ୍ରଣ କରିଛି। ଆମେରିକା ଦୂତାବାସ ପକ୍ଷରୁ ମଙ୍ଗଳବାର ଏହି ସୂଚନା ଦିଆଯାଇଛି। ଏହାସହ ବେସାମରିକ ମହାକାଶ ଅଭିଯାନ ପାଇଁ ଖୋଲା ବୈଜ୍ଞାନିକ ତଥ୍ୟ ଆଦାନପ୍ରଦାନ ଉପରେ ଆଲୋଚନାକୁ ଆଗକୁ ନେବା ପାଇଁ ଉଭୟ ପକ୍ଷ ସମ୍ମତି ପ୍ରକାଶ କରିଛନ୍ତି। ଅଗଷ୍ଟ ୫ ଏବଂ ୬ ତାରିଖରେ ବାଙ୍ଗାଲୋରସ୍ଥିତ ଇସ୍ରୋ ମୁଖ୍ୟାଳୟରେ ଅନୁଷ୍ଠିତ ୯ମ ଭାରତ-ଆମେରିକା ବେସାମରିକ ମହାକାଶ ଯୁଗ୍ମ କାର୍ଯ୍ୟକାରୀ ଦଳ ବୈଠକରେ ଏହି ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲା। ଏହି ବୈଠକରେ ଉଭୟ ଦେଶ ବେସାମରିକ ଓ ବାଣିଜ୍ୟିକ ମହାକାଶ ସହଯୋଗ, ଭବିଷ୍ୟତର ବୈଜ୍ଞାନିକ ଅଭିଯାନ ଏବଂ ମାନବ ମହାକାଶ ଯାତ୍ରା ପ୍ରଯୁକ୍ତିବିଦ୍ୟା ଭାଗିଦାରୀ ଉପରେ ବିସ୍ତୃତ ଆଲୋଚନା କରିଛନ୍ତି।

## ପୁଣେ-ସତରା ରାଜପଥରେ ଦୁର୍ଘଟଣା: ୪ ମୃତ

ନୂଆଦିଲ୍ଲୀ, ୧ ୧।୮ : ସତରା ଜିଲ୍ଲାର ଶିରୱାଲ ନିକଟରେ ଆଜି ପୁଣେ-ସତରା ରାଜପଥରେ ଏକ ରୋଡ୍ ଡିଭାଇଡର୍ ଉପରକୁ ଏକ କାର୍ ନିୟନ୍ତ୍ରଣ ହରାଇ ମାଡ଼ିଯିବା ଫଳରେ ୪ ଜଣଙ୍କର ମୃତ୍ୟୁ ହୋଇଯାଇଛି। ପୁଲିସ ଅନୁଯାୟୀ ଆଜି ବଡ଼ି ଭୋର୍ ସମୟରେ ଶିରୱାଲର ହୋଟେଲ ଶିବାଳୟ ସାମ୍ନାରେ ଏହି ଦୁର୍ଘଟଣା ଘଟିଛି। କାରଟି ଏକ ରୋଡ୍ ଡିଭାଇଡରକୁ ମାଡ଼ିଯିବା ସହ ଏକ ଟ୍ରକକୁ ଧକ୍କା ଦେଇ ପଲଟି ଯାଇଥିଲା। ଫଳରେ କାରରେ ଥିବା ୪ ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଛି। ସମସ୍ତ ମୃତକଙ୍କୁ ଚିହ୍ନଟ କରାଯାଇଛି। ପୁଣେ ହାଇୱେ ସେଫଟି ପାଟ୍ରୋଲ ଏସପି ଶିବାଜୀ ପାୱାର କହିଛନ୍ତି, ପ୍ରାଥମିକ ସୂଚନା ଅନୁଯାୟୀ କାଟଟି ପୁଣେରୁ ସତରା ଅଭିମୁଖେ ଯାତ୍ରା କରୁଥିବାବେଳେ ଡ୍ରାଇଭର୍ ଗାଡ଼ି ଉପରୁ ନିୟନ୍ତ୍ରଣ ହରାଇ ଦେଇଥିଲେ। ଏହି ଘଟଣାରେ ମଧ୍ୟ ଅନ୍ୟ ୨ ଜଣ ଆହତ ହୋଇଛନ୍ତି। ସେମାନଙ୍କୁ ନିକଟସ୍ଥ ହସ୍ପିଟାଲରେ ଚିକିତ୍ସା କରାଯାଉଛି। ତେବେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା କିଭଳି ଅଛି ତାହା ସ୍ପଷ୍ଟ କରାଯାଇନି। ଖବର ପାଇ ସାରୋଲା ହାଇୱେ ପୁଲିସ ସହାୟତା କେନ୍ଦ୍ରର ପୁଲିସ କର୍ମୀ ଘଟଣାସ୍ଥଳରେ ପହଞ୍ଚି ତୁରନ୍ତ ଉଦ୍ଧାର ଅପରେସନରେ ସହଯୋଗ କରିଥିଲେ।

## ହିମାଚଳରେ ମୌସୁମୀ ବିପ୍ଳାତ: ୧୫୭ ମୃତ



ନୂଆଦିଲ୍ଲୀ, ୧ ୧।୮ : ଲଗାଣ ବର୍ଷା, ଭୂସ୍ଖଳନ ଓ ଆକସ୍ମିକ ବନ୍ୟାରେ ହିମାଚଳ ପ୍ରଦେଶର ସ୍ଥିତି ଦିନକୁ ଦିନ ଗମ୍ଭୀର ହେଉଛି । ଜୁନ୍ ୩୦ରୁ ଅଗଷ୍ଟ ୯ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷାଜନିତ ଘଟଣା ଓ ସଡ଼କ ଦୁର୍ଘଟଣାରେ ୧୫୭ ଜଣଙ୍କ ମୃତ୍ୟୁ ହୋଇଛି। ରାଜ୍ୟ ଜରୁରୀକାଳୀନ ଅପରେସନ୍ ସେଣ୍ଟରର ରିପୋର୍ଟ ଅନୁସାରେ, ଭୂସ୍ଖଳନ ଓ ଆକସ୍ମିକ ବନ୍ୟାରେ ୬୮ ଜଣ ପ୍ରାଣ ହରାଇଛନ୍ତି । ଏହାସହ ସଡ଼କ ଦୁର୍ଘଟଣାରେ ଆଉ ୮୯ ଜଣଙ୍କ ମୃତ୍ୟୁ ହୋଇଛି। ପ୍ରାୟ ୨୫୭ ଜଣ ନିଖୋଜ ଥିବା ମଧ୍ୟ ରିପୋର୍ଟରେ କୁହାଯାଇଛି ।ଭୂସ୍ଖଳନ ଯୋଗୁଁ ରାଜ୍ୟର ପ୍ରାୟ ୨୫୯ଟି ରାସ୍ତାରେ ଯାତାୟାତ ଠପ୍ ହୋଇଛି। ଏଥିରେ ଗୁରୁତ୍ୱପୂର୍ଣ୍ଣ ମଣ୍ଡି-କୁଲ୍ଲୁ ରାଜପଥ ମଧ୍ୟ ରହିଛି। ମଣ୍ଡିରେ ୧୨୦, ଚମ୍ବାରେ ୪୨, କୁଲ୍ଲୁରେ ୪୦ ଏବଂ ଶିମଲାରେ ୩୦ଟି ରାସ୍ତା ବନ୍ଦ ରହିଛି ।ଲଗାଣ ବର୍ଷାରେ ପ୍ରାୟ ୯୦୦ଟି ଘର, ସରକାରୀ ସମ୍ପତ୍ତି ଓ ଅନ୍ୟାନ୍ୟ ଭିତ୍ତିଭୂମି କ୍ଷତିଗ୍ରସ୍ତ ହୋଇଛି। ମୋଟ କ୍ଷୟକ୍ଷତି ପ୍ରାୟ ୮୮୬ କୋଟି ଟଙ୍କା ଆକଳନ କରାଯାଇଛି। ବିଦ୍ୟୁତ୍ ଯୋଗାଣ ମଧ୍ୟ ବାଧାପ୍ରାପ୍ତ ହୋଇଛି । ୧୬୧ଟି ଡିଷ୍ଟ୍ରିବ୍ୟୁସନ୍ ଟ୍ରାନ୍ସଫର୍ମର୍ ଅଚଳ ହୋଇଥିବା ବେଳେ ମଣ୍ଡିରେ ୭୭ଟି, ଶିମଲାରେ ୪୩ଟି ଓ କୁଲ୍ଲୁରେ ୪୦ଟି ଟ୍ରାନ୍ସଫର୍ମର୍ ପ୍ରଭାବିତ ହୋଇଛି ।

## ଶୁଭେନ୍ଦୁ ଅଧିକାରୀଙ୍କ ହେଲିକପ୍ଟରର ଜରୁରୀକାଳୀନ ଅବତରଣ

ନୂଆଦିଲ୍ଲୀ, ୧ ୧।୮ : ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ହେଲିକପ୍ଟର ଜରୁରୀକାଳୀନ ଅବତରଣ କରିଛି। ଖରାପ ପାଗ ଯୋଗୁଁ ହେଲିକପ୍ଟରଟି ପୂର୍ବ ମେଦିନୀପୁର ଜିଲ୍ଲାର କୋଲାଘାଟରେ ଅବତରଣ କରିଛି। ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ଦମ୍ ଦମ୍ରୁ କେଶପୁର ଅଭିମୁଖେ ଉଡ଼ାଣ କରୁଥିଲେ କିନ୍ତୁ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ପାଇଲଟ୍ ହେଲିକପ୍ଟରକୁ କୋଲାଘାଟର ଏକ ଖୋଲା ପଡ଼ିଆରେ ଅବତରଣ କରିଥିଲେ। ରିପୋର୍ଟ ଅନୁଯାୟୀ, ମୁଖ୍ୟମନ୍ତ୍ରୀ ସ୍ୱାଧୀନତା ସଂଗ୍ରାମୀ ଖୁଦୀରାମ ବୋଷଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ ପାଇଁ ଏକ ସମାରୋହରେ ଯୋଗଦେବା ପାଇଁ କେଶପୁର ଯାଉଥିଲେ। ଅବତରଣ କରିବା ପରେ, ସେ ପଶ୍ଚିମ ମିଦନାପୁର ଜିଲ୍ଲାର କେଶପୁରରେ ଥିବା କାର୍ଯ୍ୟକ୍ରମ ସ୍ଥାନକୁ ସଡ଼କ ପଥରେ ଯାଇଥିଲେ।



# ଏନଡିଏ ସାଂସଦମାନଙ୍କ ସହିତ ତ୍ରିରଙ୍ଗା ଉଡ଼ାଇଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୧ ୧।୮ : ସଂସଦ ପାଠାଗାରରେ ମଙ୍ଗଳବାର ଅନୁଷ୍ଠିତ ଏନଡିଏର 'ମଙ୍ଗଳ ମିଳନ' ବୈଠକରେ ମୌସୁମୀ ଅଧିବେଶନର ଶେଷ ତିନି ଦିନ ପାଇଁ ରଣନୀତି ଉପରେ ଆଲୋଚନା କରାଯାଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଅମିତ ଶାହଙ୍କ ସମେତ ଅନେକ ବରିଷ୍ଠ ଏନଡିଏ ନେତା ଉପସ୍ଥିତ ଥିଲେ। ବୈଠକ 'ବନ୍ଦେ ମାତରମ୍' ସ୍ଲୋଗାନ୍ ସହିତ ଆରମ୍ଭ ହୋଇଥିଲା। ପ୍ରଧାନମନ୍ତ୍ରୀ ବିଜେପି ସଭାପତି ନୀତିନ ନବୀନ ଏବଂ ଅନ୍ୟାନ୍ୟ ଏନଡିଏ ନେତାମାନେ ତ୍ରିରଙ୍ଗା ଉଡ଼ାଉଥିବାର ଦେଖାଯାଇଥିଲା। ଏନଡିଏ ସାଂସଦମାନେ ଝାଡ଼ଖଣ୍ଡରେ ଛାତ୍ର ପ୍ରତିବାଦକୁ ନେଇ ସଂସଦ ପରିସରରେ ପ୍ରତିବାଦ କରିଥିଲେ। 'ମଙ୍ଗଳ ମିଳନ' ବୈଠକ ମୂଳତଃ ଏନଡିଏ ସଂସଦୀୟ ଦଳର ଏକ ସାପ୍ତାହିକ ରଣନୀତି ବୈଠକ। ଏହାର ଉଦ୍ଦେଶ୍ୟ ହେଉଛି ଗଠନମୂଳକ ଆଲୋଚନାକୁ ପ୍ରୋତ୍ସାହିତ କରିବା ଏବଂ ମେଣ୍ଟ ଅଂଶୀଦାରମାନଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ବଜାୟ ରଖିବା। ସଂସଦ ଅଧିବେଶନ ସମୟରେ ଗୃହ ପାଇଁ ଦୈନନ୍ଦିନ ରଣନୀତି ପ୍ରସ୍ତୁତ କରିବା ଏବଂ ବିଭିନ୍ନ ଦଳ ମଧ୍ୟରେ ସହମତି ସୃଷ୍ଟି କରିବା।

### ୧୯ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

## କ୍ୟାନସରକୁ 'ସୂଚନୀୟ ରୋଗ' ଘୋଷଣା କର



ନୂଆଦିଲ୍ଲୀ, ୧ ୧।୮ : ଦେଶରେ କ୍ୟାନସର ରୋଗୀଙ୍କ ଚିହ୍ନଟ, ଚିକିତ୍ସା ଓ ତଥ୍ୟ ସଂଗ୍ରହରେ ସମାନତା ଆଣିବା ପାଇଁ କ୍ୟାନସରକୁ ସୂଚନୀୟ ବା 'ଅନିବାର୍ଯ୍ୟ ଭାବେ ରିପୋର୍ଟ କରିବାକୁ ପଡୁଥିବା ରୋଗ' ଭାବେ ଘୋଷଣା କରିବାକୁ ମଙ୍ଗଳବାର ସୁପ୍ରିମକୋର୍ଟ ଅବଶିଷ୍ଟ ୧୯ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ କହିଛନ୍ତି। ଏଥିସହ ଏହି ପ୍ରସଙ୍ଗରେ ଉପଯୁକ୍ତ ନିଷ୍ପତ୍ତି ନେଇ ଅନୁପାଳନ ସତ୍ୟପାଠ ଦାଖଲ କରିବାକୁ ମଧ୍ୟ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ୧୭ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଏହି ଆଦେଶ କାର୍ଯ୍ୟକାରୀ କରିସାରିଛନ୍ତି। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଲ୍ୟ ବାଗଚୀ ଓ ଭି. ମୋହନାଙ୍କ ଖଣ୍ଡପୀଠ ମଙ୍ଗଳବାର ଏହି ମାମଲାର ଶୁଣାଣି କରିଥିଲେ। କ୍ୟାନସରକୁ ସାରା ଦେଶରେ ଅନିବାର୍ଯ୍ୟ ଭାବେ ରିପୋର୍ଟ କରିବାକୁ ପଡୁଥିବା ରୋଗ ଘୋଷଣା କରିବା ଦାବିରେ ଦାଖଲ ଜନସ୍ୱାର୍ଥ ମାମଲାର ଶୁଣାଣି ସମୟରେ ଖଣ୍ଡପୀଠ କେନ୍ଦ୍ର ସରକାରଙ୍କ ମତ ଜାଣିଥିଲେ। କେନ୍ଦ୍ର ସରକାରଙ୍କ ପକ୍ଷରୁ ଅତିରିକ୍ତ ସଲିସିଟର ଜେନେରାଲ ଅନିଲ କୌଶିକ କୋର୍ଟଙ୍କୁ କହିଥିଲେ ଯେ ସ୍ୱାସ୍ଥ୍ୟ ରାଜ୍ୟ ତାଲିକାଭୁକ୍ତ ବିଷୟ। ତାଙ୍କ ଅନୁସାରେ, ଏପର୍ଯ୍ୟନ୍ତ ୩୬ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ମଧ୍ୟରୁ ୧୭ଟିରେ କ୍ୟାନରକୁ ଅନିବାର୍ଯ୍ୟ ଭାବେ ରିପୋର୍ଟ କରାଯିବାକୁ ଥିବା ରୋଗ ଭାବେ ଘୋଷଣା କରାଯାଇସାରିଛି। ଏହା ପରେ ପ୍ରଧାନ ବିଚାରପତି କେନ୍ଦ୍ରକୁ ପଚାରିଥିଲେ, ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ବାଧ୍ୟତାମୂଳକ ନିର୍ଦ୍ଦେଶାବଳୀ କାହିଁକି ଜାରି କରାଯାଇପାରିବ ନାହିଁ? ଦେଶରେ ଏଥିପାଇଁ ଏକ ସମାନ ନୀତି ରହିବା ଆବଶ୍ୟକ ବୋଲି ସେ କହିଥିଲେ। ଏହି ମାମଲା ଏମ୍ସ, ନୂଆଦିଲ୍ଲୀର ସର୍ଜିକାଲ ଡିସିପ୍ଲିନ୍ସ ବିଭାଗର ପୂର୍ବତନ ମୁଖ୍ୟ ଡାକ୍ତର ଅନୁରାଗ ଶ୍ରୀବାସ୍ତବଙ୍କ ଜନସ୍ୱାର୍ଥ ଆବେଦନରୁ ଆସିଛି। ତାଙ୍କ ପକ୍ଷରୁ ଆଇନଜୀବୀ ଗୌରବ କୁମାର ବଂଶଲ ଆବେଦନ ଦାଖଲ କରିଥିଲେ। ୧୨ ଡିସେମ୍ବର ୨୦୨୫ରେ ସୁପ୍ରିମକୋର୍ଟ ଏହି ମାମଲାରେ କେନ୍ଦ୍ର, ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଠାରୁ ଜବାବ ମାଗିଥିଲେ। ଆବେଦନରେ ଦେଶବ୍ୟାପୀ କ୍ୟାନସର ରୋଗୀଙ୍କ ଅନିବାର୍ଯ୍ୟ ରିପୋର୍ଟିଂ ସହ ଏକ କେନ୍ଦ୍ରୀକୃତ ଓ ତତ୍କ୍ଷଣାତ୍ ଅଦ୍ୟତନ ହେଉଥିବା ଡିଜିଟାଲ କ୍ୟାନସର ରେଜିଷ୍ଟ୍ରି ପ୍ରସ୍ତୁତ କରିବାକୁ ମଧ୍ୟ ଦାବି କରାଯାଇଛି। କ୍ୟାନସରକୁ ଅନିବାର୍ଯ୍ୟ ଭାବେ ରିପୋର୍ଟ କରିବା ବ୍ୟବସ୍ଥା ନ ଥିବାରୁ ରୋଗ ଓ ମୃତ୍ୟୁ ସମ୍ପର୍କିତ ତଥ୍ୟରେ ଅଭାବ ରହୁଛି ବୋଲି ସଂସଦୀୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସ୍ଥାୟୀ କମିଟି ମଧ୍ୟ ତାହାର ୧୩୯ତମ ରିପୋର୍ଟରେ କହିଥିଲା। କେତେକ କ୍ଷେତ୍ରରେ କ୍ୟାନସର ମୃତ୍ୟୁର ପ୍ରକୃତ କାରଣ ଲେଖା ନ ହୋଇ ହୃଦ୍-ଶ୍ୱାସକ୍ରିୟା ବନ୍ଦ ହେବା ଭଳି କାରଣ ଦର୍ଶାଯାଉଥିବାରୁ ତଥ୍ୟରେ ତ୍ରୁଟି ରହୁଛି ବୋଲି କମିଟି ଉଲ୍ଲେଖ କରିଥିଲା। ଏହି ସୁପାରିସକୁ ବିଚାର କରି ଅବଶିଷ୍ଟ ୧୯ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଉପଯୁକ୍ତ ନିଷ୍ପତ୍ତି ନେବାକୁ ସୁପ୍ରିମକୋର୍ଟ କହିଛନ୍ତି।

## ସୁଭାଷ ଚନ୍ଦ୍ର ବୋଷଙ୍କ ଝିଅ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ କେନ୍ଦ୍ର ସରକାରଙ୍କୁ ନୋଟିସ୍ ଜାରି

ନୂଆଦିଲ୍ଲୀ, ୧ ୧।୮ : ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଝିଅ ଅନିତା ବୋଷ ଫାଫ୍ ଜାପାନର ଟୋକିଓସ୍ଥିତ ରେଙ୍କୋଜି ମନ୍ଦିରରୁ ତାଙ୍କ ଚିତାଭସ୍ମ ଫେରାଇ ଆଣିବା ପାଇଁ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କେନ୍ଦ୍ର ସରକାର, ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଏବଂ ଗୃହ ମନ୍ତ୍ରଣାଳୟକୁ ନୋଟିସ୍ ଜାରି କରିଛନ୍ତି। ଶୁଣାଣି ସମୟରେ ବରିଷ୍ଠ ଆଇନଜୀବୀ ଏଏମ୍ ସିଂଘଭି କହିଛନ୍ତି ଯେ ଏହା ଏପରି ଏକ ମାମଲା ଯେଉଁଥିରେ ନେତାଜୀଙ୍କ ଝିଅ ବ୍ୟକ୍ତିଗତ ଭାବରେ କୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଜଷ୍ଟିସ୍ ଜୟମାଲ୍ୟ ବାଗଚୀ କହିଥିଲେ ଯେ କେନ୍ଦ୍ର ସରକାରଙ୍କୁ ପ୍ରଥମେ ଜବାବ ଦେବାକୁ ଅନୁମତି ଦିଆଯିବା ଉଚିତ୍। ଏହାପରେ ସିଜେଆଇ ନୋଟିସ୍ ଜାରି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପୂର୍ବରୁ, ମାର୍ଚ୍ଚ ୨୦୨୬ ରେ, ସୁପ୍ରିମକୋର୍ଟ ନେତାଜୀଙ୍କ ପୁତୁରାଙ୍କ ପୁଅ ଆଶିଷ ରାୟଙ୍କ ଦ୍ୱାରା ଦାୟର ଏକ ଜନହିତକର ଆବେଦନର ଶୁଣାଣି କରିବାକୁ ମନା କରିଦେଇଥିଲେ। ସେହି ସମୟରେ, ମୁଖ୍ୟ ବିଚାରପତିଙ୍କ ଖଣ୍ଡପୀଠ କହିଥିଲେ ଯେ ନେତାଜୀଙ୍କ ଝିଅ ଅନିତା ବୋଷ ଫାଫ୍ ବ୍ୟକ୍ତିଗତ ଭାବରେ ନିଜ ନାମରେ ଆବେଦନ ଦାଖଲ କରିବା ଉଚିତ୍, କାରଣ ସେ ତାଙ୍କର ଆଇନଗତ ଉତ୍ତରାଧିକାରୀ। ବର୍ତ୍ତମାନ, ଅନିତା ବୋଷ ଫାଫ୍ ସୁପ୍ରିମକୋର୍ଟରେ ଏକ ଆବେଦନ ଦାଖଲ କରିଛନ୍ତି, ଯେଉଁଥିରେ ଟୋକିଓର ରେଙ୍କୋଜି ମନ୍ଦିରରେ ରଖାଯାଇଥିବା ନେତାଜୀଙ୍କ ଚିତାଭସ୍ମକୁ ଭାରତକୁ ଫେରାଇ ଆଣିବା ପାଇଁ ଦାବି କରାଯାଇଛି। ନେତାଜୀଙ୍କ ଝିଅ ଦାବି କରୁଛନ୍ତି ଯେ ନେତାଜୀଙ୍କ ଅସ୍ଥି, ଯାହା ଜାପାନର ଟୋକିଓର ରେଙ୍କୋଜି ମନ୍ଦିରରେ ରଖାଯାଇଥିବା କୁହାଯାଉଛି, ତାହାକୁ ଭାରତ ଅଣାଯାଉ। ସେ କହିଛନ୍ତି ଯେ ନେତାଜୀଙ୍କୁ ଭାରତ ମାଟିରେ ଶେଷ ସମ୍ମାନ ଦିଆଯିବା ଉଚିତ୍। ସେ ବର୍ଷ ବର୍ଷ ଧରି ଏହି ଦାବି ପାଇଁ କାମ କରିଆସୁଛନ୍ତି।

## ମାରିଦେଇଥା'ନ୍ତା ଇରାନ! ଭୟରେ ଟ୍ରକରେ ଲୁଚି ଯାତ୍ରା କରିଥିଲେ ଟ୍ରମ୍ପ



ୱାଶିଂଟନ, ୧ ୧।୮ : ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଗତ ମାସରେ ନାଟୋ ଶିଖର ସମ୍ମିଳନୀ ପରେ ଗୁପ୍ତ ଭାବରେ ସାମରିକ ବିମାନ ଯୋଗେ ତୁର୍କୀରୁ ବାହାର କରାଯାଇଥିଲା। ଇରାନରୁ ଏକ ଗମ୍ଭୀର ବିପଦ ବିଷୟରେ ବିଶ୍ୱସନୀୟ ସୂଚନା ପାଇବା ପରେ ଆମେରିକୀୟ ଗୁପ୍ତ ସେବା ଏହି ସ୍ୱତନ୍ତ୍ର ସୁରକ୍ଷା ଅଭିଯାନ ଆରମ୍ଭ କରିଥିଲା। ୱାଶିଂଟନ ପୋଷ୍ଟ ଏବଂ ନ୍ୟୁୟର୍କ ଟାଇମ୍ସ ଏହି ଗୁପ୍ତ ଅଭିଯାନ ବିଷୟରେ ରିପୋର୍ଟ କରିଥିଲେ। ଏହି ସ୍ୱତନ୍ତ୍ର ଅଭିଯାନରେ, ଟ୍ରମ୍ପ ପ୍ରଥମେ ସର୍ବସାଧାରଣରେ ଏୟାର ଫୋର୍ସ ୱାନରେ ଚଢ଼ିଥିଲେ, ଟ୍ରମ୍ପଙ୍କୁ ବିମାନ ତଳେ ପାର୍କ ହୋଇଥିବା ଏକ କ୍ୟାଟରିଂ ଯାନକୁ (ଟ୍ରକ)ନିଆଯାଇଥିଲା। ତା'ପରେ ତାଙ୍କୁ କାର ଦ୍ୱାରା ତୃତୀୟ ବିମାନକୁ ସ୍ଥାନାନ୍ତର କରାଯାଇଥିଲା।ଏୟାର ଫୋର୍ସ ୱାନରେ ଯାତ୍ରା କରୁଥିବା ସାମ୍ବାଦିକମାନେ ବିଶ୍ୱାସ କରୁଥିଲେ ଯେ ସେମାନେ ରାଷ୍ଟ୍ରପତିଙ୍କ ସହିତ ଯାତ୍ରା କରୁଛନ୍ତି। ଟ୍ରମ୍ପ ଜୁଲାଇ ଆରମ୍ଭରେ ନାଟୋ ଶିଖର ସମ୍ମିଳନୀ ପାଇଁ ଅଙ୍କାରାରେ ପହଞ୍ଚିଥିଲେ। ସେ ଏହି ଯାତ୍ରା ପାଇଁ କାତାର ଦ୍ୱାରା ଯୋଗାଇ ଦିଆଯାଇଥିବା ଏକ ନୂତନ, ଆଧୁନିକ ବୋଇଂ ବିମାନ ବ୍ୟବହାର କରିଥିଲେ, ଯାହା ରାଷ୍ଟ୍ରପତି ଭାବରେ ତାଙ୍କର ପ୍ରଥମ ଅନ୍ତର୍ଜାତୀୟ ଯାତ୍ରା ଥିଲା।

## ଅଜିତ୍ ଡୋଭାଲଙ୍କୁ ଭେଟିଲେ ଆମେରିକୀୟ ରାଷ୍ଟ୍ରଦୂତ ସର୍ଗିଓ ଗୋର



ନୂଆଦିଲ୍ଲୀ, ୧ ୧।୮ : ଭାରତରେ ଅବସ୍ଥାପିତ ଆମେରିକାର ରାଷ୍ଟ୍ରଦୂତ ସର୍ଗିଓ ଗୋର୍ ଏବଂ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲଙ୍କ ଭିତରେ ଆଜି ଏକ ବୈଠକ ହୋଇଛି । ଏହି ସମୟରେ ଆମେରିକା ଏବଂ ଭାରତ ମଧ୍ୟରେ ରଣନୈତିକ ସହଭାଗୀତା ବିଷୟରେ ଆଲୋଚନା କରିଛନ୍ତି ଉଭୟ ପ୍ରତିପକ୍ଷ। ଆମେରିକୀୟ ଅଧିକାରୀ ଏହି ବୈଠକକୁ ଫଳପ୍ରଦ ବୋଲି ବର୍ଣ୍ଣନା କରିଛନ୍ତି। ଟ୍ୱିଟରରେ ପୋଷ୍ଟ କରି, ସେ ବିଶ୍ୱ ସୁରକ୍ଷା ଚ୍ୟାଲେଞ୍ଜର ମୁକାବିଲା ପାଇଁ ଏକ ଘନିଷ୍ଠ ଦ୍ୱିପାକ୍ଷିକ ସହଭାଗୀତାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଛନ୍ତି। ସେ କହିଛନ୍ତି ଯେ, ଦୁଇ ଦେଶ ଅନେକ ସାଧାରଣ ଲକ୍ଷ୍ୟ ଭାଗ କରନ୍ତି। ସେ ଉଲ୍ଲେଖ କରିଛନ୍ତି ଯେ, ୱାଶିଂଟନ ଏବଂ ନୂଆଦିଲ୍ଲୀ ମଧ୍ୟରେ ସହଯୋଗ ନିରନ୍ତର ବୃଦ୍ଧି ପାଉଛି। ଆମେରିକାର ରାଷ୍ଟ୍ରଦୂତ ଟ୍ୱିଟରରେ ଟ୍ୱିଟ୍ କରିଛନ୍ତି ଯେ, ଆମେରିକା-ଭାରତ ରଣନୈତିକ ସହଭାଗୀତାକୁ ଆହୁରି ମଜବୁତ କରିବା ବିଷୟରେ ଆଲୋଚନା କରିବା ପାଇଁ ତାଙ୍କର ଏନଏସଏ ଅଜିତ ଡୋଭାଲଙ୍କ ସହ ଏକ ଫଳପ୍ରଦ ବୈଠକ ହୋଇଛି।

## ଲୋକସଭାରେ ହଟ୍ଟଗୋଳ ମଧ୍ୟରେ ୨ ବିଲ୍ ବିନା ଆଲୋଚନାରେ ପାସ୍

ନୂଆଦିଲ୍ଲୀ, ୧ ୧।୮ : ସଂସଦର ମୌସୁମୀ ଅଧିବେଶନରେ ବିରୋଧୀଙ୍କ ହଟ୍ଟଗୋଳ ମଧ୍ୟରେ ମଙ୍ଗଳବାର ଲୋକସଭା ଆଉ ଦୁଇଟି ବିଲ୍ ବିନା ଆଲୋଚନାରେ ପାସ୍ କରିଛି। ଗୃହମନ୍ତ୍ରୀ ଅମିତ ଶାହଙ୍କୁ ଛାତ୍ର ଆନ୍ଦୋଳନ ପ୍ରସଙ୍ଗରେ ସଂସଦରେ ଉପସ୍ଥିତ ହୋଇ ବିବୃତି ଦେବାକୁ ଦାବି କରି ବିରୋଧୀ ସାଂସଦମାନେ ପ୍ଲାକାର୍ଡ ଦେଖାଇବା ସହ ନାରାବାଜି କରିଥିଲେ। ଏହା ମଧ୍ୟରେ କେରଳର ନାମ 'କେରଳମ୍' କରିବା ପାଇଁ କେରଳ (ନାମ ପରିବର୍ତ୍ତନ) ବିଲ୍, ୨୦୨୬ ଏବଂ ନ୍ୟାସନାଲ କୋ-ଅପରେଟିଭ୍ ଡେଭେଲପମେଣ୍ଟ କର୍ପୋରେସନ୍ (ସଂଶୋଧନ) ବିଲ୍, ୨୦୨୬ ପାସ୍ ହୋଇଛି। ମଙ୍ଗଳବାର ସକାଳ ୧୧ଟାରେ ଲୋକସଭା ବସିବାର କିଛି ସମୟ ପରେ ହିଁ ହଟ୍ଟଗୋଳ ଆରମ୍ଭ ହୋଇଥିଲା ଏବଂ ଗୃହକୁ କିଛି ସମୟ ପାଇଁ ମୁଲତବୀ କରାଯାଇଥିଲା। ପରେ ଅପରାହ୍ନ ୨ଟାରେ ଗୃହ ପୁଣି ବସିବା ବେଳେ ଅଯୋଧ୍ୟା ରାମମନ୍ଦିର ଦାନ ଅର୍ଥ ଚୋରି ଅଭିଯୋଗକୁ ନେଇ ମଧ୍ୟ ବିରୋଧୀ ସାଂସଦମାନେ ନାରାବାଜି କରିଥିଲେ।

### ଚୀନକୁ ଭାରତର କଡ଼ା ଜବାବ

# ଅରୁଣାଚଳ ଆମର ଅବିଚ୍ଛେଦ୍ୟ ଅଙ୍ଗ, ଅଛି ଓ ରହିବ



ନୂଆଦିଲ୍ଲୀ, ୧ ୧।୮ : ପୂର୍ବୋତ୍ତର ରାଜ୍ୟ ଅରୁଣାଚଳ ପ୍ରଦେଶରେ ୨୭ଟି ସ୍ଥାନ ଓ ବିଶେଷ ଭୌଗୋଳିକ କ୍ଷେତ୍ରକୁ ,ଭାରତର ସରକାରୀ ମାନଚିତ୍ରରେ ସେଗୁଡ଼ିକର ମାନକ ନାମରେ ଚିହ୍ନଟ କରିବାକୁ ନେଇ, ଭାରତର ପଦକ୍ଷେପରେ ଚୀନ କ୍ରୋଧିତ ହୋଇଛି। ଆଉ ଭାରତରେ ଏହି କାର୍ଯ୍ୟରେ ପ୍ରତିକ୍ରିୟାଶୀଳ ହେଉଛି। ସୋମବାର ଚୀନ ଏହା ଉପରେ ସ୍ୱର ଉଠାଇଛି। ଅନ୍ୟପଟେ ନୂଆଦିଲ୍ଲୀ ତାର କଥାକୁ ପୂରା ଖଣ୍ଡନ କରିଛି ଏବଂ ସ୍ପଷ୍ଟ ଭାବେ ଶୁଣାଇ ଦେଇଛି ଯେ, ଅରୁଣାଚଳ ପ୍ରଦେଶ ଆମର ଅଛି ଆଉ ଆମର ହୋଇ ରହିବ। ବୈଦେଶିକ ମନ୍ତ୍ରଣାଳୟ ମଙ୍ଗଳବାର ପୁଣି କହିଛି ଯେ, ଅରୁଣାଚଳ ପ୍ରଦେଶ ଭାରତର ଏକ ଅବିଚ୍ଛେଦ୍ୟ ଅଙ୍ଗ ଏବଂ ଏହି ସତ୍ୟକୁ କେହି ବଦଳାଇ ପାରିବେ ନାହିଁ। ଚୀନର ଅଭିଯୋଗ ନେଇ ପଚରା ଯାଇଥିବା ପ୍ରଶ୍ନର ଉତ୍ତରରେ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି, ଅରୁଣାଚଳ ଭାରତର ଏକ ଅବିଚ୍ଛେଦ୍ୟ ଓ ଅଭିନ୍ନ ଅଙ୍ଗ। ଏହା ଏକ ଏମିତି ସତ୍ୟ, ଯାହା ନିଜେ ହିଁ ସ୍ପଷ୍ଟ ଓ ଏହାକୁ କେହି ବଦଳାଇ ପାରିବେ ନାହିଁ। ପ୍ରକୃତ କଥା ହେଲା , ଚୀନ ଦ୍ୱାରା ଅରୁଣାଚଳ ପ୍ରଦେଶରେ କିଛି ସ୍ଥାନର ନାମ ବାରମ୍ବାର ବଦଳା ଯିବା ପରେ ଭାରତ ଗତ ସପ୍ତାହରେ ରାଜ୍ୟର ୨୭ଟି ସ୍ଥାନ ଏବଂ ପ୍ରମୁଖ କ୍ଷେତ୍ର ଗୁଡ଼ିକୁ ଭାରତର ଅଫିସିଆଲ୍ ମାନଚିତ୍ରରେ ସେଗୁଡ଼ିକର ମାନକ ନାମ ସହିତ ଆନୁଷ୍ଠାନିକ ଭାବେ ନାମିତ କରି ଥିଲା। ସେତେବେଳେ ଏକ ଅଫିସିଆଲ୍ ବିବୃତ୍ତିରେ କୁହାଯାଇ ଥିଲା ଯେ, ସର୍ଭେ ଅଫ୍ ଇଣ୍ଡିଆ ମାନଚିତ୍ରରେ ଅରୁଣାଚଳ ପ୍ରଦେଶର ଏହି ସ୍ଥାନଗୁଡ଼ିକୁ ଆନୁଷ୍ଠାନିକ ଭାବେ ଚିହ୍ନଟ କରିବାର ଉଦ୍ଦେଶ୍ୟ ହେଉଛି , ସାଧାରଣ ଜନତାଙ୍କ ମଧ୍ୟରେ ସେଗୁଡ଼ିକର ସଠିକ୍ ସୂଚନାକୁ ସହଜ କରିବା। ଭାରତର ସରକାରୀ ମାନଚିତ୍ରରେ ଆନୁଷ୍ଠାନିକ ଭାବରେ ଚିହ୍ନଟ ହୋଇ ଥିବା ୨୭ଟି ସ୍ଥାନ ମଧ୍ୟରେ 'ଲାଇନ୍ ଅଫ୍ ଆକ୍ଚୁଆଲ୍ କଣ୍ଟ୍ରୋଲ୍' ନିକଟରେ ଥିବା 'ଲୋଙ୍ଗ୍ ଜୁ' ମଧ୍ୟ ଅନ୍ତର୍ଭୁକ୍ତ। ଏହା ୧୯୫୯ ମସିହାରେ ଯେତେବେଳେ ଚୀନ୍ ସେନା ଏହି ଅଞ୍ଚଳରେ ପ୍ରବେଶ କରି ଥିଲା, ସେତେବେଳେ ଏହା ଭାରତ ଏବଂ ଚୀନ୍ ମଧ୍ୟରେ ପ୍ରାରମ୍ଭିକ ମୁହାଁମୁହିଁର ପ୍ରମୁଖ କେନ୍ଦ୍ରଗୁଡ଼ିକ ମଧ୍ୟରୁ ଗୋଟିଏ ଥିଲା।

# ଜମି ଠକେଇ ଅଭିଯୋଗ, ବିଲ୍ଡର ଗିରଫ

ଭୁବନେଶ୍ୱର(ନି.ପ୍ର): ଜମି ଯୋଗାଇବା ନାଁରେ ଲକ୍ଷଲକ୍ଷ ଟଙ୍କା ଠକି ନେବା ଅଭିଯୋଗରେ ଭରତପୁର ଥାନା ପୁଲିସ ଜଣେ ବିଲଡରକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ଶ୍ରୀକାନ୍ତ ରଞ୍ଜନ ବଡୁ। ସେ 'ସିଟିକନ୍ ଇଞ୍ଜିନିୟର୍ସ ପ୍ରାଇଭେଟ୍ ଲିମିଟେଡ୍' ର ମାଲିକ ବୋଲି ଜଣାପଡିଛି। ପୁଲିସ ତାଙ୍କ ବିରୋଧରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ସୁବ୍ରତ ସ୍ୱାଇଁ ଗତ ୨୪.୦୩.୨୦୦୯ରେ 'ସିଟିକନ୍ ଇଞ୍ଜିନିୟର୍ସ ପ୍ରାଇଭେଟ୍ ଲିମିଟେଡ୍' ଠାରୁ ୧,୪୪,୦୦୦ ଟଙ୍କା ଦେଇ ଖୋର୍ଦ୍ଧା ଜିଲ୍ଲା ଜଟଣୀ ତହସିଲ ଅନ୍ତର୍ଗତ ନରସିଂହପୁର ମୌଜାରେ ୨୪୦୦ ବର୍ଗଫୁଟ ଜମି କିଣିଥିଲେ ଏବଂ ନିଜ ନାମରେ ନାମଜାରି ମଧ୍ୟ କରିଥିଲେ। କିନ୍ତୁ ଗତ ୧୭ ବର୍ଷ ଧରି ବାରମ୍ବାର ଅନୁରୋଧ ସତ୍ୱେ ତାଙ୍କୁ ଜମିର ଦଖଲ ଦିଆଯାଇନଥିଲା। ପରେ ସେ ଜାଣିବାକୁ ପାଇଥିଲେ ଯେ କମ୍ପାନୀର ମାଲିକ ଶ୍ରୀକାନ୍ତ କୁମାର ବଡୁ ଅସାଧୁ ଉପାୟରେ ତାଙ୍କ ଠାରୁ ଟଙ୍କା ନେଇ ଜମିର ଦଖଲ ଦେବାର କୌଣସି ଉଦ୍ଦେଶ୍ୟ ରଖିନଥିଲେ। ଏନେଇ ସେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଥାନାରେ ଅଭିଯୋଗ କରିଥିଲେ। ଏହି ମାମଲାର ତଦନ୍ତ ବେଳେ ଜଣାପଡିଛି ଯେ, ସିଟିକନ୍ ଇଞ୍ଜିନିୟର୍ସ ଓଡ଼ିଶା ପ୍ରାଇଭେଟ୍ ଲିମିଟେଡ୍ ଓ ସିଟି କନସଲ୍ଟାନ୍ସି ଆଣ୍ଡ୍ ଇଞ୍ଜିନିୟର୍ସ ପ୍ରାଇଭେଟ୍ ଲିମିଟେଡ୍ 'ବଡୁ ବ୍ରଦର୍ସ' ନାମରେ ପରିଚିତ ଥିଲା ଏବଂ ଅନ୍ତର୍ଯ୍ୟାମୀ ବଡୁ ଓ ଶ୍ରୀକାନ୍ତ ରଞ୍ଜନ ବଡୁ ଏହାର ପରିଚାଳନା କରୁଥିଲେ। ଜମି କାରବାରରେ ସେମାନଙ୍କ ପକ୍ଷରୁ ରମାବଲ୍ଲଭ ପରିଡ଼ା ଗ୍ରାହକଙ୍କ ସହ ଯୋଗାଯୋଗ କରି ଟଙ୍କା ଗ୍ରହଣ କରୁଥିଲେ ଏବଂ କମ୍ପାନୀ ନାମରେ ରସିଦ ଦେଉଥିଲେ। ଗତ ୨୮.୦୩.୨୦୦୮ରେ ରମାବଲ୍ଲଭ ପରିଡ଼ା ଅଭିଯୋଗକାରୀ ସୁବ୍ରତ ସ୍ୱାଇଁଙ୍କ ଠାରୁ ନରସିଂହପୁର ମୌଜାରେ ଥିବା ୨,୪୦୦ ବର୍ଗଫୁଟ ଜମି ବାବଦକୁ ୧,୪୪,୦୦୦ ଟଙ୍କା ଗ୍ରହଣ କରି କମ୍ପାନୀ ନାମରେ ରସିଦ ପ୍ରଦାନ କରିଥିଲେ। ପରେ ଗତ ୨୪.୦୩.୨୦୦୯ ରେ ଉକ୍ତ ଜମି ସମ୍ପର୍କରେ ଅଭିଯୋଗକାରୀଙ୍କ ସପକ୍ଷରେ ବିକ୍ରୟ ଦଲିଲ କରାଯାଇଥିଲା। ଏହାପରେ ଅଭିଯୋଗକାରୀ ଜମିଟିକୁ ନିଜ ନାମରେ ରେକର୍ଡ କରିବା ପାଇଁ ସମ୍ପୃକ୍ତ ତହସିଲ କାର୍ଯ୍ୟାଳୟରେ ନାମଜାରି ମାମଲା ଦାୟର କରିଥିଲେ। ବିକ୍ରୟ ଦଲିଲ୍ ଓ ନାମଜାରି ପ୍ରକ୍ରିୟା ସମ୍ପନ୍ନ ହେବା ପରେ ଜମିର ପଟ୍ଟା ଅଭିଯୋଗକାରୀଙ୍କ ନାମରେ ହୋଇଥିଲେ ମଧ୍ୟ, ତାଙ୍କୁ ଜମିର ପ୍ରକୃତ ଦଖଲ ହସ୍ତାନ୍ତର କରାଯାଇନଥିଲା। ପ୍ରାୟ ୧୭ ବର୍ଷ ଧରି ସେ ଅନ୍ତର୍ଯ୍ୟାମୀ ବଡୁ, ଶ୍ରୀକାନ୍ତ ରଞ୍ଜନ ବଡୁ ଓ ରମାବଲ୍ଲଭ ପରିଡ଼ାଙ୍କୁ ଦଖଲ ଦେବାକୁ ବାରମ୍ବାର ଅନୁରୋଧ କରିଥିଲେ, କିନ୍ତୁ କୌଣସି ସୁଫଳ ପାଇନଥିଲେ। ଏଥିରୁ ଅଭିଯୋଗକାରୀଙ୍କ ସନ୍ଦେହ ହୋଇଥିଲା ଯେ, ଅଭିଯୁକ୍ତମାନେ ଜମିର ଦଖଲ ଦେବାର ପ୍ରକୃତ ଉଦ୍ଦେଶ୍ୟ ନରଖି ଅସାଧୁ ଓ ପ୍ରତାରଣାମୂଳକ ଭାବେ ତାଙ୍କଠାରୁ ଅର୍ଥ ଗ୍ରହଣ କରିଥିଲେ। ମାମଲାର ଅଧିକ ତଦନ୍ତ ବେଳେ, ଅଭିଯୁକ୍ତ ଶ୍ରୀକାନ୍ତ ରଞ୍ଜନ ବଡୁଙ୍କୁ ପୁଲିସ ଆଜି ତାଙ୍କ ଘରୁ ଗିରଫ କରିଥିବା ବେଳେ, ସେ ଏହି ମାମଲାରେ ନିଜର ସମ୍ପୃକ୍ତି ସ୍ୱୀକାର କରିଥିଲେ। ଅଭିଯୁକ୍ତ ଶ୍ରୀକାନ୍ତ ରଞ୍ଜନ ବଡୁଙ୍କ ନାମରେ ଖଣ୍ଡଗିରି ଥାନାରେ ମଧ୍ୟ ଏକ ଠକେଇ ଜନିତ ମାମଲା ରହିଥିବା ପୁଲିସ ଜାଣିବାକୁ ପାଇଛି।

## ଚିଟ୍‌ଫଣ୍ଡ ଠକେଇ ମାମଲା

# କୋଟିଏ ଟଙ୍କା ସହ ୬ ଦାମୀ କାର୍ ଜବତ କଲା ଇଡି

ଭୁବନେଶ୍ୱର(ନି.ପ୍ର): ଚିଟଫଣ୍ଡ ଠକେଇ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ୱେଲଫେୟାର ବିଲଡିଂ ଆଣ୍ଡ ଇଷ୍ଟେଟସ ପ୍ରାଇଭେଟ ଲିମିଟେଡ ଜରିଆରେ ୨୦୦୦ କୋଟିରୁ ଊର୍ଦ୍ଧ୍ୱ ଚିଟଫଣ୍ଡ ଠକେଇ ଘଟଣାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ଭୁବନେଶ୍ୱର ଜୋନାଲ ଅଫିସ ପକ୍ଷରୁ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ୱେଲଫେୟାର ବିଲଡିଂ ଆଣ୍ଡ ଇଷ୍ଟେଟସ ପ୍ରାଇଭେଟ ଲିମିଟେଡ କମ୍ପାନୀ ଲିଙ୍କରେ ୬ଟି ଦାମୀ କାର୍ ସମେତ ବହୁ ସମ୍ପତ୍ତି ଆଟାଚ କରାଯାଇଛି। ଏନେଇ ଇଡି ପକ୍ଷରୁ ପ୍ରେସ ରିଲିଜ ଜରିଆରେ ସୂଚନା ଦିଆଯାଇଛି। ପ୍ରିଭେନ୍ସନ ଅଫ ମନି ଲଣ୍ଡରିଙ୍ଗ ଆକ୍ଟ ୨୦୦୨ ଧାରା ୧୭ ଅନୁଯାୟୀ ଗତ ୫ ତାରିଖରେ ୱେଲଫେୟାର ବିଲଡିଂ ଆଣ୍ଡ ଇଷ୍ଟେଟସ ପ୍ରାଇଭେଟ ଲିମିଟେଡ କମ୍ପାନୀ ଏବଂ ସଂସ୍ଥାର ନିର୍ଦ୍ଦେଶକ ତଥା ପୂର୍ବତନ ବିଧାୟକ ମଲ୍ଲ ବିଜୟ ପ୍ରସାଦ ଓ ବରାହ ରାମକୃଷ୍ଣ ସତ୍ୟ ଶ୍ରୀନିବାସ ରାଓଙ୍କ ସହ ସଂଶ୍ଳିଷ୍ଟ ବିଭିନ୍ନ ବ୍ୟାବସାୟିକ ପ୍ରତିଷ୍ଠାନରେ ଚଢଉ ହୋଇଥିଲା। ବିଶାଖାପାଟଣା ଓ ହାଇଦ୍ରାବାଦରେ ୫ଟି ଆବାସିକ ଓ ବ୍ୟାବସାୟିକ ପ୍ରତିଷ୍ଠାନରେ ଏହି ଚଢ଼ଉ ହୋଇଥିଲା। ଏହି ସମୟରେ ନଗଦ ୧କୋଟି ୧ଲକ୍ଷ ଟଙ୍କା ସମେତ ବିଭିନ୍ନ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ସମ୍ପର୍କିତ କାଗଜପତ୍ର, ଡିଜିଟାଲ ଡିଭାଇସ୍ ଓ ଅନ୍ୟାନ୍ୟ କାଗଜପତ୍ର ଜବତ ହୋଇଛି। ଏହା ସହିତ କମ୍ପାନୀ ଓ ଏହାର ନିର୍ଦ୍ଦେଶକମାନଙ୍କ ସହ ସମ୍ପୃକ୍ତ ୧୮୨ଟି ବ୍ୟାଙ୍କ ଆକାଉଣ୍ଟକୁ ମଧ୍ୟ ଫ୍ରିଜ କରାଯାଇଛି। ଏଥିସହ ଇଡି ୬ଟି ଦାମୀ କାର୍ ମଧ୍ୟ ଆଟାଚ୍ କରାଯାଇଛି। ଇଡି ପକ୍ଷରୁ ଜାରି ପ୍ରେସ ରିଲିଜରେ ଦିଆଯାଇଥିବା ସୂଚନା ଅନୁଯାୟୀ, ଉଇରଚଖ ଓ ଏହାର ନିର୍ଦ୍ଦେଶକମାନଙ୍କ ବିରୋଧରେ ଚିଟ୍‌ଫଣ୍ଡ ଠକେଇ ନେଇ ଓଡ଼ିଶା କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା ଓ ସିବିଆଇ, ଧାନବାଦର ଏସିବି ଏବଂ ଓଡ଼ିଶା ପୋଲିସରେ ରୁଜୁ ହୋଇଥିବା ଏକାଧିକ ମାମଲା ଏବଂ ଚାର୍ଜସିଟ୍ ଆଧାରରେ ତଦନ୍ତ ଆରମ୍ଭ କରାଯାଇଥିଲା। ଇଡିର ପ୍ରାଥମିକ ତଦନ୍ତ ଅନୁଯାୟୀ, ରିଅଲ୍ ଇଷ୍ଟେଟ୍ ବ୍ୟବସାୟ ଆଳରେ କମ୍ପାନୀ ପକ୍ଷରୁ ବିଭିନ୍ନ ଯୋଜନା ମାଧ୍ୟମରେ ୨ ହଜାର କୋଟିରୁ ଅଧିକ ଟଙ୍କା ଜମାରାଶି ସଂଗ୍ରହ କରାଯାଇଥିଲା। ନୂଆ ନିବେଶକଙ୍କ ଠାରୁ ଆସୁଥିବା ଟଙ୍କାରେ ପୁରୁଣା ନିବେଶକଙ୍କୁ ଟଙ୍କା ଫେରସ୍ତ କରାଯାଉଥିଲା। ଏହାସହିତ ନିବେଶକଙ୍କ ଟଙ୍କାକୁ ଅନ୍ୟ କାର୍ଯ୍ୟ ଓ ବ୍ୟକ୍ତିଗତ ଲାଭରେ ବ୍ୟବହାର କରାଯାଇଥିଲା। ଯାଞ୍ଚ ବେଳେ କମ୍ପାନିର ଆର୍ଥିକ କାରବାର ବିବରଣୀରେ ବଡ଼ଧରଣର ହେରଫେର ଓ ଜମି କାରବାରରେ ଅନିୟମିତତା କରାଯାଇଥିବା ପ୍ରମାଣ ମିଳିଛି। ଓଡ଼ିଶା ସମେତ ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ ଓ ଆନ୍ଧ୍ରପ୍ରଦେଶରେ ହଜାର ହଜାର ନିବେଶକ ଏହି ଯୋଜନାରେ ଟଙ୍କା ଲଗାଇଥିବା ଇଡି କହିଛି। ବିଶାଖାପାଟଣାରେ ଜମି ଦେବା ପ୍ରତିଶ୍ରୁତି ଦେଇ ବିଭିନ୍ନ ଯୋଜନା ଜରିଆରେ ଟଙ୍କା ସଂଗ୍ରହ କରାଯାଇଥିଲା। ହେଲେ ନିବେଶକଙ୍କୁ ଠକିବା ପରେ ବିଭିନ୍ନ ରାଜ୍ୟରେ ଥିବା କମ୍ପାନୀର ବ୍ରାଞ୍ଚ ଅଫିସଗୁଡ଼ିକୁ ବନ୍ଦ କରି ଦିଆଯାଇଥିଲା। ଏହି ମାମଲାରେ ଅଧିକ ତଦନ୍ତ କରାଯାଉଥିବା ଇଡି ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ଏହି ମାମଲାରେ ବିଶାଖାପାଟଣାର ପୂର୍ବତନ ବିଧାୟକ ବିଜୟ ପ୍ରସାଦଙ୍କୁ ପୂର୍ବରୁ ଓଡ଼ିଶା ଋଙଡ ୨୦୨୧ରେ ଗିରଫ କରିଥିଲା। ପରେ ହାଇକୋର୍ଟ ତାଙ୍କୁ ସର୍ତ୍ତମୂଳକ ଜାମିନ ଦେଇଥିଲେ।

# ଖଣ୍ଡାରେ ଆକ୍ରମଣ କରି ଲୁଟ୍: ୨ ଧରାପଡ଼ିଲେ

ଭୁବନେଶ୍ୱର(ନି.ପ୍ର): ରାସ୍ତାରେ ଯାଉଥିବା ପଥଚାରୀଙ୍କୁ ଖଣ୍ଡାରେ ହାଣି ଲହୁଲୁହାଣ କରି ଲୁଟପାଟ କରୁଥିବା ଅଭିଯୋଗରେ ଭରତପୁର ଥାନା ପୁଲିସ ଦୁଇ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ଅସୀମ ଦାଶ ଓ ଅନିଲ ଓରଫ ବିଶ୍ୱଜିତ ନାୟକ। ପୁଲିସ ଏମାନଙ୍କ ବିରୋଧରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ମୁକେଶ ପଲେଇ ଘାଟିକିଆ ଅନ୍ତର୍ଗତ ଖଣ୍ଡଗିରିବାରୀ ଅଞ୍ଚଳରେ ରୁହନ୍ତି। ଗତକାଲି ବିଳମ୍ବିତ ରାତିରେ ସେ ତାଙ୍କର ଅନ୍ୟ ଦୁଇ ସାଙ୍ଗ ସୁବାଶିଷ ଦେ ଓ ସୁନୀଲ ରାଉତଙ୍କ ସହ ସମ-ହସ୍ପିଟାଲ ନିକଟସ୍ଥ ସୋଆ କ୍ୟାମ୍ପସ୍-୨ ନିକଟରେ ଛିଡା ହୋଇଥିଲେ। ସେହି ସମୟରେ ଫଗୁ ରଣା ଓରଫ ପ୍ରଭୁ ରଣା, ସୁମନ ପାତ୍ର, ଅନିଲ ନାୟକ ଓ ଅସୀମ ଦାଶ ଏକ ଥାର୍ ଗାଡ଼ିରେ ସେଠାରେ ବୁଲାବୁଲି କରୁଥିଲେ। ରାସ୍ତାରେ ଯାଉଥିବା ଲୋକଙ୍କୁ ଲୁଟ୍ କରିବା ଉଦ୍ଦେଶ୍ୟରେ ସେମାନେ ପାଖରେ ଖଣ୍ଡା, ଛୁରୀ ଭଳି ଧାରୁଆ ଅସ୍ତ୍ର ରଖିଥିବା ସନ୍ଦେହ ହୋଇଥିଲା। ଉଭୟ ପକ୍ଷ ମୁହାଁମୁହିଁ ହେବା ପରେ ଅଭିଯୁକ୍ତମାନେ ଗାଡ଼ିରୁ ଓହ୍ଲାଇ ଧାରୁଆ ଅସ୍ତ୍ର ଦେଖାଇ ଅଭିଯୋଗକାରୀ ଏବଂ ତାଙ୍କ ଦୁଇ ସାଙ୍ଗଙ୍କୁ ସୁନା ଚେନ୍ ଓ ୫,୦୦୦ ଟଙ୍କା ଦେବାକୁ ଧମକ ଦେଇଥିଲେ। ପରେ ସେମାନେ ପାଖରେ ରଖିଥିବା ଅସ୍ତ୍ର ସାହାଯ୍ୟରେ ଆକ୍ରମଣ କରିଥିଲେ। କୋଳାହଳ ଶୁଣି ସ୍ଥାନୀୟ ଲୋକମାନେ ଘଟଣାସ୍ଥଳକୁ ଆସିଯିବାରୁ ଅଭିଯୁକ୍ତମାନେ ସେଠାରୁ ଫେରାର ହୋଇ ଯାଇଥିଲେ। ଏନେଇ ଅଭିଯୋଗକାରୀ ଥାନାରେ ଅଭିଯୋଗ କରି ଆବଶ୍ୟକ ଆଇନଗତ ପଦକ୍ଷେପ ପାଇଁ ଅନୁରୋଧ କରିଥିଲେ। ମାମଲାର ଅଧିକ ତଦନ୍ତ ବେଳେ, ପୁଲିସ ଏକ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା କ୍ରମେ ଭରତପୁର ଶିବ ମନ୍ଦିର ଗଳିରେ ଚଢଉ କରିବା ସହ ଅଭିଯୁକ୍ତ ଅସୀମ ଦାଶ ଓ ଅନିଲ ଓରଫ ବିଶ୍ୱଜିତ ନାୟକଙ୍କୁ ଗିରଫ କରିଥିବା ବେଳେ, ଉଭୟ ଏହି ମାମଲାରେ ନିଜର ସମ୍ପୃକ୍ତି ସ୍ୱୀକାର କରିଥିଲେ। ଦୁଇ ଅଭିଯୁକ୍ତଙ୍କ ମଧ୍ୟରୁ ଅଭିଯୁକ୍ତ ଅନିଲ ଓରଫ ବିଶ୍ୱଜିତ ନାୟକ ଜଣେ ଅଭ୍ୟାସଗତ ଅପରାଧୀ ହୋଇଥିବା ବେଳେ, ତାଙ୍କ ନାମରେ ଭରତପୁର ଥାନାରେ ମୋଟ ୬ଗୋଟି ଭିନ୍ନ ଅପରାଧିକ ମାମଲା ରହିଥିବା ପୁଲିସ ଜାଣିବାକୁ ପାଇଛି।

# ୩୦ଲିଟର ଦେଶୀ ମଦ ଜବତ: ଜଣେ ଗିରଫ

ସାଲେପୁର(ନିପ୍ର): ସାଲେପୁର ପୁଲିସ ପକ୍ଷରୁ ବୋଦାମୁଣ୍ଡାଇ ବଜାର ନିକଟରେ ୩୦ଲିଟର ଚୋରା ଦେଶୀ ମଦ ଜବତ କରିବା ସହିତ ଜଣେ ଚୋରା ମଦ ବେପାରୀକୁ ଗିରଫ କରିଛି । ସାଲେପୁର ପୁଲିସ ମଙ୍ଗଳବାର ସକାଳ ୧୦ଟା ସମୟରେ ପାଟ୍ରୋଲିଂ କରୁଥିବା ସମୟରେ ବୋଦାମୁଣ୍ଡାଇ ବଜାର ନିକଟରେ ପ୍ରାୟ ୩୦ଲିଟର ଦେଶୀ ଚୋରି ମଦ ଗ୍ରାମାଞ୍ଚଳକୁ ଯୋଗାଣ ପାଇଁ ଯାଉଥିବା ସମୟରେ ସାଲେପୁରର ଲୁଣାହାର ଗ୍ରାମରେ ଘର ଭଡା ନେଇ ରହୁଥିବା କଲିକତା ଅଂଚଳର ରାହୁଲ ଗୁପ୍ତାଠାରୁ ଜବତ କରିଥିଲେ । ପୁଲିସ ରାହୁଲ ଗୁପ୍ତାକୁ କୋର୍ଟ ଚାଲାଣ କରିଛି ବୋଲି ସାଲେପୁର ଥାନା ଅଧିକାରୀ ମହେଶ୍ୱର ବେହେରା ପ୍ରକାଶ କରିଛନ୍ତି।

---

## ଆନ୍ତଃଜିଲ୍ଲା ବାଇକ୍ ଚୋରି ରାକେଟର ପର୍ଦ୍ଦାଫାସ

# ୪ ବାଇକ୍ ସହ ଚାରି ଜଣଙ୍କୁ ଗିରଫ କଲା ପୋଲିସ

ବାଲେଶ୍ୱର: ଆନ୍ତଃଜିଲ୍ଲା ବାଇକ୍ ଚୋରି ଓ ବେଆଇନ୍ ମଦ କାରବାର ରାକେଟର ପର୍ଦ୍ଦାଫାଶ କରିଛି ସହଦେବଖୁଣ୍ଟା ଥାନା ପୋଲିସ। ଏହା ସହ ରାକେଟର ୪ ଜଣଙ୍କୁ ପୋଲିସ ଗିରଫ କରିଛି। ସେମାନଙ୍କ ନିକଟରୁ ୪ଟି ଚୋରା ବାଇକ୍ ଓ ୨ଟି ମୋବାଇଲ୍ ଜବତ ହୋଇଛି। ଏହି ରାକେଟ ବାଲେଶ୍ୱର ସମେତ ପଡ଼ୋଶୀ ଭଦ୍ରକ ଓ ମୟୂରଭଞ୍ଜରେ ସକ୍ରିୟ ଥିଲା। ସୂଚନା ଅନୁସାରେ, ମଙ୍ଗଳବାର ଭୋର ପ୍ରାୟ ୫ଟା ସମୟରେ ହରିପୁର ଛକ ନିକଟରେ ଯାଞ୍ଚ ବେଳେ ପୋଲିସ ପ୍ରଥମେ ନମ୍ବର ପ୍ଲେଟ୍ ନଥିବା ବାଇକ୍ ସହ ବୁବୁ ଓରଫ୍ ବିଶ୍ୱଜିତ୍ ଜେନାକୁ ଅଟକାଇଥିଲା। ତାକୁ ପଚରାଉଚରା କରିବା ପରେ ତା' ଘରୁ ଏବଂ ଅନ୍ୟ ସ୍ଥାନରୁ ଅନ୍ୟ ୩ଟି ଚୋରା ବାଇକ୍ ଉଦ୍ଧାର କରାଯାଇଥିଲା। ଗିରଫ ଅଭିଯୁକ୍ତମାନେ ହେଲେ ସଦର ଥାନା ଧୂସୁଳି ଗାଁର ଶିବସୁନ୍ଦର ଜେନାଙ୍କ ପୁଅ ବୁବୁ ଓରଫ୍ ବିଶ୍ୱଜିତ୍ ଜେନା (୨୫), ଟାଉନ୍ ଥାନା ମାନସିଂହ ବାଜାରର ଜତିନ୍ ଭଣ୍ଡାରୀଙ୍କ ପୁଅ ବାବୁ ଓରଫ୍ ବିଶ୍ୱଜିତ୍ ଭଣ୍ଡାରୀ (୨୬), ସଦର ଥାନା ଗୋପୀନାଥପୁର ଗାଁର ରବୀନ୍ଦ୍ର ଦାସଙ୍କ ପୁଅ ଜଗା ଓରଫ୍ ଜଗନ୍ନାଥ ଦାସ (୨୯) ଏବଂ ବସ୍ତା ଥାନା ମାଛଡ଼ିହା ଗାଁର କାହ୍ନୁ ଚରଣ ଜେନାଙ୍କ ପୁଅ ମକର ଚରଣ ଜେନା (୨୫)। ପୋଲିସ ରେକର୍ଡ ଅନୁସାରେ, ଗିରଫ ଅଭିଯୁକ୍ତମାନଙ୍କ ନାମରେ ପୂର୍ବରୁ ବେଆଇନ୍ ମଦ କାରବାର ସହ ଏକାଧିକ ସଙ୍ଗୀନ ଅପରାଧିକ ମାମଲା ରହିଛି। ସହଦେବଖୁଣ୍ଟା ଥାନାରେ କେସ୍ ନଂ-୩୪୯/୨୦୨୬ ଅଧୀନରେ ମାମଲା ରୁଜୁ କରି ପୋଲିସ ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

---

## ଘରେ ପଶି ବାପା ଝିଅଙ୍କୁ ଅସଦାଚରଣ

# ଖୁଣ୍ଟରେ ଯୁବକକୁ ବାନ୍ଧିଲେ ଗ୍ରାମବାସୀ

କାମାକ୍ଷାନଗର : ଘରେ ପଶି ବାପା ଝିଅଙ୍କୁ ଅସଦାଚରଣ। ଢେଙ୍କାନାଳ ଜିଲ୍ଲା ଭୁବନ ଥାନା ଅନ୍ତର୍ଗତ ଓଡିଶ ଗ୍ରାମର ହ୍ୟୁମାନରାଇଟ୍ସର ସଦସ୍ୟା ପୁଷ୍ପାଞ୍ଜଳି ରଣାଙ୍କ ଘରେ ଯୁବକଙ୍କ ଉନ୍ମତ୍ତକାଣ୍ଡ। ସ୍ୱାମୀ ଦୁର୍ଯ୍ୟୋଧନ ରଣା ଓ ଝିଅକୁ ଅସଦାଚରଣ କରିବା ସହ ଘରର ଝରକା, ଚେୟାର ଏବଂ ଅନ୍ୟାନ୍ୟ ଆସବାବ ପତ୍ରକୁ ଭଙ୍ଗାରୁଜା କରିଛି ଯୁବକ ଜଣଙ୍କ। ଯୁବକ ଜଣଙ୍କ ହେଲେ ସେହି ଗ୍ରାମର ଯଦୁ ସେନାପତି । ଏହା ପରେ ପୁଷ୍ପାଞ୍ଜଳିଙ୍କ ଘର ପାଖରେ ଥିବା ଗୋଲେଖି ରଣାଙ୍କ ଘରକୁ ଯାଇ ତାଙ୍କ ସ୍ତ୍ରୀ ଓ ମାନସିକ ଅନଗ୍ରସର ଭଉଣୀଙ୍କୁ ମାଡ ମାରିବା ସହିତ ଘରର ମହିଳାଙ୍କୁ ମଧ୍ୟ ଟଣାଓଟରା କରିଥିଲା ଯୁବକ । ଯୁବକର ଏଭଳି କାଣ୍ଡକୁ ଦେଖି ଗ୍ରାମବାସୀ ତାକୁ ଖୁଣ୍ଟରେ ବାନ୍ଧି ଦେଇଥିଲେ । ପୁଷ୍ପାଞ୍ଜଳି ରଣା ଏନେଇ ପୋଲିସକୁ ଖବର ଦେବା ପରେ ଘଟଣା ସ୍ଥଳରେ ପୋଲିସ ପହଞ୍ଚି ସଂପୃକ୍ତ ଯୁବକ ଥାନାକୁ ନେଇ ଅଟକ ରଖିଛି । ତେବେ କେଉଁ କାରଣରୁ ଯୁବକ ଜଣକ ଏଭଳି କାଣ୍ଡ ଘଟାଇଥିଲା। ବର୍ତ୍ତମାନ ସୁଦ୍ଧା ଜଣାପଡିନଥିବା ବେଳେ, ଏନେଇ ଭୁବନ ଥାନାରେ ପୁଷ୍ପାଞ୍ଜଳି ପରିବାର ପକ୍ଷରୁ ଲିଖିତ ଅଭିଯୋଗ କରିଛନ୍ତି ।

# ଭୁଲ୍ ଇଞ୍ଜେକ୍ସନ ପାଇଁ ଛାତ୍ରୀଙ୍କ ମୃତ୍ୟୁ ଅଭିଯୋଗ

## ସ୍ୱାସ୍ଥ୍ୟକେନ୍ଦ୍ରରେ ଚାପା ଉତ୍ତେଜନା



ଭାପୁର(ନିପ୍ର): ନୟାଗଡ଼ ଜିଲ୍ଲା ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କୌଣସି ନା କୌଣସି ଘଟଣାକୁ ନେଇ ସବୁବେଳେ ଚର୍ଚ୍ଚାରେ ରହି ଆସୁଥିବା ବେଳେ ମଙ୍ଗଳବାର ଡାକ୍ତରଙ୍କ ଭୁଲ ଇଞ୍ଜେକ୍ସନ ଦେବା ଯୋଗୁଁ ଜଣେ ଛାତ୍ରୀଙ୍କ ଜୀବନ ଚାଲିଯାଇଥିବା ଅଭିଯୋଗ ହୋଇଛି। ଘଟଣାରୁ ପ୍ରକାଶ, ଭାପୁର ବ୍ଲକ ଗୋଳାପୋଖରୀ ଗ୍ରାମର ଗୋପାଳ ବେହେରାଙ୍କ ଝିଅ ସନ୍ତୋଷିନୀ ବେହେରା ଯିଏ କି ପଠାଣି ସାମନ୍ତ ମହାବିଦ୍ୟାଳୟ, ବାଇଗୁଣିଆର ଯୁକ୍ତ ୩ ପ୍ରଥମ ବର୍ଷର ଛାତ୍ରୀଙ୍କୁ ଗତ ରବିବାର ଜ୍ୱର ହୋଇଥିଲା। ପରିବାର ପକ୍ଷରୁ ତାଙ୍କୁ ନିଜ ଗ୍ରାମର ଔଷଧ ଦୋକାନରୁ ଔଷଧ ଦେଇଥିଲେ ମଧ୍ୟ ଜ୍ୱର ନ କମିବାରୁ ମଙ୍ଗଳବାର ସକାଳୁ ଚିକିତ୍ସା ନିମନ୍ତେ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଚିକିତ୍ସା କରୁଥିବା ଡାକ୍ତର ରୋଗୀଙ୍କ କୌଣସି ପରୀକ୍ଷା ନିରୀକ୍ଷା ନକରି ଏକ ସାଲାଇନ ସହିତ ଇଞ୍ଜେକ୍ସନ ଦେବାର କିଛି ମୁହୂର୍ତ୍ତପରେ ଅବସ୍ଥା ବିଗିଡି ଯାଇଥିଲା ଏବଂ ୫ ମିନିଟ ମଧ୍ୟରେ ଜୀବନ ଚାଲିଯାଇଥିଲା। ଛାତ୍ରୀଙ୍କ ମୃତ୍ୟୁ ହୋଇଥିବା ଖବର ଶୁଣି ତାଙ୍କ ଗ୍ରାମରୁ ଶତାଧିକ ଗ୍ରାମବାସୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ହୋହାଲ୍ଲା କରିବା ସହିତ ଭାପୁର - ଖଣ୍ଡପଡା ରାସ୍ତାକୁ ଅବରୋଧ କରିଥିଲେ। ଅବସ୍ଥା ନିୟନ୍ତ୍ରଣ ପାଇଁ ଫତେଗଡ଼ ଥାନାରୁ ପୋଲିସ ଘଟଣାସ୍ଥଳକୁ ଆସି ଗ୍ରାମବାସୀଙ୍କୁ ବୁଝାସୁଝା କରି ଅପରାହ୍ନରେ ରାସ୍ତାରୋକ ହଟିଥିଲା । ଏହି ଚାପା ଉତ୍ତେଜନା ମଧ୍ୟରେ ଚିକିତ୍ସା କରିଥିବା ଡାକ୍ତର ଫେରାର ହୋଇଯାଇଥିଲେ। ଯାହାକୁ ନେଇ ତୀବ୍ର ବିରୋଧର ମୁହାଁମୁହିଁ ହୋଇଥିଲେ ସ୍ୱାସ୍ଥ୍ୟକେନ୍ଦ୍ରର କର୍ତ୍ତୃପକ୍ଷ ମୁଖ୍ୟ ଡାକ୍ତରଙ୍କ ସହିତ ଗ୍ରାମବାସୀ। ଏହାର ନିରିପକ୍ଷ ତଦନ୍ତ ସହିତ ଯେଉଁ ଡାକ୍ତର ଚିକିତ୍ସା କରିଥିଲେ ତାଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଏବଂ କ୍ଷତି ପୂରଣ ପାଇଁ ଗ୍ରାମବାସୀ ଦାବି କରିଥିଲେ। ଏ ସମ୍ପର୍କରେ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସକ ଡଃ ବିଶ୍ୱନାଥ ସାହୁ କହିଛନ୍ତି, ଆମ ଦୃଷ୍ଟିକୋଣରୁ ଚିକିତ୍ସାରେ କୌଣସି ଭୁଲ୍ ନାହିଁ, ଠିକ ଔଷଧ ଦିଆଯାଇଥିଲା କିନ୍ତୁ, ପୋଷ୍ଟମର୍ଟମ ରିପୋର୍ଟ ଆସିବା ପରେ ମୃତ୍ୟୁର ସଠିକ କାରଣ ଜଣାପଡିବ।

# ଲଜ୍‌ରୁ ଚୋରି: ଜଣେ ଗିରଫ

କଟକ: ଜଗତପୁର ସ୍ଥିତ ସେଭେନ ଇଲେଭେନ ଇଣ୍ଡିଆ ହୋଟେଲରୁ ଚୋରି କରିବା ଅଭିଯୋଗରେ ଜଗତପୁର ଥାନା ପୋଲିସ ଜଣେ ଯୁବକକୁ ଗିରଫ କରିବା ସହ ତା' ନିକଟରୁ ଚୋରି ମେସନେରି ଜବତ କରିଛି । ଗିରଫ ଅଭିଯୁକ୍ତ ସ୍ଥାନୀୟ ଖରଦା ସାହିର ବିକ୍ରମ ପ୍ରସାଦ ତରାଇ (୩୪) । ପୋଲିସ ପ୍ରଦତ୍ତ ସୂଚନା ଅନୁଯାୟୀ ଗତ ୫ ତାରିଖ ରାତିରେ ହୋଟେଲ ପଛ ଗେଟ ଭାଙ୍ଗି କେହି ଜଣେ ହୋଟେଲରୁ ଡ୍ରିଲ ମେସିନ, କଟର ମେସିନ, ହାମର ଆଦି ଚୋରି କରି ନେଇଥିଲା । ଏନେଇ ଗତ ୧୦ ତାରିଖରେ ପୋଦ୍ଦାରର ସୁକାନ୍ତ କୁମାର ସ୍ୱାଇଁ ଅଭିଯୋଗ କରିଥିଲେ । ତଦନୁଯାୟୀ ଏକ ମାମଲା ରୁଜୁ କରାଯାଇଥିଲା । ତଦନ୍ତ ସମୟରେ ପୋଲିସ ନିକଟରେ ଥିବା ସିସିଟିଭି ଫୁଟେଜ ସଂଗ୍ରହ କରି ବିକ୍ରମକୁ ଚିହ୍ନଟ କରିଥିଲା । ତା'ପରେ ପୋଲିସ ବିକ୍ରମକୁ ଗିରଫ କରି ତା' ନିକଟରୁ ଚୋରି ସାମଗ୍ରୀ ଜବତ କରିଛି । ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି ।

## ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ବିଳମ୍ବିତ ରାତିରେ

# ଘରକୁ ପେଟ୍ରୋଲ ବୋମା ମାଡ଼, ପୋଲିସର ତଦନ୍ତ ଜାରି

ପିପିଲି(ନିପ୍ର): ସୋମବାର ବିଳମ୍ବିତ ରାତ୍ରୀରେ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ବଳଙ୍ଗା ଥାନା ଅନ୍ତର୍ଗତ ଭୁତପଦା ଗ୍ରାମର ରଘୁନାଥ ମଲ୍ଲିକଙ୍କ ଘରକୁ ପେଟ୍ରୋଲ ବୋମା ମାଡ଼ ହୋଇଛି। ଏହି ଘଟଣାରେ ପରିବାରର କାହାରି କିଛି କ୍ଷତି ହୋଇନଥିଲା ବେଳେ ଘରେ ଥିବା କିଛି ଆସବାବ ପତ୍ର ନଷ୍ଟ ହୋଇଛି। ଏନେଇ ରଘୁନାଥଙ୍କ ପକ୍ଷରୁ ବଳଙ୍ଗା ଥାନାରେ ଗ୍ରାମର ୫ଜଣ ଯୁବକଙ୍କ ନାମରେ ଲିଖିତ ଅଭିଯୋଗ କରଯାଇଛି। ଅଭିଯୋଗ ଆଧାରରେ ବଳଙ୍ଗା ଥାନା ଆଇଆଇସି ସସ୍ମିତା ସାହୁ ସାଇଣ୍ଟିଫିକ ଟିମ ସହ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ଘଟଣା ସ୍ଥଳରୁ ୨ଟି ପେଟ୍ରୋଲ ଭର୍ତ୍ତି ବୋତଲକୁ ଜବତ କରି ଘଟଣା ସ୍ଥଳରେ ପଡ଼ିଥିବା ଭଙ୍ଗା ବୋତଲ କାଚକୁ ସଂଗ୍ରହ କରିଛନ୍ତି। ସୂଚନା ମୁତାବକ ଗତ ୩ଦିନ ତଳେ ରାତିରେ ଗ୍ରାମର କିଛି ଯୁବକ ରଘୁନାଥଙ୍କ ଘର ଆଗରେ ମଦ୍ୟପାନ କରି ହୋହାଲା କରୁଥିଲେ । ରଘୁନାଥଙ୍କ ପୁଅ ସେମାନଙ୍କୁ ଏଠାରେ ଏଭଳି ନ ହେବାକୁ ବାରଣ କରିବାରୁ ଯୁବକମାନେ ରଘୁନାଥଙ୍କ ପାରିବାରକୁ ଦେଖି ନେବେ ବୋଲି ଧମକ ଦେଇଥିଲେ। ଗତକାଲି ରାତିରେ ରଘୁନାଥଙ୍କ ପରିବାର ଖାଇପିଇ ଶୋଇଥିଲା ବେଳେ ରାତି ପ୍ରାୟ ଗୋଟାଏ ସମୟରେ ଘର ଭିତରେ ବଡ ଜୋରରେ ଶବ୍ଦ ହୋଇଥିଲା। ପରିବାର ଲୋକେ ବାହରକୁ ଆସିବାରେ ଘର ଆଗରେ ଓ ଘର ଭିତରେ ଭଙ୍ଗା ବୋତଲ ପଡିଥିବା ବେଳେ ଠାଏ ଠାଏ ଜଳୁଥିଲା ଓ ଘଟଣା ସ୍ଥଳରୁ ୨ଟି ପେଟ୍ରୋଲ ଭର୍ତ୍ତି ବୋତଲ ପଡ଼ିଥିବା ଦେଖିଥିଲେ।



# ଶ୍ରମିକ ବୋଝେଇ ପିକ୍‌ଅପ ଦୁର୍ଘଟଣା: ଜଣେ ମୃତ, ୮ ଗୁରୁତର

ବାଲେଶ୍ୱର(ନିପ୍ର): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଥାନା ୫୭ ନମ୍ବର ରାଜ୍ୟ ରାଜପଥର ନାମ୍ପୋ ତାଳବଣିଆ ଠାରେ ଶ୍ରମିକ ବୋଝେଇ ପିକଅପ ଓଲଟି ଜଣେ ମହିଳା ଶ୍ରମିକଙ୍କର ମୃତ୍ୟୁ ହୋଇଥିବା ବେଳେ ୮ରୁ ଅଧିକ ଗୁରୁତର ଆହତ ହୋଇଛନ୍ତି। ସମସ୍ତ ଆହତଙ୍କୁ ପ୍ରଥମେ ଜଳେଶ୍ୱର ଜିକେ ଭଟ୍ଟର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତେବେ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସମସ୍ତ ଶ୍ରମିକ ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ଥାନା ଅଞ୍ଚଳର ବୋଲି ଜଣାପଡିଛି। ମୃତ ମହିଳା ଶ୍ରମିକ ମଞ୍ଜୁ ଦେହୁରୀ ବୋଲି ଜଣାପଡିଛି। ସମସ୍ତ ଶ୍ରମିକ ଭୋଗରାଇ ଅଞ୍ଚଳକୁ ତଳିରୁଆ କାମ କରିବାକୁ ଆସିଥିଲେ। କାମ ସାରି ପ୍ରାୟ ଅପରାହ୍ନ ୪ଟା ସମୟରେ ଘର ଅଭିମୁଖେ ଫେରୁଥିବା ବେଳେ ଭାରସାମ୍ୟ ହରାଇ ଗାଡିଟି ରାସ୍ତା ଉପରେ ଓଲଟି ପଡିଥିଲା। ଖବରପାଇ ନାମ୍ପୋ ଫାଣ୍ଡି ପୋଲିସ ଘଟଣା ସ୍ଥଳରେ ପହଂଚି ଲୋକଙ୍କ ସହାୟତାରେ ଆହତଙ୍କୁ ହସ୍ପିଟାଲ ପଠାଇ ଘଟଣାର ତଦନ୍ତ ଜାରୀ ରଖିଛି। ତେବେ ପ୍ରଶାସନର ବାରମ୍ବାର ତାଗିଦ ସତ୍ୱେ ବେଆଇନ ଭାବେ ପିକଅପରେ ଶ୍ରମିକଙ୍କୁ ନେବା ଆଣିବା କରୁଥିବାରୁ ବାରମ୍ବାର ଏପରି ଦୁର୍ଘଟଣା ଘଟୁଛି ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।



# ଚିଲିକାରେ ଜଳଦସ୍ୟୁ: ଆକ୍ରମଣରେ ଜଣେ ମୃତ, ଜଣେ ଆହତ



କୃଷ୍ଣପ୍ରସାଦ(ନିପ୍ର): ପୁରୀଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ରାମଲଙ୍କା ଗ୍ରାମ ପଞ୍ଚାୟତ କୁମାରପୁର ଚିଲିକାରେ ମାଛ ଧରିବା ବେଳେ ଘଟିଛି ଅଘଟଣ। କୁମାରପୁର ଗ୍ରାମର ଚିନ୍ମୟ ବେହେରା, ଅମର ବେହେରା ଏବଂ ସାଥିରେ ଯାଇଥିବା ଗଞ୍ଜାମ ଜିଲ୍ଲା କଳା ଯମୁନା ଗାଁର ଓମ ଶିକାରୀ କୁମାରପୁର ଗ୍ରାମ ନିକଟ ଶ୍ୟାମାକାଳୀ ବାହାର ଚିଲିକାରୁ ମାଛ ଧରୁଥିଲେ। ସୋମବାର ସଂଧ୍ୟା ୭ଟା ସମୟରେ ହଠାତ ୨ଟି ଡଙ୍ଗାରେ ୨୦ରୁ ଉର୍ଦ୍ଧ୍ୱ ଲୋକ ମାରଣାସ୍ତ୍ର ସହ ଆସି ଧମକାଇଥିଲେ। ସେମାନଙ୍କ ଠାରୁ ମାଛ ନେଇଯିବା ସହ ଆକ୍ରମଣ କରିଥିଲେ। ଏକ ଭୁଜାଲିରେ ଅମର ବେହେରାଙ୍କ ମୁଣ୍ଡକୁ ହାଣି ଦେଇଥିଲେ। ଚିନ୍ମୟ ବେହେରା କୌଶଳରେ ଖସି ଚାଲି ଆସିଥିବା ବେଳେ ଓମ ଶିକାରୀ ନାମକ ଜଣେ ନାବାଳକକୁ ଏକ କାତ ବାଉଁଶରେ ମାଡ଼ ମାରିଥିବା ଆହତ କରିଛନ୍ତି। ସେହି ସମୟରୁ ଓମ ଚିଲିକାରେ ନିଖୋଜ ଥିଲେ। ୧୫ ଘଣ୍ଟା ପରେ ନିଖୋଜ ଓମର ଶବ ଚିଲିକାରେ ଭାସୁଥିବା ଜଣାପଡ଼ିଛି। ଏନେଇ କୃଷ୍ଣପ୍ରସାଦ ଥାନାରେ ଏତଲା ଦିଆଯିବା ପରେ ପୋଲିସର ତନାଘନା ଆରମ୍ଭ ହୋଇଛି। ପୁରୀ ସଦର ଏସଡିପିଓ ମାନସ ଚନ୍ଦ୍ର ବାରିକ, କୃଷ୍ଣପ୍ରସାଦ ଥାନା ଆରକ୍ଷୀ ନିରୀକ୍ଷକ ବିଚିତ୍ରାନନ୍ଦ ପ୍ରଧାନ ସଦଳବଳେ ଆସି ମାଲୁଦ ଅଗ୍ନିଶମ ବାହିନୀ ଚିଲିକାରୁ ଭାସୁଥିବା ଶବକୁ ଉଦ୍ଧାର କରିଥିଲେ। ଉକ୍ତ କାର୍ଯ୍ୟ ଖୋର୍ଦ୍ଧା ଜିଲ୍ଲା ଚନ୍ଦ୍ରାପୁଟ ଗ୍ରାମର ମତ୍ସ୍ୟଜୀବୀ ଘଟାଇଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏହିଭଳି ଘଟଣା ପ୍ରତିବର୍ଷ ଚିଲିକାରେ ସେମାନେ ଘଟାଉଥିବା ଗ୍ରାମବାସୀ କହିଛନ୍ତି। ଭାସୁଥିବା ମୃତ ଓମ ଶିକାରୀକୁ ଉଦ୍ଧାର କରି ପୋଲିସ ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। କୃଷ୍ଣପ୍ରସାଦ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି। ଚିଲିକାରେ ମାଛ ଧାରାକୁ ନେଇ ଏହିଭଳି ବର୍ଷ ତମାମ ସଂଘର୍ଷ ଘଟୁଥିବା ବେଳେ ଜଳଦସ୍ୟୁ କବଳରୁ ମତ୍ସ୍ୟଜୀବୀଙ୍କ ସୁରକ୍ଷା ପାଇଁ ସ୍ପିଡ଼ ବୋଟର ବ୍ୟବସ୍ଥା କରି ପାଟ୍ରୋଲିଂ କରାଯିବାକୁ ଦାବି ହେଉଛି।

# ସାଇବର ଠକେଇରେ ବ୍ୟବହୃତ ମ୍ୟୁଲ୍ ଆକାଉଣ୍ଟ ମାମଲାରେ ଅଭିଯୁକ୍ତକୁ ଜେଲ ଓ ଜରିମାନା

କଟକ(ନିପ୍ର): ସାଇବର ଠକେଇରେ ବ୍ୟବହୃତ ମ୍ୟୁଲ୍ ଆକାଉଣ୍ଟ ମାମଲାରେ ସମ୍ବଲପୁର ଜିଲ୍ଲାର ମାନ୍ୟବର ଜେଏମଏଫସି ଅଦାଲତ ଅଭିଯୁକ୍ତ ଗୌରୀ ଶଙ୍କର ଦାଶ (୩୨)ଙ୍କୁ ଦୋଷୀ ସାବ୍ୟସ୍ତ କରି ୨ବର୍ଷ ସଶ୍ରମ କାରାଦଣ୍ଡ ଓ ୨୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ହେଲେ, ପ୍ରତ୍ୟେକ ଜରିମାନା ବାବଦରେ ଅତିରିକ୍ତ ୨ ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡ଼ିବ। ଉଲ୍ଲେଖଯୋଗ୍ୟ ଯେ, ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ନିର୍ଦ୍ଦେଶକ୍ରମେ ସାରା ରାଜ୍ୟରେ ଅପରେସନ 'ସାଇବର କବଚ' ଅଭିଯାନକୁ ତ୍ୱରାନ୍ୱିତ କରାଯାଇଥିଲା । ଏହି ଅଭିଯାନରେ ବ୍ୟବହୃତ ବେନାମୀ ବ୍ୟାଙ୍କ ଆକାଉଣ୍ଟ ବା 'ମ୍ୟୁଲ୍ ଆକାଉଣ୍ଟ' ଏବଂ ଏହା ସହ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ଚିହ୍ନଟ କରି ଦୃଢ଼ ଆଇନଗତ ପଦକ୍ଷେପ ଗ୍ରହଣ କରାଯାଇଛି । ତଦନ୍ତ ସମୟରେ, ଅଭିଯୁକ୍ତଙ୍କ କୋଟାକ ମହିନ୍ଦ୍ରା ବ୍ୟାଙ୍କ ଆକାଉଣ୍ଟଟି ଏନସିଆରପି ମାଧ୍ୟମରେ ଚିହ୍ନଟ ହୋଇଥିଲା। ତାଙ୍କ ଆକାଉଣ୍ଟକୁ ବିଭିନ୍ନ ସମୟରେ ୩୩, ହଜାର ୫୫୦ ଟଙ୍କା ଜମା ହୋଇଥିବା ତଦନ୍ତ ସମୟରେ ଜଣାପଡ଼ିଥିଲା। ତଦନ୍ତ ସମୟରେ ଉକ୍ତ ଅର୍ଥରାଶି ଗ୍ରହଣ କରିବା ଏବଂ ନିଜ ବ୍ୟାଙ୍କ ଆକାଉଣ୍ଟରେ ରଖିବା ସମ୍ପର୍କରେ ଅଭିଯୁକ୍ତ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରିନଥିଲେ। ଏ ସମ୍ପର୍କରେ ସମ୍ବଲପୁର ଟାଉନ ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ମାମଲା ରୁଜୁ ହୋଇଥିବା ଦିନ ହିଁ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ପରବର୍ତ୍ତୀ ସମୟରେ ଗତ ଏପ୍ରିଲ ୨୮ରେ ପ୍ରାଥମିକ ଚାର୍ଜସିଟ୍ ଦାଖଲ କରାଯାଇଥିଲା। ଅଦାଲତରେ ମାମଲାର ଶୁଣାଣି ସମୟରେ ୫ ଜଣ ସାକ୍ଷୀଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା। ଏଥିସହ ବ୍ୟାଙ୍କ ରେକର୍ଡ, ଜବତ ସମ୍ପର୍କିତ ଦଲିଲ ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ଦସ୍ତାବିଜକୁ ପ୍ରମାଣ ଭାବେ ଅଦାଲତରେ ଦାଖଲ କରାଯାଇଥିଲା। ଉପଲବ୍ଧ ସାକ୍ଷ୍ୟ ଓ ଦସ୍ତାବିଜ ପ୍ରମାଣକୁ ବିଚାର କରି ଅଦାଲତ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସାଇବର ଅପରାଧ ବିରୋଧରେ ସମ୍ବଲପୁର ପୋଲିସର ବୈଜ୍ଞାନିକ ତଦନ୍ତ, ପ୍ରମାଣ ସଂଗ୍ରହ ଏବଂ ଆଇନଗତ ପଦକ୍ଷେପକୁ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ଖୁରାନିଆ ପ୍ରଶଂସା କରିଛନ୍ତି। ସାଇବର ଠକେଇରେ ସମ୍ପୃକ୍ତ ବ୍ୟକ୍ତି ଏବଂ ମ୍ୟୁଲ୍ ଆକାଉଣ୍ଟ ଯୋଗାଇଦେଉଥିବା କିମ୍ବା ବ୍ୟବହାର କରୁଥିବା ସହଯୋଗୀମାନଙ୍କ ବିରୋଧରେ ଓଡ଼ିଶା ପୋଲିସର 'ଶୂନ୍ୟ ସହନଶୀଳତା' ନୀତି ଜାରି ରହିବ ବୋଲି ସେ ସ୍ପଷ୍ଟ କରିଛନ୍ତି। ନୂତନ ଭାରତୀୟ ଆଇନ ଲାଗୁ ହେବା ପରେ ଅପରାଧ ତଦନ୍ତ ଓ ଆଇନଗତ ପ୍ରକ୍ରିୟାକୁ ଅଧିକ ପ୍ରଭାବଶାଳୀ କରାଯାଇ ଅଳ୍ପ ସମୟ ମଧ୍ୟରେ ଦୋଷୀ ସାବ୍ୟସ୍ତ ହାର ବୃଦ୍ଧି ପାଉଥିବାରୁ ଶ୍ରୀ ଖୁରାନିଆ ସନ୍ତୋଷ ବ୍ୟକ୍ତ କରିଛନ୍ତି। ସାଇବର ଠକେଇ ରୋକିବା ଏବଂ ଏଥିରେ ବ୍ୟବହୃତ ମ୍ୟୁଲ୍ ଆକାଉଣ୍ଟ ନେଟୱର୍କକୁ ଧ୍ୱଂସ କରିବା ଦିଗରେ ଓଡ଼ିଶା ପୋଲିସର ଅଭିଯାନ ଆଗାମୀ ଦିନରେ ମଧ୍ୟ ଜାରି ରହିବ।

# ୨୧ ଲକ୍ଷ ଟଙ୍କା ହଡ଼ପ କରି ପୂର୍ବତନ ସେବା ସମବାୟ ସମିତି ସମ୍ପାଦକ ଗିରଫ

କଟକ(ନିପ୍ର): ଚାଷୀଙ୍କ ଉନ୍ନତି ପାଇଁ ଆସିଥିବା ଟଙ୍କା, ଚାଷୀଙ୍କ ଋଣ ଫେରସ୍ତ ଟଙ୍କା ଆଦି ହଡ଼ପ କରିବା ଅଭିଯୋଗରେ ମଙ୍ଗଳବାର ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ କଟକ ଜିଲ୍ଲା ଆନନ୍ଦପୁର ସେବା ସମବାୟ ସମିତିର ପୂର୍ବତନ ସମ୍ପାଦକ ଶରତ କୁମାର ନାୟକଙ୍କୁ ଗିରଫ କରିଛି। ତଦନ୍ତରେ ଅଭିଯୁକ୍ତ ଶରତ ଉକ୍ତ ପିଏସିର ପ୍ରାୟ ୨୧ଲକ୍ଷ ଟଙ୍କା ଆତ୍ମସାତ କରିଥିବା ଜଣାଯାଇଛି। ଭିଜିଲାନ୍ସ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ଶ୍ରୀ ନାୟକ ବାଙ୍କୀ ପିଏସି ଅଧୀନରେ ଥିବା ଆନନ୍ଦପୁର ସେବା ସମବାୟ ସମିତିର କୃଷକ ସଦସ୍ୟଙ୍କ ଋଣ ଫେରସ୍ତ ଟଙ୍କାକୁ ହଡ଼ପ କରିଛନ୍ତି। ଆଦାୟ ଋଣ ଟଙ୍କାକୁ ଦୈନିକ ଆଦାୟ ଖାତାରେ ଲେଖିଥିଲେ ମଧ୍ୟ ସରକାରୀ ହିସାବ ଖାତାରେ ହେରଫେର କରି ବାସ୍ତବ ଆଦାୟଠାରୁ କମ୍ ଆଦାୟ ହେବା ଦେଖାଇଥିଲେ। ୨୧ ଲକ୍ଷ ୨୮ ହଜାର ୦୫୮ ଟଙ୍କାକୁ ସେ ନିଜର ବ୍ୟକ୍ତିଗତ ଜମାଖାତାରେ ଜମା କରିଥିଲେ। ଏନେଇ ଅଭିଯୋଗ ପରେ କଟକ ଭିଜିଲାନ୍ସ ଥାନାରେ ଦୁର୍ନୀତି ନିବାରଣ ଆଇନର ଧାରା ୧୩(୨), ୧୩(୧)(ଏ), ଆଇପିସିର ଧାରା ୪୦୯, ୪୬୭, ୪୬୮, ୪୭୧, ୪୭୭-କରେ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତଙ୍କୁ ଗିରଫ ପରେ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ହାଜର କରାଯାଇଛି । ତାଙ୍କ ଜାମିନ ଆବେଦନ ଖାରଜ ପରେ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି । ଏହି ମାମଲାରେ ପରବର୍ତ୍ତୀ ତଦନ୍ତ ଜାରି ରହିଥିବା ବିଭାଗ ପକ୍ଷରୁ କୁହାଯାଇଛି।





ଭୁବନେଶ୍ୱର: ସ୍ୱାଧୀନତା ଦିବସ ପାଇଁ ଗାନ୍ଧିମାର୍ଗଠାରେ ପରେଡ ରିହର୍ସଲ (ଫଟୋ-ଦିନଲିପି)

## ମକର ଦ୍ୱାରରେ ଏନଡିଏ-ବିରୋଧୀ ସଦସ୍ୟ: କମ୍ପିଲା ସଂସଦ ପରିସର

ନୂଆଦିଲ୍ଲୀ, ୧୧।୮: ଛାତ୍ର ଆନ୍ଦୋଳନକୁ ନେଇ ମଙ୍ଗଳବାର ସଂସଦ ବାହାରେ ଦୁଇ ଦଳ ମୁହାଁମୁହିଁ ହୋଇଛନ୍ତି । ସଂସଦର ମକରଦ୍ୱାର ଫାଟକ ନିକଟରେ ସାମ୍ନାସାମ୍ନି ହୋଇଛନ୍ତି ଶାସକ ଓ ବିରୋଧୀ ଦଳ ସଦସ୍ୟ । ବିରୋଧୀ ଦଳ ନିଟ୍ ପେପର ଲିକ୍, ଆନ୍ଦୋଳନରତ ଛାତ୍ରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଏବଂ ରାମ ମନ୍ଦିର ଦାନର ଅପବ୍ୟବହାର ଭଳି ପ୍ରସଙ୍ଗ ଉଠାଇ ସଂସଦ ପରିସରରେ ଶୋଭାଯାତ୍ରା କରିଥିଲା ।

## ଗ୍ରେଟବ୍ରିଟେନରେ 'ଚିଲିକା'କୁ ଇଂରାଜୀ ବ୍ୟଞ୍ଜନ ପୁରସ୍କାର

ନୂଆଦିଲ୍ଲୀ/ଭୁବନେଶ୍ୱର, ୧୧।୮: ଗ୍ରେଟବ୍ରିଟେନରେ ରହୁଥିବା ପ୍ରବାସୀ ଓଡ଼ିଆ ଏବଂ ଓଡ଼ିଶାର ଖାଦ୍ୟ ପ୍ରେମୀଙ୍କ ପାଇଁ ଏକ ଗର୍ବର ମୁହୂର୍ତ୍ତ। ଲଣ୍ଡନର ବେକ୍ସଲିହିଥରେ ଥିବା ଏକ ଓଡ଼ିଆ ପ୍ରେରିତ ରେଷ୍ଟୁରାଣ୍ଟ 'ଚିଲିକା' ୨୦୨୬ ଇଂରାଜୀ ବ୍ୟଞ୍ଜନ ପୁରସ୍କାର ଜିତିଛି ।ଓଡ଼ିଶାର ସ୍ୱାଦ ଦ୍ୱାରା ଅନୁପ୍ରାଣିତ ଏବଂ ଏସିଆର ସର୍ବବୃହତ ଲବଣ ଜଳ ହ୍ରଦ ଚିଲିକା ହ୍ରଦ ଅନୁସାରେ ନାମିତ। 'ଚିଲିକା' ଲୋକପ୍ରିୟ ଭାରତୀୟ ଷ୍ଟ୍ରିଟ୍ ଫୁଡ୍ ସହିତ ପାରମ୍ପରିକ ଓଡ଼ିଆ ଖାଦ୍ୟ ପରିବେଷଣ କରେ।

## ରକେଟ୍ ଅଗ୍ନିଗୁଳାରେ ବିସ୍ଫୋରିତ

ନୂଆଦିଲ୍ଲୀ, ୧୧।୮: ଏକ ଚୀନ୍ ଲଙ୍ଗ୍ ମାର୍ଚ୍ଚ ୭ଏ ରକେଟ୍ ଉତ୍କ୍ଷେପଣର କିଛି ସେକେଣ୍ଡ ପରେ ଏକ ବିରାଟ ଅଗ୍ନିଗୁଳାରେ ବିସ୍ଫୋରିତ ହୋଇଛି। ମଧ୍ୟ-ଆକାଶ;। ବିସ୍ଫୋରଣ 'ବେଜିଂର ମହାକାଶ କାର୍ଯ୍ୟକ୍ରମର ଏକ ଅପେକ୍ଷାକୃତ ବିରଳ ବିଫଳତା' ବୋଲି ସିଏନଏନର ରିପୋର୍ଟରେ କୁହାଯାଇଛି। ବିଫଳତାର କାରଣ ପାଇଁ ତଦନ୍ତ ଚାଲିଛି।


**AFFIDAVIT**

By virtue of an affidavit sworn before The Executive Magistrate, Uditnagar, Rourkela dtd.27.07.2026, I Pradeep Kumar Mohanty S/o-Late Hadibandhu Mohanty, Qrs No.FL-24, Basanti Colony, Po-Rourkela-12, Ps-Uditnagar, Dist-Sundargarh, Odisha, Pin-769012 do hereby declare that RMC Rourkela has been issued with a birth certificate in favour of my daughter Kriteekeva Mohanty bearing Regn. No.7799/2011 dtd.12.10.2011, wherein my name has been wrongly recorded as Pradeep Ku. Mohanty instead of my correct name i.e Pradeep Kumar Mohanty as mentioned in my Aadhar Card of my said daughter vide Aadhar No.571042491042. Henceforth I shall be known as Pradeep Kumar Mohanty for all purposes and records.

Sd/-Pradeep Kumar Mohanty

**AFFIDAVIT**

By virtue of an affidavit sworn before The Executive Magistrate, Bhadrak affidavit no.3349 dtd.15.04.2026, I Smrutiranjan Nanda S/o-Rajkishor Nanda At-Barabhagasasan Po-Ichapur, Ps-Bhadrak(R) Dist-Bhadrak, Odisha, Pin-756127 do hereby declare that, I have changed my name from Smrutiranjan Nanda to Smutiranjan Nanda. Henceforth I shall be known as Smutiranjan Nanda for all purposes.

Sd/-Smrutiranjan Nanda


# ସହରାଞ୍ଚଳ ବନ୍ୟା ପରିଚାଳନା ପାଇଁ ୫,୫୨୦ କୋଟି ମଞ୍ଜୁର

ନୂଆଦିଲ୍ଲୀ, ୧୧/୮: କେନ୍ଦ୍ର ସରକାର ସହରାଞ୍ଚଳ ବନ୍ୟା ବିପଦ ପରିଚାଳନା କାର୍ଯ୍ୟକ୍ରମ(ୟୁ.ଏଫ୍.ଆରଏମ୍.ପି.) ଅଧୀନରେ ଦେଶର ୧୮ଟି ସହରରେ ସହରାଂଚଳ ବନ୍ୟା ବିପଦ ହ୍ରାସ କରିବା ଏବଂ ଜଳ ନିଷ୍କାସନ ବ୍ୟବସ୍ଥାକୁ ସୁଦୃଢ଼ କରିବା ଲାଗି ମୋଟ ୫,୫୨୦.୦୭ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ମଙ୍ଗଳବାର ଲୋକସଭାରେ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ଏହି ସୂଚନା ଦେଇଛନ୍ତି। ସେ ସୂଚନା ଦେଇଥିଲେ ଯେ ଏହି କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ଅହମ୍ମଦାବାଦ, ବେଙ୍ଗାଲୁରୁ, ଚେନ୍ନାଇ, ହାଇଦ୍ରାବାଦ, କୋଲକାତା, ମୁମ୍ବାଇ ଏବଂ ପୁଣେ ସମେତ ସାତଟି ସହର ପାଇଁ ୩,୦୭୫.୬୫ କୋଟି ଟଙ୍କା ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ଭୋପାଳ, ଭୁବନେଶ୍ୱର, ଗୌହାଟୀ, ଜୟପୁର, କାନପୁର, ପାଟନା, ରାୟପୁର, ଥିରୁବନନ୍ତପୁରମ, ବିଶାଖାପାଟଣା, ଇନ୍ଦୋର ଏବଂ ଲକ୍ଷ୍ନୌ ସମେତ ୧୧ଟି ସହର ପାଇଁ ୨,୪୪୪.୪୨ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହି ପ୍ରକଳ୍ପଗୁଡ଼ିକ ପାଇଁ ଜାତୀୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି (ଏନ୍.ଡି.ଏମ୍.ଏଫ୍.)ରୁ କେନ୍ଦ୍ରୀୟ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। ପ୍ରଥମ ପର୍ଯ୍ୟାୟରେ ଅହମ୍ମଦାବାଦ ପାଇଁ ୨୪୩.୯୦ କୋଟି ଟଙ୍କା, ବେଙ୍ଗାଲୁରୁ ପାଇଁ ୨୩୮.୭୨ କୋଟି ଟଙ୍କା, ଚେନ୍ନାଇ ପାଇଁ ୫୦୦ କୋଟି ଟଙ୍କା, ହାଇଦ୍ରାବାଦ ପାଇଁ ୨୫୦ କୋଟି ଟଙ୍କା, କୋଲକାତା ପାଇଁ ୫୦୦ କୋଟି ଟଙ୍କା, ମୁମ୍ବାଇ ପାଇଁ ୫୦୦ କୋଟି ଟଙ୍କା ଏବଂ ପୁଣେ ପାଇଁ ୨୫୦ କୋଟି ଟଙ୍କାର କେନ୍ଦ୍ରୀୟ ସହାୟତା ମଞ୍ଜୁର କରାଯାଇଛି।



# ଆଜି ଶ୍ରୀମନ୍ଦିରରେ ୫ ଘଣ୍ଟା ବନ୍ଦ ରହିବ ସାଧାରଣ ଦର୍ଶନ



ପୁରୀ, ୧୧/୮(ନିପ୍ର): ବୁଧବାର ଶ୍ରାବଣ କୃଷ୍ଣ ଅମାବାସ୍ୟା ତିଥି, ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ଚିତାଲାଗି ନୀତି ଅନୁଷ୍ଠିତ ହେବ । ଏଣୁ ପ୍ରଥମ ଭୋଗମଣ୍ଡପ ଭୋଗ ଶେଷ ହେବାପରେ ଅପରାହ୍ନ ୨ ଟାରୁ ସନ୍ଧ୍ୟା ୭ ଟା ଯାଏଁ ମିନିଟ ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ୫ ଘଣ୍ଟା ପାଇଁ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ । ଏନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ଏହି ଅବସରରେ ଶ୍ରୀଜୀଉଙ୍କ ମସ୍ତକରେ ଲାଗି ହୋଇଥାଏ ରତ୍ନଖଚିତ ସୁବର୍ଣ୍ଣ ଚିତା । ଗତ ସ୍ନାନପୂର୍ଣ୍ଣିମାରେ ଶ୍ରୀଜିଉଙ୍କ ମସ୍ତକରୁ ଏହି ଚିତାକୁ ସୁରକ୍ଷା ଦୃଷ୍ଟିରୁ ବାହାର କରି ଦିଆଯାଇଥିଲା । ଦଇତାପତି ସେବକମାନେ ଭଣ୍ଡାରମେକାପ ଓ ପାଟରା ବିଷୋୟୀ ସେବାୟତଙ୍କ ସହାୟତାରେ ଏହି ଚିତାକୁ ପୁଣି ଲାଗି କରିଥାନ୍ତି । ଶ୍ରୀମନ୍ଦିରରେ ପାଳିତ ଅନେକ ପର୍ବ ଓ ଉତ୍ସବ ପାଳନ ହେଉଥିବା ବେଳେ ଚିତାଲାଗି ଅମାବାସ୍ୟା ଅନ୍ୟତମ । ଭୋଗ ମଣ୍ଡପ ନୀତି ଶେଷ ହେବା ପରେ ରତ୍ନସିଂହାସନରୁ ଶ୍ରୀଦେବୀ ଓ ଭୂଦେବୀ ଖଟଶେଯ ଘରକୁ ବିଜେ କରିଥାନ୍ତି। ଏହାପରେ ଶ୍ରୀଜିଉମାନଙ୍କ ଝୋବା ମଇଲମ ହୋଇ ଜୟ ବିଜୟ ଦ୍ୱାର ବନ୍ଦ ହୋଇଥାଏ । ଏହି ଦିନ ସାଗର ବିଜେ କରିଥିବା ଅମାବାସ୍ୟା ଠାକୁର ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିବା ପରେ ପତି ମହାପାତ୍ର, ବାଡ଼ଗ୍ରାହୀ ଦଇତା ମାନେ ରତ୍ନସିଂହାସନାଧିଷ୍ଠିତ ଶ୍ରୀଜିଉଙ୍କର ଚିତାଲାଗି କାର୍ଯ୍ୟ କରିଥାନ୍ତି । ତିନୋଟି ସ୍ୱର୍ଣ୍ଣ ଚିତା ଶ୍ରୀଜୀଉମାନଙ୍କ କପାଳର ଶୀର୍ଷ ଭାଗରେ ଓଷୁଅରେ ପାଟ ଡୋର ସାହାଯ୍ୟରେ ଏହାକୁ ଦୃଢ଼ ଭାବରେ ବନ୍ଧା ଯାଇଥାଏ ।

# ଟ୍ରାଞ୍ଜିଷ୍ଟ ହାଉସ ଭାଙ୍ଗିବା ବେଳେ ଉତ୍ତେଜନା



**ଭୁବନେଶ୍ୱର, ୧୧।୮(ନିପ୍ର):** ଭୁବନେଶ୍ୱର ନୀଳାଦ୍ରି ବିହାର ଅଞ୍ଚଳରେ ମଙ୍ଗଳବାର ଏକ ବଡ଼ଧରଣର ଉଚ୍ଛେଦ ଅଭିଯାନ ଆରମ୍ଭ ହୋଇଛି। ବିଏମ୍‌ସି ଏବଂ ବିଡିଏ ପକ୍ଷରୁ ନିଳାଦ୍ରୀ ବିହାର ଅଞ୍ଚଳରେ ଥିବା ଟ୍ରାଞ୍ଜିଷ୍ଟ ହାଉସ ଉଚ୍ଛେଦ କରାଯାଉଛି। ଉଚ୍ଛେଦକୁ ବିରୋଧ କରି ପୋଲିସ-ଜନତା ମୁହାଁମୁହିଁ ହୋଇଛନ୍ତି। ଉଚ୍ଛେଦ ପୂର୍ବରୁ ଥଇଥାନ କରିବାକୁ ଲୋକେ ଦାବି କରିଛନ୍ତି। ଏନେଇ ଘଟଣାସ୍ଥଳରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଛି। ପୋଲିସ ଲୋକଙ୍କୁ ବୁଝାଶୁଝା କରୁଥିବା ବେଳେ ଉଚ୍ଛେଦ ପ୍ରକ୍ରିୟା ଜାରି ରହିଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ଘଟଣାସ୍ଥଳରେ ୩ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି।

## ଲାଠିଚାର୍ଜ ପରେ ମଧ୍ୟ ଥମିଲା ନାହିଁ ଛାତ୍ର ଆନ୍ଦୋଳନ

# ଜୟପାଲ ସିଂହ ଷ୍ଟାଡିୟମରେ ଆମରଣ ଅନଶନ ଜାରି



ରାଂଚି, ୧୧/୮: ଜେପିଏସସି-ଜେଏସଏସସି ପ୍ରସଙ୍ଗକୁ ନେଇ ଗତ ୧୮ ଦିନ ଧରି ଚାଲିଥିବା ଛାତ୍ର-ପରୀକ୍ଷାର୍ଥୀଙ୍କ ଆନ୍ଦୋଳନ ମଙ୍ଗଳବାର ଲାଠିଚାର୍ଜର ଦ୍ୱିତୀୟ ଦିନରେ ମଧ୍ୟ ଜାରି ରହିଲା। ୧୦ ଅଗଷ୍ଟରେ ବିଧାନସଭା ମାର୍ଚ୍ଚ ସମୟରେ ପୁଲିସ ଲାଠିଚାର୍ଜ ଏବଂ ହଙ୍ଗାମା ପରେ ଛାତ୍ର-ପରୀକ୍ଷାର୍ଥୀମାନେ ମଙ୍ଗଳବାର ପୁଣି ଜୟପାଲ ସିଂହ ଷ୍ଟାଡିୟମରେ ମୋର୍ଚ୍ଚା ସମ୍ଭାଳିଲେ। ଜେପିଏସସି-ଜେଏସଏସସି ରିଫର୍ମ ମଂଚ ଏବଂ ଦେବେନ୍ଦ୍ର ନାଥ ମହତୋ ଗୋଷ୍ଠୀ ସହ ଜଡ଼ିତ ଛାତ୍ର-ପରୀକ୍ଷାର୍ଥୀମାନେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁସାରେ ଆମରଣ ଅନଶନ ଏବଂ ସତ୍ୟାଗ୍ରହ ଜାରି ରଖିବାକୁ ନିଷ୍ପତ୍ତି ନେଇଛନ୍ତି। ଆନ୍ଦୋଳନକାରୀ ଛାତ୍ରମାନଙ୍କ କହିବା ଅନୁସାରେ, ଦାବି ପୂରଣ ନହେବା ପର୍ଯ୍ୟନ୍ତ ସେମାନେ ପଛକୁ ହଟିବେ ନାହିଁ। ଛାତ୍ର କୁଣାଲ ପ୍ରତାପ ସିଂହ କହିଛନ୍ତି ଯେ ଲାଠିଚାର୍ଜ ସତ୍ତ୍ୱେ ଛାତ୍ରମାନଙ୍କ ମଧ୍ୟରେ ଏକତା ବଜାୟ ରହିଛି। ସେ କହିଛନ୍ତି ଯେ ଅନଶନକାରୀ ରାହୁଲ କୁମାରଙ୍କ ସ୍ୱାସ୍ଥ୍ୟ ପୂର୍ବାପେକ୍ଷା ଭଲ ଅଛି, କିନ୍ତୁ ସେ ଏବେ ମଧ୍ୟ ହସ୍ପିଟାଲରେ ଭର୍ତ୍ତି ଅଛନ୍ତି। ଅନ୍ୟପକ୍ଷରେ, ରୂପେଶ କୁମାର, ସବିତା କୁମାରୀ ଏବଂ ହବିବାଙ୍କ ଆମରଣ ଅନଶନ ଜାରି ରହିଛି। ଛାତ୍ର ବିନୋଦ ମେହତାଙ୍କ ସମେତ ଅନ୍ୟ ଆନ୍ଦୋଳନ କାରୀମାନେ କହିଛନ୍ତି ଯେ ପୁଲିସ ଲାଠିଚାର୍ଜ ଏବଂ କଥିତ ବର୍ବରତା ସତ୍ତ୍ୱେ ସେମାନଙ୍କ ମନୋବଳ କମିନାହିଁ। ସେମାନେ କହିଛନ୍ତି ଯେ ଛାତ୍ରମାନେ ଏବେ ଦୁଇଗୁଣ ଉତ୍ସାହରେ ଆନ୍ଦୋଳନ କରିବେ ଏବଂ ଦାବି ପୂରଣ ନହେବା ପର୍ଯ୍ୟନ୍ତ ଆମରଣ ଅନଶନ ଜାରି ରହିବ।

## ଚାଳକଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁଁ ମୁଖ୍ୟମନ୍ତ୍ରୀ ବସ୍‌ସେବା ପ୍ରଭାବିତ

ଚମ୍ପୁଆ, ୧୧/୮(ନିପ୍ର): କେନ୍ଦୁଝର ଜିଲ୍ଲାରେ ଚମ୍ପୁଆ ବ୍ଲକ୍ରେ ମୁଖ୍ୟମନ୍ତ୍ରୀ ବସ ସେବା ଚାଳକମାନଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁଁ ବ୍ଲକରେ ମୁଖ୍ୟମନ୍ତ୍ରୀ ବସ୍‌ସେବା ପ୍ରଭାବିତ ହୋଇଛି। ବ୍ଲକରେ ଚଳାଚଳ କରୁଥିବା ପାଂଚଟି ମୁଖ୍ୟମନ୍ତ୍ରୀ ବସ୍ ବନ୍ଦ ଯୋଗୁ ଗ୍ରାମାଂଚଳ ଯାତ୍ରୀମାନେ ହଇରାଣର ସମ୍ମୁଖୀନ ହୋଇଥିବା ଦେଖିବାକୁ ମିଳିଛି। ବସ ଗୁଡ଼ିକୁ ଚଳାଉ ଥିବା ଭେଣ୍ଡର କମ୍ପାନୀ କୁନାଲ ଟ୍ରାନ୍ସପୋର୍ଟ ଠିକ୍ ସମୟରେ ଚାଳକ ମାନଙ୍କୁ ଦରମା ଦେଉ ନଥିବା, ପ୍ରତିଶ୍ରୁତି ଅନୁସାରେ ବାର୍ଷିକ ଦରମା ରେ ଦଶ ପ୍ରତିଶତ ବୃଦ୍ଧି ନେଇ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ଏବଂ ଓଭର ଟାଇମ୍‌ର ପେମେଂଟ କରୁନଥିବାରୁ ଏହାର ପ୍ରତିବାଦ କରି ଆଜି ଠାରୁ ଚାଳକମାନେ କାର୍ଯ୍ୟବନ୍ଦ ଡାକରା ଦେଇଥିଲେ। ତେବେ ଭେଣ୍ଡର କମ୍ପାନୀ ସଙ୍ଗେ ଆଲୋଚନା ପରେ କମ୍ପାନୀ ଅତିଶୀଘ୍ର ଚାଳକମାନଙ୍କ ଦାବୀ ପୂରଣ ପାଇଁ ପ୍ରତିଶ୍ରୁତି ଦେବାରୁ ଦିନ ଦୁଇଟା ସମୟ ରେ ବସ ସେବା ସ୍ୱାଭାବିକ ହୋଇଥିଲା। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ପୁଣି ଥରେ କାର୍ଯ୍ୟବନ୍ଦ ଆନ୍ଦୋଳନ ରେ ବସିବାକୁ ବାଧ୍ୟ ହେବେ ବୋଲି ଚାଳକମାନେ ଚେତାବନୀ ଦେଇଛନ୍ତି।

## ସ୍ୱତନ୍ତ୍ର ସଘନ ସଂଶୋଧନ ସମୀକ୍ଷା ବୈଠକ

ପୁରୀ, ୧୧/୮(ନିପ୍ର): ସ୍ୱତନ୍ତ୍ର ସଘନ ସଂଶୋଧନ ବା ଏସ ଆଇ ଆର ସମ୍ପର୍କରେ ପୁରୀ ଜିଲ୍ଲାର ସମସ୍ତ ଛଅଟି ବିଧାନସଭା ନିର୍ବାଚନମଣ୍ଡଳୀର ସ୍ୱୀକୃତ ରାଜନୈତିକ ଦଳଗୁଡ଼ିକର ପ୍ରତିନିଧିମାନଙ୍କ ସହ ଏକ ସମୀକ୍ଷା ବୈଠକ ମଙ୍ଗଳବାର ଅପରାହ୍ନରେ ସର୍କିଟ ହାଉସ ଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ତଥା ନିର୍ବାଚନ ଅଧିକାରୀ ଶରତ ଚନ୍ଦ୍ର ବେହେରା ଅଧକ୍ଷତା କରିବା ସହ ସ୍ୱତନ୍ତ୍ର ସଘନ ସଂଶୋଧନ ସମ୍ପର୍କରେ ରାଜନୈତିକ ଦଳର ପ୍ରତିନିଧି ମାନଙ୍କ ସହ ଆଲୋଚନା କରିଥିଲେ। ସମସ୍ତ ଛଅଟି ନିର୍ବାଚନ ପଞ୍ଜୀକରଣ ଅଧିକାରୀ ୧୦୫ କାକଟପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ, ୧୦୬ ନିମାପଡା ନିର୍ବାଚନ ମଣ୍ଡଳୀ ପାଇଁ ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ, ୧୦୭ ପୁରୀ ନିର୍ବାଚନ ମଣ୍ଡଳୀ ପାଇଁ ଉପଜିଲ୍ଲାପାଳ, ୧୦୮ ବ୍ରହ୍ମଗିରି ପାଇଁ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ,୧୦୯ ସତ୍ୟବାଦୀ ପାଇଁ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଓ ୧୧୦ ପିପିଲି ନିର୍ବାଚନ ମଣ୍ଡଳୀ ପାଇଁ ଅତିରିକ୍ତ ଉପ ଜିଲ୍ଲାପାଳ ଦାୟିତ୍ୱରେ ରହିଛନ୍ତି। ବୈଠକରେ ଦାବି ଓ ଆପତ୍ତି ସମ୍ବନ୍ଧୀୟ ଫର୍ମ ୯, ୧୦, ୧୧, ୧୧ଏ ଓ ୧୧ଏ ରେ ଗ୍ରହଣ କରାଯାଇଥିବା ତାଲିକାଗୁଡ଼ିକ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ସୂଚନା ଓ ଆବଶ୍ୟକ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ ହସ୍ତାନ୍ତର କରାଯାଇଥିଲା। ସୁଯୋଗ ପ୍ରଦାନ କରିଥିଲା।

## 'ଗ୍ରାମାଞ୍ଚଳ ତୁଳନାରେ ସହରାଞ୍ଚଳରେ ମଧୁମେହ ଅଧିକ'

ଭୁବନେଶ୍ୱର, ୧୧।୮: ଭାରତରେ ମଧୁମେହ, ମୋଟାପଣ ଓ ଅତ୍ୟଧିକ ମାନସିକ ଚାପ ବୃଦ୍ଧି ପାଇବାରେ ଲାଗିଛି । ଗ୍ରାମାଞ୍ଚଳ ତୁଳନାରେ ସହରାଞ୍ଚଳରେ ଏହି ସମସ୍ୟା ଅଧିକ । ରାଜ୍ୟସଭାରେ ସାଂସଦ ଦିଲ୍ଲୀପ ରାୟଙ୍କ ଏକ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ପ୍ରତାପ ରାଓ ଯାଦବ ଏହି ତଥ୍ୟ ପ୍ରଦାନ କରିଛନ୍ତି ।ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ କହିଛନ୍ତି ଯେ ଏ ସଂକ୍ରାନ୍ତରେ ଭାରତୀୟ ଭେଷଜ ଗବେଷଣା ପରିଷଦ (ଆଇସିଏମ୍ଆର୍) ପକ୍ଷରୁ ଲଗାତାର ଅଧ୍ୟୟନ କରାଯାଇ ନିକଟରେ ଏକ ବିସ୍ତୃତ ରିପୋର୍ଟ ପ୍ରକାଶ ପାଇଛି । ଦେଶର ସହରାଞ୍ଚଳର ଅନ୍ୟୁନ ୧୬.୪୦ ପ୍ରତିଶତ ଲୋକ ମଧୁମେହରେ ଆକ୍ରାନ୍ତ ହୋଇଥିବାବେଳେ ଗ୍ରାମାଞ୍ଚଳରେ ଏହି ସଂଖ୍ୟା କିନ୍ତୁ ୮.୯୦ ପ୍ରତିଶତ ରହିଛି ।ସେହିପରି ମୋଟାପଣ କ୍ଷେତ୍ରରେ ସାଧାରଣ ବଡି ମାକ୍ସ ଇଣ୍ଡେକ୍ସ ସହରାଞ୍ଚଳରେ ୩୯.୬୦ ପ୍ରତିଶତ ଥିବାବେଳେ ଗ୍ରାମାଞ୍ଚଳରେ ୨୩.୧୦ ପ୍ରତିଶତ ରହିଛି । ଦେଶର ଗ୍ରାମାଞ୍ଚଳରେ ଅନ୍ୟୁନ ୩୩.୫୦ ପ୍ରତିଶତ ଲୋକଙ୍କ ପେଟ ଆବଶ୍ୟକତାଠାରୁ ଅଧିକ ବଡ଼ ଥିବାବେଳେ ସହରାଞ୍ଚଳରେ ୫୧.୬୦ ପ୍ରତିଶତ ଲୋକଙ୍କ କ୍ଷେତ୍ରରେ ଏହି ସମସ୍ୟା ଲାଗି ରହିଛି ।

## ପୂର୍ବତଟ ରେଳପଥ ପକ୍ଷରୁ ସମ୍ବଲପୁର-ଚର୍ଲାପଲ୍ଲୀ ସ୍ପେଶାଲ୍ ଏକ୍ସପ୍ରେସ୍ ଟ୍ରେନ



ଭୁବନେଶ୍ୱର, ୧୧/୮(ପିଆଇବି): ଓଡ଼ିଶାରୁ ଆନ୍ଧ୍ରପ୍ରଦେଶ ଏବଂ ତେଲେଙ୍ଗାନା ଅଭିମୁଖେ ବଢ଼ିଥିବା ଯାତ୍ରୀ ଚାହିଦାକୁ ଦୃଷ୍ଟିରେ ରଖି ଏବଂ ଯାତ୍ରୀମାନଙ୍କୁ ଅଧିକ ସୁବିଧାଜନକ ଯାତ୍ରା ସୁନିଶ୍ଚିତ କରିବା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ସମ୍ବଲପୁର-ଚର୍ଲାପଲ୍ଲୀ ମଧ୍ୟରେ ଏକ ସ୍ପେଶାଲ୍ ଏକ୍ସପ୍ରେସ୍ ପରିଚାଳନା କରାଯିବ। ଟ୍ରେନ୍ ନଂ ୦୮୩୦୯ ସମ୍ବଲପୁର-ଚର୍ଲାପଲ୍ଲୀ ସ୍ପେଶାଲ୍ ଏକ୍ସପ୍ରେସ୍ ୧୪ ଅଗଷ୍ଟ ୨୦୨୬ (ଶୁକ୍ରବାର) ୧୧:୪୫ ଘଣ୍ଟାରେ ସମ୍ବଲପୁରରୁ ଯାତ୍ରା ଆରମ୍ଭ କରି ୧୫ ଅଗଷ୍ଟ ୨୦୨୬ ଶନିବାର ଦିନ ୧୧:୩୦ ଘଣ୍ଟାରେ ଚର୍ଲାପଲ୍ଲୀରେ ପହଞ୍ଚିବ।

# କଂଗ୍ରେସ ପକ୍ଷରୁ ଆଜି ୧୨ ଘଣ୍ଟିଆ ଅନୁଗୁଳ ଜିଲ୍ଲା ବନ୍ଦ ଡାକରା

ଅନୁଗୁଳ, ୧୧/୮ (ନିପ୍ର): କଂଗ୍ରେସ ପକ୍ଷରୁ ବୁଧବାର ୧୨ ଘଣ୍ଟିଆ ଅନୁଗୁଳ ଜିଲ୍ଲା ବନ୍ଦ ଡାକରା ଦିଆଯାଇଛି । ସକାଳ ୬ଟା ଠାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଏହି ବନ୍ଦ ପାଳନ କରାଯିବ । କୋଇଲା ଓ ପାଉଁଶ ପରିବହନ ଯୋଗୁଁ ବାୟୁ ପ୍ରଦୂଷଣ, ଶବ୍ଦ ପ୍ରଦୂଷଣ, ସଡ଼କ ଦୁର୍ଘଟଣା ବୃଦ୍ଧି ପାଇବା ସହିତ ଲୋକଙ୍କ ସ୍ୱାସ୍ଥ୍ୟହାନି ଘଟୁଛି । ଯାହାକି ଜିଲ୍ଲାବାସୀଙ୍କୁ ଅତିଷ୍ଠ କରିଛି । ଏହାର ପ୍ରତିବାଦରେ ଜିଲ୍ଲା କଂଗ୍ରେସ ୧୨ ଘଂଟିଆ ବନ୍ଦ ଡାକରା ଦେଇଛି । ଏହି ସମୟରେ ପିକେଟିଂ କରି ଜିଲ୍ଲାର ସମସ୍ତ ଶିକ୍ଷା ଅନୁଷ୍ଠାନ, ସରକାରୀ କାର୍ଯ୍ୟାଳୟ, ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ ରଖିବା ସହିତ ଅଖ ଚକ ବନ୍ଦ ରଖିବା ପାଇଁ ନିଷ୍ପତି ନେଇଛି ଜିଲ୍ଲା କଂଗ୍ରେସ । ଅନୁଗୁଳ ଜିଲ୍ଲା କଂଗ୍ରେସ ସଭାପତି ସୁନିଲ ପ୍ରଧାନ କହିଛନ୍ତି ଯେ, ଜିଲ୍ଲାରେ ବ୍ୟାପକ କୋଇଲା ଓ ପାଉଁଶ ପରିବହନ ଯୋଗୁଁ ବାୟୁ ପ୍ରଦୂଷଣ, ଶବ୍ଦ ପ୍ରଦୂଷଣ ଏବଂ ସଡ଼କ ଦୁର୍ଘଟଣା ମଧ୍ୟ ବୃଦ୍ଧି ପାଉଛି । ଲୋକଙ୍କ ସ୍ୱାସ୍ଥ୍ୟହାନି ଘଟୁଛି । ଅନେକ ଦୁରାରୋଗ୍ୟର ଶିକାର ହେଉଛନ୍ତି ଅନୁଗୁଳବାସୀ । ତେଣୁ ପ୍ରଦୂଷଣମୁକ୍ତ ଅନୁଗୁଳ ପାଇଁ ଏହି ବନ୍ଦ ଡାକରା ଦିଆଯାଇଛି । ଏଥିରେ ସହଯୋଗ କରି ବନ୍ଦକୁ ସଫଳ କରିବା ପାଇଁ ଜିଲ୍ଲାର ସମସ୍ତ ସଂଘ, ଜନସାଧାରଣଙ୍କୁ ମଧ୍ୟ ଅନୁରୋଧ କରାଯାଇଛି ।


**AFFIDAVIT**

I, Roshni Pradhan, aged about 18 years, D/o- Ramakrushna Pradhan, residing at At- Balisahi, Khandisi, PO-Jhadapada, PS- Chandpur, Dist-Nayagarh,pin-752025.do hereby declare that my correct name is recorded as Roshni Pradhan, D/o-Ramakrushna Pradhan in my Aadhaar Card (No: 6487 5665 5937) and Birth Certificate (Regd No: 777/2023). However, in my LIC Policy Bond (Policy No: 847568612), my name and address have been erroneously recorded as Soumyashree Pradhan, S/o- Sriya Pradhan, At/PO- Kuhudi (Laxmidharpur), Dist- Khordha, pin-752027.


# ରାଜ୍ୟସ୍ତରୀୟ ସ୍ୱାଧୀନତା ଲାଗି ରାଜଧାନୀରେ ଟ୍ରାଫିକ କଟକଣା



**ଭୁବନେଶ୍ୱର, ୧୧/୮(ନିପ୍ର):** ୨୦୨୬ ମସିହା ସ୍ୱାଧୀନତା ଦିବସ ଉପଲକ୍ଷେ ଭୁବନେଶ୍ୱରରେ ମହାତ୍ମା ଗାନ୍ଧୀ ମାର୍ଗରେ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ପରେଡ୍ ଅନୁଷ୍ଠିତ ହେବ। ଏହି ନିମନ୍ତେ ଆସନ୍ତା ୧୨ ତାରିଖ ଅପରାହ୍ନ ୨.୩୦ ମିନିଟ୍ ଠାରୁ ୬ ଘଟିକା ପର୍ଯ୍ୟନ୍ତ ଅଭ୍ୟାସ ପ୍ୟାରେଡ୍, ୧୩ ତାରିଖ ସକାଳ ୮.୩୦ ମିନିଟ୍ ଠାରୁ ୧୧.୩୦ ମିନିଟ୍ ପର୍ଯ୍ୟନ୍ତ ପୂର୍ଣ୍ଣଅଭ୍ୟାସ ପ୍ୟାରେଡ୍ ଅନୁଷ୍ଠିତ ହେବ ଏବଂ ୧୫ ତାରିଖରେ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ପ୍ୟାରେଡ୍ ସକାଳ ୬ଟାରୁ ପରେଡ୍ ଶେଷ ହେବା ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ସୁଗମନାଗମନ ଓ ପାର୍କିଂ ନିମନ୍ତେ ଓଡିଶା ସହରାଞ୍ଚଳ ଆଇନ ୨୦୦୩ର ଧାରା ୨୮ (ଓଡ଼ିଶା ଆକ୍ଟ ୨୦୦୭ ର ଧାରା ୮) ଏବଂ ଭୁବନେଶ୍ୱର-କଟକ, ପୋଲିସ କମିଶନରେଟ୍ (ଟ୍ରାଫିକ୍ ଓ ପବ୍ଲିକ୍ ଅର୍ଡ଼ର) ୨୦୦୮ର ଧାରା ୩୬କୁ ଆଧାର କରି ନିମ୍ନଲିଖିତ କଟକଣା ଗୁଡ଼ିକ ଲାଗୁ କରାଯାଇଛି। କୌଣସି ପ୍ରକାର ଭାରୀଯାନ ରାମମନ୍ଦିର ଏବଂ ରାଜମହଲ ଛକ ପଟୁ ମାଷ୍ଟରକ୍ୟାଣ୍ଟିନ୍ ଛକକୁ ଯିବାକୁ ଦିଆଯିବ ନାହିଁ। କେବଳ ଦୁଇଚକିଆ ତଥା ହାଲୁକା ଯାନ ରାଜମହଲ ଛକରୁ ମାଷ୍ଟରକ୍ୟାଣ୍ଟିନ୍ ଆଡ଼କୁ ଆସିପାରିବେ କିନ୍ତୁ ପି.ଏମ.ଜି. ଛକ ଆଡ଼କୁ ଯିବାପାଇଁ ଅନୁମତି ଦିଆଯିବ ନାହିଁ। ହାଉସିଂବୋର୍ଡ ଛକ ପଟୁ ରବିନ୍ଦ୍ରମଣ୍ଡପ ଆଡ଼କୁ ଆସୁଥିବା ଯାନବାହାନ ଗୁଡ଼ିକ କେଶରୀ ଟକିଜ୍ ଠାରୁ ଆଗକୁ ନଯାଇ ସେହିଠାରୁ ବାମପଟ ଲେନ୍ ଦେଇ ଯାଇପାରିବେ। ସେହିପରି ଏ.ଜି. ଛକରୁ ପି.ଏମ୍.ଜି. ଛକ ଆଡ଼କୁ ଆସୁଥିବା ସମସ୍ତ ଯାନବାହାନ ଗୁଡ଼ିକ ଜୟଦେବ ଭବନ ଗଳି ରାସ୍ତା ଦେଇ ଇଡକଲ୍ ଅଡିଟୋରିୟମ୍ ପଟକୁ ଯିବେ। ୧୨୦ ବାଟାଲିୟନ୍ ଛକରୁ ରବିନ୍ଦ୍ରମଣ୍ଡପ ଆଡ଼କୁ ଆସୁଥିବା ସମସ୍ତ ଯାନବାହାନ ଏମ୍.ଏଲ୍.ଏ. କଲୋନୀ ରାସ୍ତା ଦେଇ ୟୁନିଟ୍-୪ ନମ୍ବର ଆଡ଼କୁ ଯିବେ। ମହାତ୍ମା ଗାନ୍ଧୀ ମାର୍ଗ ସଂଲଗ୍ନ ସମସ୍ତ ଲେନ୍ ଓ ବାଇଲେନ୍ ଗୁଡ଼ିକରେ ଯାନବାହାନ ଚଳାଚଳ ବନ୍ଦ ରହିବ। କେବଳ ପଦଚାରୀ ମାନେ ଚାଲିକରି ମହାତ୍ମା ଗାନ୍ଧୀ ମାର୍ଗକୁ ଆସିପାରିବେ। ଏଥିସହିତ ପାର୍କିଂ ନିମନ୍ତେ ରେଳଷ୍ଟେସନ ପାଖ ବି.ଡ଼ି.ଏ. ବସଷ୍ଟାଣ୍ଡ। କଂଗ୍ରେସ ଭବନ ପାଖ ଖୋଲା ସ୍ଥାନ। ଇଡକଲ୍ ଅଡିଟୋରିୟମ୍ ପାଖ ଖୋଲା ସ୍ଥାନ। ଜୟଦେବ ଭବନ ସାମ୍ନାରେ ଥିବା ଖୋଲା ସ୍ଥାନ। ୟୁନିଟ୍-୩ ଷ୍ଟେଟବ୍ୟାଙ୍କ ଅଫ ଇଣ୍ଡିଆ ସାମ୍ନାରେ ଥିବା ଖୋଲା ସ୍ଥାନ। ରବିନ୍ଦ୍ରମଣ୍ଡପ ହତା ଭିତର ଖୋଲା ସ୍ଥାନ। ଓ ୟୁନିଟ୍-୨ ସରକାରୀ ବାଳିକା ବିଦ୍ୟାଳୟ ପଡ଼ିଆକୁ ଚିହ୍ନଟ କରାଯାଇଛି।

## ୪ ମାଓବାଦୀଙ୍କ ଆତ୍ମସମର୍ପଣ

ରାଉରକେଲା, ୧୧।୮: ରାଉରକେଲା-ଚାଇଁବାସା ପୋଲିସ ନିକଟରେ ମଙ୍ଗଳବାର ୪ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଏହି ମାଓବାଦୀଙ୍କ ମଧ୍ୟରେ ୧୦ ଲକ୍ଷ ଟଙ୍କା ପୁରସ୍କାର ଘୋଷିତ ଜୋନାଲ୍ କମିଟି ସଦସ୍ୟ ସାଲୁକା କାୟମ ଓରଫ ଭୁବନେଶ୍ୱର ଓରଫ ମରୁର ଓରଫ ଡାଙ୍ଗିଲ ଓରଫ ବିକ୍ରମ ଓରଫ ତୁବୁଇ ଓରଫ ଜୟରାମ ରହିଛନ୍ତି ।ସେହିପରି ଅନ୍ୟ ମହିଳା ମାଓବାଦୀ ପିଙ୍କି, କୋଦୋ ମୁନି ଓରଫ ପଦ୍ମିନୀ ଏବଂ ଚାଇଁବାସା ନିବାସୀ ମାଓବାଦୀ ଅନିତା ଏଥିରେ ସାମିଲ ଅଛନ୍ତି ।ମାଓବାଦୀ ପଲିଟିବ୍ୟୁରୋ ସଦସ୍ୟ ହାର୍ଡକୋର ମାଓବାଦୀ ମିଶିର ବେଶ୍ରା ଆତ୍ମସମର୍ପଣ କରିବା ପରେ ଏହି ହାର୍ଡକୋର ମାଓବାଦୀମାନେ ଆତ୍ମସମର୍ପଣ କରିଛନ୍ତି।


**EXPRESSION OF INTEREST (EOI)**

The Branch Manager, NCCF of India Ltd., Bhubaneswar invites bids/ offers under bid systems (Technical/ Financial) from eligible and experienced contractors/agencies for Development of District Asset Management & Information System (DAMIS) Mobile Application of Sundergarh in the state of Odisha. Please visit website www.nccfindia.com for detailed information. For any future queries please contact to 9899565357.

**Branch Manager, NCCF, BBSR**
**Dt.12/08/2026**



Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ | ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ